JULY 18, 2026
SATURDAY, BHUBANESWAR

ଜୁଲାଇ ୧୮, ୨୦୨୬
ଶନିବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ
ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 313 ବର୍ଷ- ୧ ● ସଂଖ୍ୟା- ୩୧୩ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

ଶରଧାବାଲିରେ ତିନି ରଥ

ଆଜି ହେବ ଆଡ଼ପ ମଣ୍ଡପ ବିଜେ

ପୁରୀ,୧୭ ।୭(ଅକ୍ଷର ଓଡ଼ିଶା): ଭୋର ପ୍ରାୟ ୪ଟା । ସାରା ପୁରୀ ସହର ନିଶ୍ଚଳ ଥିବାବେଳେ ବଡ଼ଦାଣ୍ଡ କିନ୍ତୁ ଜାଗ୍ରତ ଥିଲା । ମାର୍କେଟ ଛକରେ ଅଟକିଥିବା ତାଳଧ୍ୱଜ, ମରିଚିକୋଟ ନିକଟରେ ଦର୍ପଦଳନ ଏବଂ ସିଂହଦ୍ୱାର ପାଖରେ ଥମିଯାଇଥିବା ନନ୍ଦିଘୋଷ ରଥ ଉପରେ ଚାଲିଥିଲା ମହାପ୍ରଭୁଙ୍କ ଗୋପନୀୟ ନୀତିକାନ୍ତି । ବିଳମ୍ବିତ ରାତିରେ ମଧ୍ୟାହ୍ନ ଧୂପ ସରିବା ବେଳକୁ ରାତି ସାଢ଼େ ୩ଟା ହୋଇଯାଇଥିବାରୁ କାଳିଆ ସେଦିନ ଶୋଇପାରି ନଥିଲା । ତା'ର ରାତ୍ର ପହୁଡ଼ ହୋଇ ନଥିଲା ।ମହାପ୍ରଭୁଙ୍କ ନବଦିନ ଯାତ୍ରାର

ବଡ଼ଦାଣ୍ଡରେ କମ୍ପିଲା ହରିବୋଲ ଧ୍ୱନି

ଦ୍ୱିତୀୟ ଦିନରେ ସକାଳ ୭ଟା୨୦ରୁ ରଥାରୁଢ଼ ଶ୍ରୀଜିଉମାନଙ୍କର ମଙ୍ଗଳ ଆଳତି ଆରମ୍ଭ ହୋଇ ସକାଳ ୮ ଟା ସୁଦ୍ଧାଶେଷ ହୋଇଥିଲା ।ପରେ ତଡପଲାଗି, ମାଇଲମ,ଅବକାଶ ଓ ବେଶ ଆଦି ନୀତିପରେ ପୂର୍ବାହ୍ନ ସାଢେ ୯ଟାରେ ଆରମ୍ଭ ହୋଇଥିଲା ରଥ ଟଣା । ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ମଧ୍ୟାହ୍ନ ୨ଟା ୫୦ ମିନିଟ ସୁଦ୍ଧା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦଘୋଷ ରଥ ଶରଧାବାଲିରେ ପହଞ୍ଚିଥିଲା । ଅନୁକୂଳ ପାଗ ଯୋଗୁଁ ଗତକାଲି ଭଳି ମଧ୍ୟ ଜନସମୁଦ୍ରରେ ପରିଣତ ହୋଇଥିଲା ଶ୍ରୀକ୍ଷେତ୍ର । ଗତକାଲି ଠାରୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟାଣିବାକୁ ଅପେକ୍ଷାରତ ରାଜ୍ୟ ତଥା ରାଜ୍ୟ ବାହାରର ଲକ୍ଷାଧିକ ଶ୍ରଦ୍ଧାଳୁ ରଥ ଟାଣି ନିଜକୁ କୃତାର୍ଥମନେ କରିଥିଲେ । ଭକ୍ତଙ୍କ ହରିବୋଲ ହୁଳହୁଳି ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନିରେ ଉଛୁଳି ପଡିଥିଲା ବଡଦାଣ୍ଡ । ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପଡିଥିଲା ମୁରୁଜର ଚିତା । ତେବେ ସିଂହଦ୍ୱାର ପରିବର୍ତ୍ତେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଜମିଥିଲା ଭକ୍ତଙ୍କ ଭିଡ଼ । ରଥାରୂଢ଼ ☞ପୃଷ୍ଠା-୨

ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମହା ମିଶ୍ରଣ ପର୍ବ

ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବାକୁ ନେତୃବୃନ୍ଦଙ୍କ ସଂକଳ୍ପ

- ବିକାଶର ସହଭାଗୀ ହେବେ ନୂଆ କାର୍ଯ୍ୟକର୍ତ୍ତା: ମନମୋହନ ସାମଲ
- ରାୟଗଡ଼ା, ନୂଆପଡ଼ା ଓ ଝାରସୁଗୁଡ଼ାରେ ବିଜେପିର ଶକ୍ତି ବୃଦ୍ଧି
- ବିକଶିତ ଭାରତ ଗଠନରେ ଓଡ଼ିଶାର ସର୍ବାଧିକ ଭାଗିଦାରୀ ରହିବ

ଭୁବନେଶ୍ୱର, .୧୭/୦୭: ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ରାୟଗଡା ଜିଲ୍ଲା ଅନ୍ତର୍ଗତ ଗୁଣୁପୁର ମ୍ୟୁନିସିପାଲିଟି ଅଧକ୍ଷା ଶ୍ରୀମତୀ ମମତା ଗୌଡ, ଉପାଧକ୍ଷ ଶିବପ୍ରସାଦ ଗୌଡଙ୍କ ସମେତ ୧୦ ଜଣ କାଉନସିଲର, ଗୁଣୁପୁର ବ୍ଲକ ଅଧକ୍ଷା ଝିଲି ଶବର, ଉପାଧକ୍ଷ ସୁଦର୍ଶନ ଶବର, ଗୁଡାରୀ ବ୍ଲକ ଅଧକ୍ଷ ବିଶ୍ୱନାଥ ଶବର, ନୂଆପଡା ଜିଲ୍ଲା ଖରିଆର ଏନଏସିର ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ଉପାଧକ୍ଷ ଶ୍ରୀମତୀ ଶକୁନ୍ତଳା ରାଉତଙ୍କ ସମେତ ୭ ଜଣ କାଉନସିଲର । ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ମ୍ୟୁନିସିପାଲିଟିର ପୂର୍ବତନ ଅଧକ୍ଷ ଓ ପୂର୍ବତନ ସଭାପତି ଜୟନ୍ତ କୁମାର ଦିକ୍ଷିତଙ୍କ ସମେତ ଶତାଧିକ ସଂଖ୍ୟାରେ ନେତୃବୃନ୍ଦ ଏବଂ କର୍ମୀ ବିଜେଡି ଛାଡି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି ।

ରାୟଗଡା ଜିଲ୍ଲା ଅନ୍ତର୍ଗତ ଗୁଣୁପୁର ମ୍ୟୁନିସିପାଲିଟି ଅଧକ୍ଷା ଶ୍ରୀମତୀ ମମତା ଗୌଡ, ଉପାଧକ୍ଷ ଶିବପ୍ରସାଦ ଗୌଡଙ୍କ ସମେତ ୧୦ ଜଣ କାଉନସିଲର ଶ୍ରୀମତୀ ଡି ପ୍ରଶାନ୍ତି, ଶ୍ରୀମତୀ ଶାନ୍ତି ବାଉରୀ, ଦେବେନ୍ଦ୍ର ଶବର, ଶ୍ରୀମତୀ ସୁଲୋଚନା ପ୍ରଧାନ, ପ୍ରମୋଦ କୁମାର ଦାସ, ଶ୍ରୀମତୀ ରଶ୍ମିତା କୁମାରି ପଟ୍ଟନାୟକ, ଶ୍ରୀମତୀ ଲଳିତା ଶବର, ଶ୍ରୀମତୀ ବବି ଶବର, ଶ୍ରୀମତୀ ରଶ୍ମି ପାତ୍ର, ଶ୍ରୀମତୀ ଚେପାଲି ସରସତୀଙ୍କ ସମେତ ଗୁଣୁପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ଅନୁଷ୍ଠାନର ନେତୃମଣ୍ଡଳୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ପୂର୍ବତନ ସରପଂଚ, ସମିତି ସଭ୍ୟା ପ୍ରମୁଖ ଶତାଧିକ ନେତୃମଣ୍ଡଳୀ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଥିଲେ । ସେହିପରି ଗୁଣୁପୁର ବ୍ଲକ ଅଧକ୍ଷା ଝିଲି ଶବର, ଉପାଧକ୍ଷ ସୁଦର୍ଶନ ଶବର, ସରପଂଚ ଶ୍ରୀମତୀ କମଳା ଶବର, ଶ୍ରୀମତୀ ପ୍ରଭାବତୀ ଶବର, ଶ୍ରୀମତୀ ସନ୍ତୋଷୀ ଶବର, ରବି ଶବର, ନୀଳକଣ୍ଠ ଶବର, ଶ୍ରୀମତୀ ଶ୍ରୀମତୀ ମଦାଙ୍ଗୀ, ଦିବାକର ଶବର, କୃଷ୍ଣଚନ୍ଦ୍ର ପୁରୁଷୋତମ, ସମିତ ସଭ୍ୟ ଇଶ୍ରା ଶବର, ଶ୍ରୀମତୀ ନାଗେଶ୍ୱରୀ ଶବର, ଶ୍ରୀମତୀକୁଣ୍ଡିଗ୍ନି ଅନୁ, ଶ୍ରୀମତୀ ସୁକାନ୍ତି ଶବର, ଶ୍ରୀମତୀ ସୁଜାତା ଉଲ୍କା, ଜଗଦିଶ ଶବର, ଶ୍ରୀମତୀ ତ୍ରିମାଣୀ ଗୋମାଙ୍ଗ, ଶ୍ରୀମତୀ ରାଜେଶ୍ୱରୀ ବିଦିକା, ସଲମାନ ଗମାଙ୍ଗୋ, ଶ୍ରୀମତୀ ବାସନ୍ତୀ କାଳକା, ଶ୍ରୀମତୀ ମଞ୍ଜିତା ଶବର, ଶ୍ରୀମତୀ ନୀଳାବତି ଶବରଙ୍କ ସମେତ ଅନେକ ସଂଖ୍ୟାରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ, ପୂର୍ବତନ ସରପଂଚ, ନାଏବ ସରପଂଚ, ସମିତି ସଭ୍ୟ ଏବଂ ସାମାଜିକ କର୍ମୀ, ଯୁବ ନେତୃତ୍ୱ ପ୍ରମୁଖ ଶତାଧିକ ନେତୃମଣ୍ଡଳୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି ।

ଗୁଡାରୀ ବ୍ଲକ ଅଧକ୍ଷ ବିଶ୍ୱନାଥ ଶବରଙ୍କ ସମେତ ସରପଂଚ ବଂଶୀଧର ଶବର, ଶ୍ରୀମତୀ ବୁଟି ମାୟଲକା, ଶ୍ରୀମତୀ ସୂର୍ଯ୍ୟମଣୀ ଶବର, ମାଧବ ଶବର, ସମିତି ସଭ୍ୟ ଶ୍ରୀମତୀ ନମିତା ଶବର, ଅର୍ଜୁନ ଶବର, ଅନ୍ଦମ, ଶ୍ରୀମତୀ ସବିତା ଶବର, ଶ୍ରୀମତୀ ରଶ୍ମିତା ଶବରଙ୍କ ସମେତ ରାମନାଗୁଡା ବ୍ଲକର ୱାର୍ଡମେମ୍ବର ଜଗଦିଶ୍ ମହାକୁଣ୍ଡୋ, ଅଜିତ ଶବାର, ଏନକାଟୀ ମନଡାଙ୍ଗୀ, ନାଏବ ସରପଂଚ ସମ୍ବର ପଲକା, ପ୍ରବୀର ଲାବଲା ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି ।

ନୂଆପଡା ଜିଲ୍ଲା ଖରିଆର ଏନଏସିର ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ଉପାଧକ୍ଷ ଶ୍ରୀମତୀ ଶକୁନ୍ତଳା ରାଉତଙ୍କ ସମେତ ୭ ଜଣ କାଉନସିଲର ଶ୍ରୀମତୀ ରେବତୀ ଶବର, ସୁନୀଲ ସାହୁ, ଚନ୍ଦନ ସାହୁ, ଶ୍ରୀମତୀ ଯଶୋଦା ସିନ୍ଦୁର, ସମୀର ଡାଣ୍ଡି, ନରେନ୍ଦ୍ର ଶବର, ଶ୍ରୀମତୀ ବିନତି ହଁସ ଏବଂ ଆକାଶ ପଟ୍ଟନାୟକ, ସାଗର ଭୋଇ, ଅନିଲ ସିନ୍ଦୁର ପ୍ରମୁଖ ନେତୃବୃନ୍ଦ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି । ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ମ୍ୟୁନିସିପାଲିଟିର ପୂର୍ବତନ ଅଧକ୍ଷ ଓ ପୂର୍ବତନ ସଭାପତି ଜୟନ୍ତ କୁମାର ଦିକ୍ଷିତ, ଟ୍ରକ ଆସୋସିଏସନ ସଭାପତି ଅମୀୟ ସାମଲ, ଟ୍ରକ ଆସୋସିଏସନ ପୂର୍ବତନ ସଭାପତି ସତୀଶ ସିଂହ, ବୁଦ୍ଧିଜୀବି ସୁଜିତ ମହାନ୍ତି, ପ୍ରମୋଦ ପଟେଲ, ଏନ.ଲିଙ୍ଗରାଜ ରାଉ, ସୁଦୀପ୍ତ ଆଇଣ୍ଡ, ଦୟାନିଧି ନାୟକ, ଆଇନଜୀବି ବିକ୍ରମ ସାଇଁ, ପ୍ରଶାନ୍ତ ରାଉତ, ବିଭିନ୍ନ ସଂଘ ସହାୟିକା ସଂଗଠନର ନେତୃବୃନ୍ଦଙ୍କ ସମେତ ବ୍ରଜରାଜନଗର, ଲଖନପୁର ଅଞ୍ଚଳର ଶତାଧିକବ୍ୟକ୍ତିବିଶେଷମାନେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି ।

ବିଜେପି ଏକ କାର୍ଯ୍ୟକର୍ତା ଆଧାରିତ ଦଳ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ବିଶ୍ୱର ☞ପୃଷ୍ଠା-୨

ମିଶନ ଶକ୍ତି ଓ ଇକ୍ରିସାଟ୍‌ର ମହାମିଳନ

ସାବଲମ୍ବୀ ହେବେ ମିଶନ ଶକ୍ତି ଦିଦି

- ନୂଆ ଜ୍ଞାନକୌଶଳ, ନୂଆ ପରିଚୟ
- କୃଷି ବୈଜ୍ଞାନିକ ପ୍ରଯୁକ୍ତିରେ ସଶକ୍ତ ହେବେ ଲକ୍ଷପତି ଦିଦି

ଭୁବନେଶ୍ୱର, ୧୭/୦୭ : ଓଡ଼ିଶାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ଦ୍ୱାରା ପରିଚାଳିତ କୃଷି ଉଦ୍ୟୋଗକୁ ଅଧିକ ସୁଦୃଢ଼ କରିବା ଏବଂ ସେମାନଙ୍କ ଜୀବିକାରେ ସ୍ଥାୟୀ ଉନ୍ନତି ଆଣିବା ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ ମିଶନ ଶକ୍ତି ବିଭାଗ ଓ ଅନ୍ତର୍ଜାତୀୟ କୃଷି ଅନୁସନ୍ଧାନ ସଂସ୍ଥା 'ଇକ୍ରିସାଟ୍' ମଧ୍ୟରେ ଏକ ବୁଝାମଣାପତ୍ରସାକ୍ଷରିତ ହୋଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ମାନସୀ ନିୟାଲଙ୍କ ଉପସ୍ଥିତିରେ ଏହି ଐତିହାସିକ ଚୁକ୍ତି ସମ୍ପାଦିତ ହୋଇଛି ।ଏହି ଅବସରରେ ମତ ରଖି ଶ୍ରୀମତୀ ନିୟାଲ କହିଛନ୍ତି ଯେ, ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନକୁ ସାମ୍ନା କରିବା ପାଇଁ ମହିଳା କୃଷିମାନଙ୍କୁ ଆଧୁନିକ ଜ୍ଞାନକୌଶଳ, ବୈଜ୍ଞାନିକ ପ୍ରଯୁକ୍ତି ଏବଂ ବଜାର ସହ ସଂଯୋଗ କରିବା ଅତ୍ୟନ୍ତ ଜରୁରୀ । ଇକ୍ରିସାଟ୍ ସହ ଏହି ସହଭାଗିତା ରାଜ୍ୟର ଲକ୍ଷାଧିକ ଏସ୍.ଏଚ୍.ଜି ସଦସ୍ୟାଙ୍କୁ କୃଷି କ୍ଷେତ୍ରରେ ଅଧିକ ସକ୍ଷମ କରିବ । ଏହି ପଦକ୍ଷେପ ମହିଳାମାନଙ୍କୁ ସାବଲମ୍ବୀ କରିବା ସହିତ 'ଲକ୍ଷପତି ଦିଦି', 'ବିକଶିତ ଭାରତ' ଏବଂ 'ବିକଶିତ ଓଡ଼ିଶା'ର ଲକ୍ଷ୍ୟ ହାସଲରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି ।ଏହି ବୁଝାମଣାପତ୍ର ଅନୁଯାୟୀ, ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ କୃଷି-ଆଧାରିତ ପ୍ରକଳ୍ପ ହାତକୁ ନିଆଯିବ । ସୂଚନାଯୋଗ୍ୟ ଯେ ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଜଳାଶୟଗୁଡ଼ିକରେ ଥିବା ଦଳଜାତୀୟ ଗୁଳ୍ମକୁ ସଫା କରି ସେଥିରୁ ମୂଲ୍ୟ ସଂଯୋଜିତ ଉତ୍ପାଦ ପ୍ରସ୍ତୁତ କରାଯିବ, ଯାହା ମହିଳାଙ୍କ ପାଇଁ ସ୍ଥାୟୀ ଜୀବିକାର ପନ୍ଥା ହେବା ସହ ଜଳାଶୟଗୁଡ଼ିକର ପରିବେଶକୁ ସୁରକ୍ଷିତ ରଖିବ । ସେହିପରି ରାୟଗଡ଼ା ଜିଲ୍ଲାରେ ଉପଲବ୍ଧ କପା ଓ ହରଡ଼ ଡାଳରୁ ବାୟୋଚାର ପ୍ରସ୍ତୁତିକୁ ପ୍ରୋତ୍ସାହନ ଦିଆଯିବ, ଯାହା ମୃତ୍ତିକାର ଉର୍ବରତା ବୃଦ୍ଧି ଏବଂ କାର୍ବନ ☞ପୃଷ୍ଠା-୨

ଜିଆର୍‌ଜିସି ଆଣିବ ଗ୍ରାମୀଣ ବିକାଶର ନୂଆ ସକାଳ

ଭୁବନେଶ୍ୱର, ୧୭/୦୭ : ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ ପରିବାରଙ୍କ ପାଇଁ ଆସିଛି ବଡ଼ ଖୁସି ଖବର । ରୋଜଗାର କାର୍ଡ ପ୍ରସ୍ତୁତିରେ ବିଳମ୍ବ ହେଲେ ମଧ୍ୟ ଆଉ କେହି କାମରୁ ବଞ୍ଚିତ ହେବେ ନାହିଁ । ଗ୍ରାମୀଣ ପରିବାରଙ୍କ ରୋଜଗାର ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ଏବେ ଅନ୍ତରାଣ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାର୍ଡ ଜାରି କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ବ୍ୟବସ୍ଥା 'ବିକଶିତ ଭାରତଗ୍ୟାରେଣ୍ଟି ଫର୍ ରୋଜଗାର ଓ ଆଜୀବିକା ମିଶନ (ଗ୍ରାମୀଣ)' ବା VB-GRAMG ଆଇନ, ୨୦୨୫ ଅଧୀନରେ କାର୍ଯ୍ୟକାରୀ ହେବ ।ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ବ୍ଲକ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏହି ଅନ୍ତରାଣ ବ୍ୟବସ୍ଥାକୁ ତୁରନ୍ତ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଚୂଡ଼ାନ୍ତ ଏଜଏଡ କାର୍ଡ ଛପା ଓ ବଣ୍ଟନ ଶେଷ ହେବା ପର୍ଯ୍ୟନ୍ତ ☞ପୃଷ୍ଠା-୨

ବର୍ଷକୁ ୧୨୫ ଦିନ କାମର ଗ୍ୟାରେଣ୍ଟି

ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କଲେ ମନ୍ତ୍ରୀ

ଢେଙ୍କାନାଳ, ୧୭/୭ (ବିଜ୍ଞାନ ମହାନ୍ତି): ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁକ୍ରବାର ଢେଙ୍କାନାଳ ବାଜିଚୌକସ୍ଥିତ

ମହାପ୍ରଭୁଙ୍କ ଆଶୀର୍ବାଦରେ ଢେଙ୍କାନାଳ ସୁଖ, ଶାନ୍ତି ଓ ସମୃଦ୍ଧିର ପଥରେ ଆଗେଇ ଚାଲୁ : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ମାଉସୀ ମା' ମନ୍ଦିରରେ ପହଞ୍ଚି ଆଡ଼ପ ମଣ୍ଡପରେ ବିରାଜମାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ରଥଯାତ୍ରାର ପବିତ୍ର ପରିବେଶ ମଧ୍ୟରେ ତାଙ୍କର ଏହି ଗସ୍ତ ଭକ୍ତମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଉତ୍ସାହ ସୃଷ୍ଟି କରିଥିଲା । ଏହି ଅବସରରେ ମନ୍ଦିର ପରିସରରେ ଆୟୋଜିତ ଶ୍ରୀ ଗୁଣ୍ଡିଚା ଭଜନ ସନ୍ଧ୍ୟାରେ ମନ୍ତ୍ରୀ ଶ୍ରୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଜନ ପରିବେଷଣ ଶୁଣିଥିଲେ । ଭକ୍ତିମୟ ପରିବେଶରେ ସେ କହିଥିଲେ, 'ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ମୋ ପାଇଁ ଏକ ଅବିସ୍ମରଣୀୟ ଓ ଅଦ୍ୱିତୀୟ ଆଧ୍ୟାତ୍ମିକ ଅନୁଭୂତି । ମହାପ୍ରଭୁଙ୍କ ଅସୀମ କୃପାରୁ ଢେଙ୍କାନାଳବାସୀ ସୁଖ, ଶାନ୍ତି ଓ ସମୃଦ୍ଧିରେ ରୁହନ୍ତୁ ।' ମନ୍ତ୍ରୀ ଆହୁରି ☞ପୃଷ୍ଠା-୨

ଲଗାଣ ବର୍ଷାରେ ବେହାଲ ଢେଙ୍କାନାଳ ସଦର

ଜଳବନ୍ଦୀ ଗାଁରେ ପହଞ୍ଚିଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

- କ୍ଷତିଗ୍ରସ୍ତ ରାସ୍ତାଘାଟର ତୁରନ୍ତ ମରାମତି
- ବିକଳ୍ପ ଯାତାୟାତ ରାସ୍ତା ନିର୍ମାଣ ବ୍ୟବସ୍ଥା
- ଜଳନିଷ୍କାସନ ବ୍ୟବସ୍ଥାର ତ୍ୱରିତ ସୁଧାର
- ପ୍ରଭାବିତ ଲୋକଙ୍କୁ ଖାଦ୍ୟ, ପାନୀୟ ଜଳ ବ୍ୟବସ୍ଥା
- ପ୍ରତ୍ୟେକ ଗ୍ରାମର ସ୍ଥିତି ଉପରେ ନିରନ୍ତର ନଜର

ଢେଙ୍କାନାଳ, ୧୭/୦୭ (ସୁଶାନ୍ତ କୁମାର ପାଣୀ): କ୍ରମାଗତ ଲଗାଣ ବର୍ଷା ଯୋଗୁଁ ଢେଙ୍କାନାଳ ସଦର ବ୍ଲକର ବହୁ ଅଞ୍ଚଳ ଜଳବନ୍ଦୀ ହୋଇପଡ଼ିଥିବା ବେଳେ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇଛି । ରାସ୍ତାଘାଟ ଧୋଇଯିବା, ଯାତାୟାତ ବ୍ୟବସ୍ଥା ଠପ୍ ହୋଇଯିବା, ଚାଷଜମି ଜଳମଗ୍ନ ହେବା ସହ ବହୁ ପରିବାର ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି । ଏଭଳି ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁକ୍ରବାର ପ୍ରଭାବିତ ଅଞ୍ଚଳକୁ ପହଞ୍ଚି ସ୍ଥିତିର ସିଧାସଳଖ ସମୀକ୍ଷା କରିବା ସହ ପ୍ରଶାସନକୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର, ମରାମତି ଓ ସହାୟତା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ କାକୁଡ଼ିଭାଗ, ବିଷ୍ଣୁପୁର, ଅଉଖମା, ମଧୁସାହୁପାଟଣା ଓ ବାଲିଅମ୍ବା ଗ୍ରାମ ଗସ୍ତ କରି ଜଳବନ୍ଦୀ ଅଞ୍ଚଳ, ଭାଙ୍ଗିଯାଇଥିବା ରାସ୍ତା, ଧୋଇଯାଇଥିବା ସଂଯୋଗ ପଥ, ଜଳମଗ୍ନ ଚାଷଜମି ଏବଂ କ୍ଷତିଗ୍ରସ୍ତ ବାସଗୃହର ସ୍ଥିତି ଅନୁଧ୍ୟାନ କରିଥିଲେ । ସେ ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିଥିଲେ ।

ପ୍ରଭାବିତ ଗ୍ରାମଗୁଡ଼ିକରେ ଅନେକ ସ୍ଥାନରେ ରାସ୍ତା ଧୋଇଯାଇଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି । ବହୁ ଲୋକ ଘରେ ଜଳବନ୍ଦୀ ହୋଇଥିବା ବେଳେ କୃଷିଜମି ଜଳମଗ୍ନ ହୋଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ବର୍ଷା ଜଳ ନିଷ୍କାସନରେ ବାଧା ସୃଷ୍ଟି ହେବାରୁ ପରିସ୍ଥିତି ଆହୁରି ଜଟିଳ ହୋଇପଡ଼ିଛି । ସ୍ଥିତି ସମୀକ୍ଷା ପରେ ମନ୍ତ୍ରୀ ଜିଲ୍ଲା ପ୍ରଶାସନ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳସମ୍ପଦ ଓ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ । କ୍ଷତିଗ୍ରସ୍ତ ରାସ୍ତାର ତୁରନ୍ତ ମରାମତି, ସମ୍ପୂର୍ଣ୍ଣ ଧୋଇଯାଇଥିବା ସ୍ଥାନରେ ସେବା ରାସ୍ତା (Service Road) ନିର୍ମାଣ କରି ☞ପୃଷ୍ଠା-୨

ଡ.ଗିରୀଶ ରଂଜନ

ନୟାଗଡ଼େ ଦେଖ ଉପ-ଜ



ଶନିବାର ୧୮ ।୦୭ ।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ଶରଧାବାଲିରେ ତିନି...

ଶ୍ରୀଜଉମାନଙ୍କ ଅନ୍ୟ ପାରମ୍ପରିକ ନୀତି ରଥ ଉପରେ ସମ୍ପନ୍ନ ହୋଇଥିଲା । ଗତକାଲି ଭଳି ଆମ୍ବୁଲାନ୍ସ ପାଇଁ ସତନ୍ତ୍ର କରିଡ଼ର କରାଯାଇଥିଲା । ଯେକୌଣସି ଅଘଟଣକୁ ଏଡ଼ାଇବା ପାଇଁ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରଖାଯାଇଥିଲା । ତେବେ ଗତକାଲି ସଦୃଶ ଇନ୍ଦ୍ରଦେବ ଜନ ଗହଳି ମଧ୍ୟରେ ଥିବା ଲୋକମାନଙ୍କ ଉପରେ ଜଳ ସିଞ୍ଚନ କରିଥିବାବେଳେ ଆଜି ଅଗ୍ନିଶମ ବାହିନୀ ପକ୍ଷରୁ ଜଳ ସିଞ୍ଚନ କରାଯାଇଥିଲା ।ସେଣ୍ଟ ଜନ ଆମ୍ବୁଲାନ୍ସ , ରେଡକ୍ରସ ଓ ରାଷ୍ଟ୍ରୀୟ ସଦୃଶ ସେବକ ସଂଘ ଭଳି ବିଭିନ୍ନ ସେଚ୍ଛସେବୀ ଅନୁଷ୍ଠାନ ପକ୍ଷରୁ ଦର୍ଶନାର୍ଥୀମାନଙ୍କୁ ସେବା ଯୋଗାଇ ଦିଆଯାଇଥିଲା । ସ୍ଥଳ, ସମୁଦ୍ର ଏବଂ ଆକାଶପଥରେ ତିନି ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଗତକାଲି ଭଳି ତିନି ରଥର କର୍ଡନ ତଥା ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ ଓ ଯୋଗାଯୋଗ ପାଇଁ ପୃଥକ ବ୍ୟବସ୍ଥା ହୋଇଥିଲା । ନ୍ୟାସନାଲ ସିକ୍ୟୁରିଟିଗାର୍ଡ, ବ୍ଲାକ୍ କ୍ୟାଟ୍ କମାଣ୍ଡୋଙ୍କ ସହିତ ଆଣ୍ଟି-ଟେରରିଷ୍ଟ ସ୍କ୍ୱାଡ୍ ଓ ରାଜ୍ୟର ସ୍ପେଶାଲ ଟାକ୍ଟିକାଲ ୟୁନିଟର ଯବାନମାନେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମୁତୟନ ହୋଇଥିଲେ । ବେଳାଭୂମିରେ ଲାଇଫଗାର୍ଡମାନଙ୍କୁ ନିୟୋଜିତ କରାଯାଇଥିଲା । ସତନ୍ତ୍ର କଣ୍ଟ୍ରୋଲ ରୁମ ମାଧ୍ୟମରେ ସିସିଟିଭିର ଲାଇଭ୍ ଫିଡ୍ ଉପରେ ନଜର ରଖାଯାଇଥିଲା । ଆଣ୍ଟି-ଡ୍ରୋନ୍ ବ୍ୟବସ୍ଥା ସକ୍ରିୟ ରଖା ଯାଇଥିଲା । ସାମୁଦ୍ରିକ ସୁରକ୍ଷାରେ ତଟରକ୍ଷୀ ବାହିନୀ ସମନ୍ୱିତ ପାଟ୍ରୋଲିଂରେ ନିୟୋଜିତ ହୋଇଥିବା ବେଳେ ନୌସେନାକୁ ସଜାଗ ରଖାଯାଇଥିଲା । ଆକାଶମାର୍ଗରୁ ଜନସମାଗମ ଉପରେ ନଜର ରଖାଯାଇଥିଲା ।ହଜାରରୁ ଊର୍ଦ୍ଧ୍ୱ ଅଫିସର ଓ ୧୩ ହଜାର ପୋଲିସ କର୍ମଚାରୀଙ୍କ ସହିତ ୧୫ କମ୍ପାନୀ କେନ୍ଦ୍ରୀୟ ଫୋର୍ସଙ୍କୁ ମୁତୟନ କରାଯାଇଥିଲା । ରଥଯାତ୍ରାପାଇଁ ଜାରି ସତନ୍ତ୍ର ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ଆଜି ମଧ୍ୟ ବଳବତ୍ତର ଥିଲା । ଏଡିଜି ତଥା ପରିବହନ କମିଶନର ଅମିତାଭ ଠାକୁରଙ୍କ ତତ୍ତ୍ୱାବଧାନରେ ୭ ଜଣ ଏସପି ପାହ୍ୟାର ଅଧିକାରୀ ଟ୍ରାଫିକ ସୁପରିଚାଳନା ଦାୟିତ୍ୱରେ ନିୟୋଜିତ ହୋଇଥିଲେ । ଉଲ୍ଲେଖଯୋଗ୍ୟ ଗତକାଲି ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଆରମ୍ଭ ହୋଇଥିବା ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ଶ୍ରୀମନ୍ଦିର ରତ୍ନବେଦୀ ଛାଡ଼ି ଗୁଣ୍ଡିଚା ମନ୍ଦିର ଜନ୍ମବେଦୀ ଅଭିମୁଖେ ନବଦିନଯାତ୍ରାରେ ବାହାରିଥିଲେ ମହାବାହୁ । ତେବେ ଗତକାଲିର ରଥଟଣା ଶେଷ ହେବା ସୁଦ୍ଧା ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ମାର୍କେଟଛକରେ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ମରିଚିକୋଟ ନିକଟରେ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ମାତ୍ର ସଜ୍ଜ ବାଟ ଆଗକୁ ଯାଇ ସିଂହ ଦ୍ୱାର ନିକଟରେ ଅଟକି ରହିଥିଲା ।

ତୃଣମୂଳ ସ୍ତରରୁ ଦଳକୁ...

ସବୁଠାରୁ ବଡ ରାଜନୈତିକ ଦଳ ହୋଇପାରିଛି । ଆମେ ସମସ୍ତେ ଭାଗ୍ୟବାନ ଯେ ଏପରି ଏକ ବିରାଟ ଦଳରେ ଆମେ କାର୍ଯ୍ୟ କରୁଛୁ । ଦେଶର ୨୨ ରାଜ୍ୟରେ ବିଜେପି ଏବଂ ଏନ୍‌ଡିଏ ସରକାର ଅଛି । ସାଂସଦ, ବିଧାୟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରତିନିଧି ପର୍ଯ୍ୟନ୍ତ ସବୁଠି ବିଜେପି ଭାରତବର୍ଷରେ ଆଦୃତ ହୋଇଛି । ଅନେକ ମହାପୁରୁଷଙ୍କ ବଳିଦାନ ଓ କାର୍ଯ୍ୟକର୍ତାଙ୍କ ପ୍ରଚେଷ୍ଟାରୁ ଆଜି ବିଜେପିର ସଙ୍ଗଠନ ମଜଭୁତ୍ ହୋଇଛି । ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା, ଗୋଟିଏ ପରେ ଗୋଟିଏ ପୂରଣ କରି ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛି । ଓଡ଼ିଶା ଏବେ ୧ ନଂ. ରାଜ୍ୟ ହେବା ପାଇଁ ଆଗେଇ ଚାଲିଛି । ଏହି ରାଜ୍ୟରେ ବିକାଶର ଅନେକ ସମ୍ଭାବନା ରହିଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶାକୁ ୧ନମ୍ବର ରାଜ୍ୟ କରିବା ପାଇଁ ସପ୍ନ ଦେଖୁଛନ୍ତି । ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସେ ଯେଉଁ ପ୍ରୟାସ ଜାରି ରଖିଛନ୍ତି, ସେଥିରେ ଓଡ଼ିଶାର ସର୍ବାଧିକ ଭାଗିଦାରୀ ରହିବ । ଏହି ଯୋଗଦାନ ଦ୍ୱାରା ରାଜ୍ୟରେ ବିଜେପି ସଂଗଠନ ଆହୁରି ମଜଭୁତ ହୋଇଛି । ନୂତନ ଓ ଆମର ପୂରୁଣା କାର୍ଯ୍ୟକର୍ତାଙ୍କ ସହାୟତାରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଘରେ ଘରେ ପହଞ୍ଚାଇବା ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗଦେଇ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି । ଏହି ଅବସରରେ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିଜେପି ପରିବାର ଦିନକୁ ଦିନ ବଢ଼ିଚାଲିଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଜେପିରେ ନୂତନ କାର୍ଯ୍ୟକର୍ତାଙ୍କ ଯୋଗଦାନ ବଢ଼ିଚାଲିଛି । ବିଜେପି ସରକାର ଓଡ଼ିଶାର ବିକାଶ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ସମାଜର ଶେଷ ସୋପାନରେ ରହୁଥିବା ବ୍ୟକ୍ତି ପାଖରେ ଯେପରି ସବୁ ସୁବିଧା ପହଂଚିପାରିବ ସେନେଇ ବିଜେପି ସରକାର କାମ କରୁଛି । ନୂଆ ଓଡ଼ିଶା ଗଠନରେ ସମସ୍ତେ ଯେପରି ଗୋଟିଏ ଗୋଟିଏ ଧର୍ମପଦ ହେବ ସେନେଇ ସମସ୍ତେ ଉଦ୍ୟମ କରିବା ଦରକାର । ଏଥିରେ ନୂତନ କାର୍ଯ୍ୟକର୍ତାଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ, ରାଜ୍ୟ ଉପସଭାପତି ରମେଶ ସାହୁ, ରାଜ୍ୟ ସାଧାରଣ ସଂପାଦକ ସୀମାଂଚଳ ଖଟେଇ ଓ ଶ୍ରୀମତୀ ପୂର୍ଣ୍ଣିମା ନାୟକ, ପୂର୍ବତନ ସାଂସଦ ପଶୁରାମ ମାଝୀ, ରାଜ୍ୟ ସଂପାଦକ ସରୋଜ କର, କୋରାପୁଟ ସାଂସଦ ପ୍ରାର୍ଥୀ କାଳିରାମ ମାଝୀ, ରାୟଗଡା ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ନୂଆପଡା ଜିଲ୍ଲା ସଭାପତି କମଳେଶ ଦିକ୍ଷୀତ, ଝାରସୁଗୁଡା ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ଖରିଆର ରୋଡ ଏନଏସି ଅଧକ୍ଷା ଡ.ସୋନିଆ ଗୋଲ୍ଟି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ ।

ସ୍ୱାବଲମ୍ବୀ ହେବେ ମିଶନ...

ସଂରକ୍ଷଣରେ ସହାୟକ ହେବ । ଏହାବ୍ୟତୀତ ତିନୋଟି ଯାକ ଜିଲ୍ଲାରେ ଉନ୍ନତମାନର ଗ୍ରାଫ୍ଟେଡ୍ ପନିପରିବା ଚାରା ଚାଷକୁ ବ୍ୟାପକ କରାଯିବ । ଏହି ସହଯୋଗ ମାଧ୍ୟମରେ ମହିଳାମାନଙ୍କୁ ମାଣ୍ଡିଆ, ଡାଲିଜାତୀୟ ଫସଲ, ତୈଳବୀଜ ଏବଂ ପ୍ରାକୃତିକ କୃଷି ପଦ୍ଧତି ଉପରେ ପ୍ରଶିକ୍ଷଣ ଦିଆଯିବା ସହ ଇକ୍ରିସାଟ୍ ଦ୍ୱାରା ବିକଶିତ ଜଳବାୟୁ-ସ୍ମାର୍ଟ କୃଷି ପ୍ରଯୁକ୍ତି, ଡିଜିଟାଲ କୃଷି ପରାମର୍ଶ ଏବଂ ଉନ୍ନତ ବିହନ ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ । ଏଥିସହ ଉତ୍ପାଦର ପ୍ୟାକେଜିଂ, ବ୍ରାଣ୍ଡିଂ ଏବଂ ବଜାର ସଂଯୋଗକୁ ସୁଦୃଢ଼ କରିବା ପାଇଁ ସତନ୍ତ୍ର ବୈଷୟିକ ଓ ବ୍ୟବସାୟିକ ସହାୟତା ପ୍ରଦାନ କରାଯିବ ।ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ଇକ୍ରିସାଟ୍‌ର ଡେପୁଟୀ ଡିରେକ୍ଟର ଜେନେରାଲ ଡାଃ ଷ୍ଟାନଫୋର୍ଡ ବ୍ଲେଡଙ୍କ ସମେତ ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ଏବଂ ଇକ୍ରିସାଟ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଜିଆର୍‌ଜିସି ଆଣିବ...

ଯୋଗ୍ୟ ପରିବାରମାନେ ଏହି ଅନ୍ତରୀଣ କାର୍ଡ ମାଧ୍ୟମରେ ରୋଜଗାର ସୁବିଧା ପାଇପାରିବେ । VB-GRAMG ଆଇନ ଅନୁଯାୟୀ, ପ୍ରତ୍ୟେକ ଯୋଗ୍ୟ ଗ୍ରାମୀଣ ପରିବାରକୁ ବର୍ଷକୁ ୧୨୫ ଦିନର ଶ୍ରମଭିତ୍ତିକ ନିଶ୍ଚିତ ରୋଜଗାର ପ୍ରଦାନ କରାଯିବ । ଏହି ଯୋଜନାରେ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାର୍ଡ ହିଁ ପ୍ରମୁଖ ପରିଚୟପତ୍ର ଓ ଅଧିକାରପତ୍ର ଭାବେ କାମ କରିବ । ତେବେ ସ୍ଥାୟୀ କାର୍ଡ ପ୍ରସ୍ତୁତିରେ ସମୟ ଲାଗୁଥିବାରୁ ସରକାର ଅନ୍ତରୀଣ ବ୍ୟବସ୍ଥା ମାଧ୍ୟମରେ ଲୋକଙ୍କ ରୋଜଗାର ଅଧିକାରକୁ ସୁରକ୍ଷିତ ରଖିଛନ୍ତି । ସରକାର ସ୍ପଷ୍ଟ କରିଛନ୍ତି ଯେ, ଯେଉଁ ମନରେଗା ଜବ୍ କାର୍ଡଧାରୀଙ୍କ ଇ-କେୱାଇସି ସମ୍ପୂର୍ଣ୍ଣ ହୋଇସାରିଛି, ସେମାନଙ୍କ କାର୍ଡକୁ ବୈଧ ଭାବେ ଗଣାଯିବ । ଅନ୍ୟପଟେ ଯେଉଁମାନଙ୍କର ଇ-କେୱାଇସି ବାକି ରହିଛି, ସେମାନଙ୍କୁ ତୁରନ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଇବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ଦ୍ୱାରା ପ୍ରକୃତ ହିତାଧିକାରୀଙ୍କ ପରିଚୟ ନିଶ୍ଚିତ ହେବା ସହ ଭୁଆ କାର୍ଡଧାରୀଙ୍କୁ ଚିହ୍ନଟ କରିବା ସହଜ ହେବ ।ଗ୍ରାମ ପଞ୍ଚାୟତ ହିଁ ଅନ୍ତରୀଣ କାର୍ଡ ବଣ୍ଟନର ସମ୍ପୂର୍ଣ୍ଣ ଦାୟିତ୍ୱ ନେବ । ଆବେଦନ ଗ୍ରହଣ, ଯୋଗ୍ୟତା ଯାଞ୍ଚ, ଇ-କେୱାଇସି, ପୋର୍ଟାଲରେ ପଞ୍ଜୀକରଣ, କାର୍ଡ ପ୍ରିଣ୍ଟ ଓ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ଝଟଚ ଅନୁସାରେ କରାଯିବ । କାର୍ଡ ନେବା ପରେ ହିତାଧିକାରୀଙ୍କଠାରୁ ପ୍ରାପ୍ତି ସ୍ୱୀକୃତି ମଧ୍ୟ ସଂଗ୍ରହ କରାଯିବ ।ତୃତ୍ତାନ୍ତ ଏଜଏଉ କାର୍ଡ ବଣ୍ଟନ ହେବା ପରେ ବର୍ତ୍ତମାନର ମନରେଗା ଜବ୍ କାର୍ଡ କିମ୍ବା ଅନ୍ତରୀଣ କାର୍ଡକୁ ବାତିଲ କରାଯିବ । ସରକାରଙ୍କ ଏହି ପଦକ୍ଷେପ କେବଳ ରୋଜଗାର ଅଧିକାରକୁ ସୁରକ୍ଷା ଦେବ ନୁହେଁ, ବରଂ ଗ୍ରାମୀଣ ରୋଜଗାର ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଡିଜିଟାଲ, ଦୁର୍ନୀତିମୁକ୍ତ ଓ ଜବାବଦେହି କରିବାରେ ଏକ ବଡ଼ ପଦକ୍ଷେପ ବୋଲି ମନେ କରାଯାଉଛି । ଏହାଦ୍ୱାରା କୌଣସି ଯୋଗ୍ୟ ଗ୍ରାମୀଣ ପରିବାର ଆଉ ରୋଜଗାର ସୁବିଧାରୁ ବଞ୍ଚିତ ହେବେ ନାହିଁ ।

ମାଉସୀ ମା' ମନ୍ଦିରରେ...

କହିଥିଲେ ଯେ, ଓଡ଼ିଶାର ପ୍ରାଚୀନ କଳା, ସଂସ୍କୃତି, ଭକ୍ତି ପରମ୍ପରା ଓ ଆଧ୍ୟାତ୍ମିକ ଐତିହ୍ୟକୁ ସୁରକ୍ଷିତ ରଖିବାରେ ଏଭଳି ଧାର୍ମିକ ଓ ସାଂସ୍କୃତିକ ଆୟୋଜନର ଗୁରୁତ୍ୱ ଅପରିସୀମ । ରାଜ୍ୟ ସରକାର ମନ୍ଦିର ଓ ଧାର୍ମିକ ପୀଠଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ସମସ୍ତ ପ୍ରକାର ସହଯୋଗ ଜାରି ରଖିବେ ବୋଲି ସେ ସ୍ପଷ୍ଟ କରିଥିଲେ । ଭଜନ ସନ୍ଧ୍ୟାରେ ଶତାଧିକ ଭକ୍ତଙ୍କ ଉପସ୍ଥିତି ସମଗ୍ର ପରିବେଶକୁ ଭକ୍ତିମୟ କରିଦେଇଥିଲା । ମହାପ୍ରଭୁଙ୍କ ନାମସଂକୀର୍ତ୍ତନ ଓ ଭଜନରେ ଭକ୍ତମାନେ ଆଧ୍ୟାତ୍ମିକ ଆନନ୍ଦ ଅନୁଭବ କରିଥିଲେ । ମନ୍ତ୍ରୀଙ୍କ ଗସ୍ତ ରଥଯାତ୍ରାର ଧାର୍ମିକ ମାହୋଲକୁ ଆହୁରି ଉଜ୍ଜ୍ୱଳ କରିବା ସହ ସଂସ୍କୃତି ଓ ପରମ୍ପରା ପ୍ରତି ସରକାରଙ୍କ ଅଙ୍ଗୀକାରକୁ ପୁଣିଥରେ ପ୍ରତିଫଳିତ କରିଛି ।

ଲଗାଣ ବର୍ଷାରେ ବେହାଲ...

ଯାତାୟାତ ସାଭାବିକ କରିବା, ଜଳନିଷ୍କାସନ ବ୍ୟବସ୍ଥାକୁ ସୁଧାରି ଜମିଥିବା ପାଣିକୁ ଶୀଘ୍ର ନିଷ୍କାସନ କରିବା ଏବଂ ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ନିକଟରେ ସରକାରୀ ସହାୟତା ତୁରନ୍ତ ପହଞ୍ଚାଇବାକୁ ସେ ଗୁରୁତ୍ୱାରୋପ କରିଥିଲେ ।

ଗସ୍ତ ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ, ''ପ୍ରତ୍ୟେକ ପ୍ରଭାବିତ ପରିବାର ସହ ମୋହନ ସରକାର ଦୃଢ଼ତାର ସହ ଠିଆ ହୋଇଛନ୍ତି । ଲୋକଙ୍କ ସୁରକ୍ଷା, ସୁବିଧା ଓ ପୁନର୍ବାସକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି । କୌଣସି ପ୍ରଭାବିତ ବ୍ୟକ୍ତି ଯେପରି ସରକାରୀ ସହାୟତାରୁ ବଞ୍ଚିତ ନ ହୁଅନ୍ତି, ତାହା ପ୍ରଶାସନ ସୁନିଶ୍ଚିତ କରିବ । ସମସ୍ତ ଆବଶ୍ୟକ ପଦକ୍ଷେପ ଯୁଦ୍ଧକାଳୀନ ଭିତ୍ତିରେ ଗ୍ରହଣ କରାଯାଉଛି ।' ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ତୁରନ୍ତ ସକ୍ରିୟ ହୋଇ ବିଭିନ୍ନ ବିଭାଗର ସମନ୍ୱୟରେ ମରାମତି, ଜଳନିଷ୍କାସନ ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି । ପ୍ରଭାବିତ ଅଞ୍ଚଳଗୁଡ଼ିକରେ କ୍ଷତିର ଆକଳନ ସହ ଆବଶ୍ୟକ ସହାୟତା ବଣ୍ଟନ, ଯାତାୟାତ ପୁନରୁଦ୍ଧାର ଏବଂ ଲୋକଙ୍କୁ ସୁରକ୍ଷିତ ସେବା ଯୋଗାଇବା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି ।

ସରିଲା ଯୁକ୍ତ ୨ ପ୍ରଥମ...

ନାମଲେଖା ହୋଇଥିବା ବେଳେ ୨,୧୮,୨୬୪ ଆସନ ଖାଲି ଅଛି । କଳାରେ ମୋଟ ୩,୩୮,୬୪୨ ଆସନ ଥିବା ବେଳେ ପ୍ରଥମ ପର୍ଯ୍ୟାୟନାମଲେଖା ପରେ ୯୦,୪୦୨ ଆସନ ବଳକା ରହିଛି । ସେହିପରି, ବିଜ୍ଞାନରେ ୮୭,୧୬୭, ବାଣିଜ୍ୟରେ ୨୫,୯୪୩, ସଂସ୍କୃତରେ ୮,୪୨୨ ଏବଂ ଧନ୍ଦାମୂଳକ ଶିକ୍ଷାରେ ୬,୩୩୦ ଆସନ ଖାଲି ପଡ଼ିଛି । ପ୍ରଥମ ମେଧା ତାଲିକାରେ ମନୋନୀତ ଛାତ୍ରଛାତ୍ରୀଙ୍କ ନାମଲେଖା ଗତ ୯ରୁ ୧୫ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଛି । ଆସନ୍ତା ୨୩ରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ । ଏହି ପର୍ଯ୍ୟାୟରେ ଯୋଗ୍ୟ ସରିଲା କ୍ରୁ ପ୍ରଥମ ପର୍ଯ୍ୟାୟ ନାମଲେଖା: ୨୩ରୁ ପାଠପଢ଼ା ଆରମ୍ଭ, ସେହିଦିନ ହିଁ ପ୍ରକାଶ ପାଇବ ଦ୍ୱିତୀୟ ମେଧା ତାଲିକା''୩ ଲକ୍ଷ ୮୨ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କ ନାମଲେଖା ଶେଷଟ ଖାଲି ରହିଛି ଆହୁରି ୨ ଲକ୍ଷରୁ ଅଧିକ ଆସନ 'ନଶୁଳ୍କ ଶିକ୍ଷା ଯୋଜନାରେ ଯୁକ୍ତ ୨ ନାମଲେଖା: ଆଦାୟ ହେବନି ଫି', ବିସ୍ତୃତ ନିୟମାବଳୀକୁ କଲେଜଗୁଡ଼ିକର ଅପେକ୍ଷା'ବେଚିତ ହେବାକୁ ଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ୨୪ରୁ ୨୮ତାରିଖ ପର୍ଯ୍ୟନ୍ତ ଚାଲିବ । ପରେ ସ୍ପଟ୍ ନାମଲେଖା ହେବ । ଅପରପକ୍ଷେ, ୨୦୨୬-୨୭ ଶିକ୍ଷାବର୍ଷରୁ ରାଜ୍ୟ ସରକାର 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' (କେଜିରୁ ପିଜି ନିଃଶୁଳ୍କ ଶିକ୍ଷାଦାନ) ଯୋଜନା କାର୍ଯ୍ୟକାରୀ କରିଛନ୍ତି ।ହେଲେ କିଛି ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କଠାରୁ ବିଭିନ୍ନ ଫି' ଆଦାୟ କରୁଥିବା ଅଭିଯୋଗ ହେବା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱାତକ(ଯୁଜି) ଏବଂ ସ୍ନାତକୋତ୍ତର(ପିଜି)ରେ ମାଗଣା ନାମଲେଖା ନେଇ ନିୟମାବଳୀ ଜାରି ହୋଇଛି । କିନ୍ତୁ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଆସୁଥିବା ଯୁକ୍ତ ୨ ଶ୍ରେଣୀ ପାଇଁ ଏପର୍ଯ୍ୟନ୍ତ ନିୟମାବଳୀ ଜାରି କରାଯାଇନି । ନାମଲେଖା ସମୟରେ ଛାତ୍ରଛାତ୍ରୀଙ୍କଠାରୁ ଫି' ଆଦାୟ ନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ବିସ୍ତୃତ ନିୟମାବଳୀକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଅପେକ୍ଷା କରିଛନ୍ତି ।

ଖବରକାଗଜ ବିତରକଙ୍କ ମାତୃ ବିୟୋଗ

ଖଣ୍ଡପଡ଼ା, ୧୭/୦୭ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ସହର ୬ ନଂ ୱାର୍ଡ ବଜାର ସାହିର ବୟୋଜ୍ୟେଷ୍ଠ ମହିଳା ତଥା ବରିଷ୍ଠ ଖବରକାଗଜ ବିତରକ ସୋମନାଥ ସାହୁଙ୍କ ମା ନିଶାମଣି ସାହୁ(୬୫)ଙ୍କ ର ଶୁକ୍ରବାର ଭୋର ସମୟରେ ପରଲୋକ ହୋଇ ଯାଇଛି । ଦିର୍ଘ ମାସ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ସେ ପୀଡିତ ଥିଲେ । ପରିବାରବର୍ଗ ଆଶୁ ଚିକିତ୍ସା ନିମନ୍ତେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାଯାଇଛି । ତାଙ୍କ ବିୟୋଗରେ ଖଣ୍ଡପଡ଼ା ସହରରେ ଶୋକ ପ୍ରକାଶ ପାଇଛି ।

ଦିନ ଦିପହରରେ ଏୟାରଟେଲ ଟାୱାରରୁ ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି

ରାଇଘର, ୧୭/୦୭(ଭୁବନେଶ୍ୱର ସୁନାନୀ)ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଛେଳିଡଙ୍ଗରୀ ପଞ୍ଚାୟତର ଛେଳିଡଙ୍ଗରୀରେ ଦିନ ଦିପହରରେ ଏକ ସାହସିକ ଚୋରି ଘଟଣା ସାମ୍ନାକୁ ଆସିଛି । ଗାଁରେ ଥିବା ଏୟାରଟେଲ ମୋବାଇଲ ଟାୱାରର ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ପରେ ଟାୱାରର ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିବା ସହ ସ୍ଥାନୀୟ ଅଞ୍ଚଳରେ ମୋବାଇଲ ନେଟୱର୍କ ସେବା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି । ଦିନ ଦିପହରରେ ଏପରି ଚୋରି ଘଟଣା ଘଟିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକାଶ ପାଇଛି ।ଘଟଣା ସମ୍ପର୍କରେ ପୋଲିସରେ ଅଭିଯୋଗ ହୋଇଥିଲେ ତଦନ୍ତ ଆରମ୍ଭ କରି ଚୋରଙ୍କୁ ଶୀଘ୍ର ଗିରଫ କରିବା ସହ ଚୋରି ହୋଇଥିବା ଟ୍ରାନ୍ସଫର୍ମର

ବିଦ୍ୟାଳୟ ବିଜ୍ଞପ୍ତିରେ ଭାଷାଗତ ତ୍ରୁଟି

- କବିଙ୍କ ମାଟିରେ ଅପମାନିତ ହେଲା ମାତୃଭାଷା
- ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ

ଗଁଦିଆ ୧୭/୦୭(ବେତୁଜୀ ପ୍ରସାଦ): ବିଦ୍ୟାଳୟ ହେଉଛି ଭାଷା, ଜ୍ଞାନ ଓ ସଂସ୍କୃତିର ମୁଖ୍ୟ କେନ୍ଦ୍ର। ଏଠାରୁ ପ୍ରକାଶିତ ପ୍ରତ୍ୟେକ ଦସ୍ତାବିଜରେ ଶୁଦ୍ଧ ଓ ସଠିକ୍ ଭାଷାର ପ୍ରୟୋଗ ସର୍ବଦା ଆଶା କରାଯାଏ। କିନ୍ତୁ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ କାବରା ମାଧପୁର ସ୍ଥିତ 'ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ'ରୁ ଏକ ନୈରାଶ୍ୟଜନକ ଚିତ୍ର ସାମ୍ନାକୁ ଆସିଛି। ନିକଟରେ ବିଦ୍ୟାଳୟ ପକ୍ଷରୁ ନୂତନ ପରିଚାଳନା କମିଟି ବୈଠକ ସମ୍ପର୍କରେ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ ଏକାଧିକ ବନାନ ଓ ଭାଷାଗତ ତ୍ରୁଟି ଦେଖିବାକୁ ମିଳିଛି, ଯାହାକୁ ନେଇ ସ୍ଥାନୀୟ ଅଭିଭାବକ ଓ ଶିକ୍ଷାପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କାବରା ଗ୍ରାମ ହେଉଛି ବିଶିଷ୍ଟ ସମର କବି ବ୍ରଜନାଥ ବଡ଼ଜେନାଙ୍କ ପବିତ୍ର ଜନ୍ମମାଟି। ଏଭଳି ଏକ ସମୃଦ୍ଧ ସାହିତ୍ୟିକ ପୃଷ୍ଠଭୂମି ଥିବା ସ୍ଥାନରେ ଖୋଦ୍ ଏକ ବିଦ୍ୟାଳୟର ବିଜ୍ଞପ୍ତିରେ ଓଡ଼ିଆ ଭାଷାର ଏଭଳି ବିକୃତ ପ୍ରୟୋଗ ଏବଂ ବନାନ ତ୍ରୁଟିକୁ ସ୍ଥାନୀୟ ଲୋକେ ଆଦୌ ଗ୍ରହଣ କରିପାରୁନାହାନ୍ତି। ଅଭିଭାବକମାନଙ୍କ ଅଭିଯୋଗ ଅନୁଯାୟୀ, ଯେଉଁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଉପରେ କୋମଳମତି ଛାତ୍ରଛାତ୍ରୀଙ୍କୁ ଶୁଦ୍ଧ ଭାଷା ଓ ବ୍ୟାକରଣ ଶିଖାଇବାର ଗୁରୁଦାୟିତ୍ୱ ରହିଛି, ସେମାନଙ୍କ ଦ୍ୱାରା ପ୍ରକାଶିତ ସରକାରୀ ଦସ୍ତାବିଜରେ ଏତେ ମାତ୍ରାରେ ତ୍ରୁଟି ରହିବା ଅତ୍ୟନ୍ତ ଦୁଃଖଦାୟକ। ଏହି ଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ କେତେକ ଦାବି ଉପସ୍ଥାପନ କରାଯାଇଛି ବିଦ୍ୟାଳୟରୁ ପ୍ରକାଶ ପାଉଥିବା ସମସ୍ତ ବିଜ୍ଞପ୍ତି ଓ ସରକାରୀ ଦସ୍ତାବିଜକୁ ପ୍ରକାଶ ପୂର୍ବରୁ ଭାଷାଗତ ଭାବେ ଭଲଭାବେ ଯାଞ୍ଚ କରାଯିବା ନିତାନ୍ତ ଆବଶ୍ୟକ। ଏଭଳି ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ଦ୍ୱାରା କେବଳ ବିଦ୍ୟାଳୟର ଭାବମୂର୍ତ୍ତି କ୍ଷୁଣ୍ଣ ହେଉନାହିଁ, ବରଂ ଛାତ୍ରଛାତ୍ରୀଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ଥିବାରୁ ଏହାକୁ ତୁରନ୍ତ ସୁଧାରିବା ଦରକାର। ଶିକ୍ଷାର ଗୁଣାତ୍ମକ ମାନ ଏବଂ ଓଡ଼ିଆ ଭାଷାର ଗରିମାକୁ ଅକ୍ଷୁଣ୍ଣ ରଖିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ଘଟଣାକୁ ଗୁରୁତ୍ୱର ସହ ବିଚାର କରିବା ଉଚିତ୍। ଭବିଷ୍ୟତରେ ଯେପରି ଏଭଳି ଅବହେଳାର ପୁନରାବୃତ୍ତି ନହୁଏ, ସେଥିପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ହିନ୍ଦୋଳ ରୋଡ ବଜାରରେ ରଥଯାତ୍ରା ଅନୁଷ୍ଠିତ

ଖଜୁରିଆକଟା, ୧୭/୭(ନୀଳକଣ୍ଠ ଦାସ) - ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ହିନ୍ଦୋଳ ରୋଡ ବଜାରରେ ଥିବା ଜଗନ୍ନାଥ ମନ୍ଦିରର ମୁଖ ପୂଜକ ରାମବଳ ପଣ୍ଡାଙ୍କ ଦ୍ୱାରା ସମସ୍ତ ରିତିନିତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ରଥ ପ୍ରତିଷ୍ଠା ଓ ମଙ୍ଗଳାର୍ପଣ କରାଯାଇ ମହା ପ୍ରଭୁଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରିଥିଲେ। ହିନ୍ଦୋଳ ରୋଡ ମାଉସୀ ମା ମନ୍ଦିର ରୁ ଆଜ୍ଞାମାଳ ଯିବା ପରେ ରଥ। ଟଣା ଆରମ୍ଭ କରାଯାଇଥିଲା।ମୋଟଙ୍ଗା ପୋଲିସ ଓ ଓଡ଼ାପଡ଼ା ବ୍ଲକ ପ୍ରଶାସନ ସହଯୋଗରେ ରଥଯାତ୍ରା। ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ମହାବୀର ସେଚ୍ଛାସେବୀ ସଂଗଠନ ର ସଦସ୍ୟ ମାନେ, ଓଡ଼ାପଡ଼ା ଡ୍ରାଇଭର ସଂଘ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ ର ଏନ୍ ସି ସି ଛାତ୍ରଛାତ୍ରୀ ଓ ଭକ୍ତ ମାନଙ୍କୁ ବିଭିନ୍ନ ପ୍ରକାରର ସେବା ଯୋଗାଇ ଦେଉଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଓଡ଼ାପଡ଼ା ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି ଉପାଧକ୍ଷ ଅମିତାଭ ସାଇଁ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ତହସିଲଦାର ମନୋଜ କୁମାର ମାଝୀ ମୋଟଙ୍ଗା ଓ ହିନ୍ଦୋଳ ରୋଡ ପୋଲିସ ହିନ୍ଦୋଳ ରୋଡ ଅଗ୍ନିଶ୍ରମ ବାହିନୀ ଓ ବିଦ୍ୟୁତ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ସଂଧ୍ୟା ବେଳକୁ ଦୁଇଟି ଯାକ ରଥ ମାଉସୀ ମା ମନ୍ଦିର ରେ ପହଞ୍ଚି ଯାଇଥିଲା। ହିନ୍ଦୋଳ ରୋଡ ବଜାର କମିଟି ଓ ମନ୍ଦିର କମିଟି ପରିଚାଳନା କରୁଥିଲେ। ସେହିପରି ବଦାଳୁ ପଞ୍ଚାୟତ ଅଧୀନ ଘୋଡ଼ାଡିଆଁ ଗ୍ରାମ ରେ ପ୍ରଥମ କରି ରଥଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ଆଖ ପାଖ ଅଞ୍ଚଳରେ ହଜାର ହଜାର ଭକ୍ତ ଯୋଗ ଦେଇଥିଲ ।

ଗଁଦିଆ ଏନଏସି ଅଧ୍ୟକ୍ଷ ପଦ ପାଇଁ ଆଶାୟୀଙ୍କୁ ଲାଗିଲା ଝଟ୍‌କା

ପାଣିରେ ପଡ଼ିଲା ୬ ମାସର ପରିଶ୍ରମ, ଆଶାୟୀ ହତାଶ

ଗଁଦିଆ, ୧୭/୭ (ବେତୁଜୀ ପ୍ରସାଦ): ନୂତନ ଭାବେ ଗଠିତ ଗଁଦିଆ ବିଜ୍ଞାପିତ ଅଞ୍ଚଳ (ଏନଏସି)ର ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିବା ନେଇ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ପତ୍ର ସଂଖ୍ୟା ୨୦୩୭୪୫ ଅନୁସାରେ ଏହି ସଂରକ୍ଷଣ ତାଲିକା ଜାରି ହେବା ପରେ ଦୀର୍ଘ ଦିନ ଧରି ଅଧ୍ୟକ୍ଷ ପଦ ପାଇଁ ସପ୍ନ ଦେଖୁଥିବା ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଛନକା ପଶିଛି। ଏହି ଘୋଷଣା ଅନେକ ନେତାଙ୍କ ପାଇଁ ୪୪୦ ଭୋଲ୍ଟର ଝଟ୍‌କା ସଦୃଶ ହୋଇଛି। ଏବେ ଅଞ୍ଚଳର ଛକ, ପାନ ଦୋକାନ ଓ ଜଳଖିଆ ଦୋକାନରେ ଏମିତି କେମିତି ହେଲା ବୋଲି କେବଳ ଗୋଟିଏ ବିଷୟକୁ ନେଇ ଚର୍ଚ୍ଚା ଚାଲିଛି। ସୂଚନାଯୋଗ୍ୟ ଯେ, ଗଁଦିଆ ଓ ପୋରହଖୋଜ ଗ୍ରାମ ପଞ୍ଚାୟତ ସମେତ ମଠତେନ୍ତୁଳିଆ ପଞ୍ଚାୟତର ଇଲେଇଜଙ୍ଗ ଏବଂ ବିଧାରପୁର ପଞ୍ଚାୟତର ସାପୁଆଝର ଗ୍ରାମକୁ ମିଶାଇ ଏହି ନୂଆ ଏନଏସି ଗଠନ କରାଯାଇଛି। ସମୁଦାୟ ୧୫ଟି ୱାର୍ଡକୁ ନେଇ ଗଠିତ ଏହି ଏନଏସିରେ ଆଗାମୀ ନିର୍ବାଚନ ପାଇଁ ନିଜର ଆଧିପତ୍ୟ ବିସ୍ତାର କରିବାକୁ ସାଧାରଣ ବର୍ଗ, ଓବିସି ଏବଂ ଅନୁସୂଚିତ ଜାତିର କିଛି ନେତା ଗତ ୬ ମାସ ହେଲା ପ୍ରଚାର ଆରମ୍ଭ କରିଦେଇଥିଲେ। ବିଭିନ୍ନ ସଭାସମିତି ଓ ମେଳା ମଉଛବରେ ଏମାନେ ବହୁ ଅର୍ଥ ମଧ୍ୟ ଖର୍ଚ୍ଚ କରିଥିଲେ। ମାତ୍ର ବର୍ତ୍ତମାନ ପଦବୀଟି ଏସ୍‌ଟି ବର୍ଗଙ୍କ ପାଇଁ ସଂରକ୍ଷିତ ହୋଇଯିବା ଫଳରେ ଉଭୟ ଶାସକ ଓ ବିରୋଧୀ ଦଳର ବହୁ ଆଶାୟୀଙ୍କ ଶିବିରରେ ନୀରବତା ଛାଇଯାଇଛି। ଅପରପକ୍ଷରେ, ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ସଂରକ୍ଷଣକୁ ନେଇ ଯଦି କାହାର କିଛି ଆପତ୍ତି କିମ୍ବା ପରାମର୍ଶ ଥାଏ, ତେବେ ତାହା ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ ବୋଲି ସୂଚନା ଦିଆଯାଇଛି। ଏହି ବ୍ୟବସ୍ଥାକୁ ଆଧାର କରି କିଛି ନେତାଙ୍କୁ 'ଚୌକି ଜ୍ୱର' ଧରିଥିବା ବେଳେ, ସାଧାରଣ ଜନତା କିନ୍ତୁ ସରକାରଙ୍କ ଏହି ସଂରକ୍ଷଣ ଘୋଷଣାକୁ ନେଇ ବେଶ୍ ଖୁସି ଥିବା ଦେଖିବାକୁ ମିଳିଛି।



Government of Odisha
Housing & Urban Development Department
3rd floor, Kharavel Bhavan, Unit-V, Bhubaneswar, PIN: 751001

File No. HUD-ELE-MISC-0027-2026 Letter No. 20370 Date: 15/11/2026

NOTIFICATION

In exercise of the power conferred by Sub-section (3) and (4) of Section 47 of the Odisha Municipal Act, 1950 (Odisha Act 23 of 1950), read with sub-rule (5) of rule 67 of the Odisha Municipal (Delimitation of Wards, Reservation of Seats and Conduct of Election) Rules, 1994, the State Government do hereby propose to publish a notification in the Odisha Gazette showing reservation of office of Chairperson of the Municipality/ NAC as specified in Column (2) of the Schedule below for the category mentioned in Column (3) thereof inviting objections/ suggestions from all persons interested in connection with this notification within a period of fifteen (15) days from the date of publication of this notification in the Odisha Gazette.

Any objection and suggestion may be submitted in the office of the Director, Municipal Administration from any person interested on or before the expiry of the period so specified above shall be considered by the State Government.

SCHEDULE

Sl. No.	Name of the Municipality/ NAC determined for reservation	Assignment of reservation
(1)	(2)	(3)
1	Patrapur (N)	Scheduled Caste (Woman)
2	Salepur (N)	Scheduled Caste (Woman)
3	Bissamcuttack (N)	Scheduled Caste (Woman)
4	Jagannathprasad (N)	Scheduled Caste (Woman)
5	Titlagi (N)	Scheduled Caste (Woman)
6	Sohela (N)	Scheduled Caste (Woman)
7	Birmaharajpur (N)	Scheduled Caste (Woman)
8	Narasinghpur (N)	Scheduled Caste (Woman)
9	Harla (N)	Scheduled Caste (Woman)
10	Simulia (N)	Scheduled Caste (Woman)

ହିନ୍ଦୋଳରେ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ

ଖଜୁରିଆକଟା ୧୭/୭(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲାର ଐତିହ୍ୟ ଗଡଜାତ ରାଜ୍ୟ ହିନ୍ଦୋଳ ଗଡ଼(ଉପଖଣ୍ଡ) ରେ ଶ୍ରୀ ଦଧିବାମନ ଜୀଉଙ୍କ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ଦ୍ୱାରଫିଟା, ସକାଳଧୂପ,ମଇଲମ ଲାଗି,ଚାରମାଳ ସଂଯୋଗ,ଭୋଗ ଅର୍ପଣ ନୀତିଜ୍ଞାତି ମୁଖ୍ୟ ସେବାୟତ ଓ ସେବାୟତ ମାନଙ୍କ ଦ୍ୱାରା ସମାପନ ପରେ ଚତୁର୍ଦ୍ଧା ମୂର୍ତ୍ତି ବଡ଼ଦାଣ୍ଡ ଅଭିମୁଖେ ପ୍ରସ୍ଥୁତ ହୋଇଥିଲେ। ଜଗତରନାଥଙ୍କ ପ୍ରଥମ ସେବକ ହିନ୍ଦୋଳ ରାଜାସାହେବ ଶୈଳେନ୍ଦ୍ରନାରାୟଣ ସିଂଙ୍କୁ ଶ୍ରୀମନ୍ଦିରରୁ ସେବାୟତମାନେ ଘୋଷଯାତ୍ରା ର ଅନୁମତି ଓ ଛେରାପହଁରା ନୀତି ସମ୍ପର୍ଣ୍ଣ ପାଇଁ ଶ୍ରୀନଅରକୁ ଯାଇ ନିମନ୍ତ୍ରଣ କରିବାପରେ ରାଜସାହେବ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ।ତତ୍‌ପରେ ତିନି ରଥକୁ ଆଜ୍ଞାମାଳ ଯିବାସହ ଘଣ୍ଟମୃଦଙ୍ଗ ବାଜାରୋଷଣୀ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ରେ ଚତୁର୍ଦିଗ ପ୍ରକମ୍ପିତ ହୋଇ ହଜାରହଜାର ଶ୍ରଦ୍ଧାଳୁଙ୍କ ଗହଣରେ ପହଣ୍ଡିବିଜେ କରି ଚତୁର୍ଦ୍ଧାମୂର୍ତ୍ତି ରଥାରୁଢ଼ ହୋଇଥିଲେ ଏବଂ ରାଜା'ଙ୍କ ଦ୍ୱାରା ଛେରାପହଁରା ନୀତି ସମ୍ପର୍ଣ୍ଣ ହୋଇଥିଲା। ଅପରାହ୍ନ ୪ଘଣ୍ଟା ସମୟରେ ବହୁପ୍ରତିକ୍ଷୀତ ରଥଯାତ୍ରା ଆରମ୍ଭ ହୋଇ ପ୍ରଥମେ ବଡ଼ଭାଇ ବଳଭଦ୍ରଙ୍କ ତାଳଧ୍ୱଜ,ତାପରେ ଦେବି ସୁଭଦ୍ରାଙ୍କ ଦର୍ପଦଳନ ଓ ସବାଶେଷରେ ଜଗତରନାଥ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ବେଉରା, ତହସିଲଦାର ଦିଲୀପ ସେଠି ଓ ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟ ଙ୍କ ଦୃଢ଼ ପରିଚାଳନା ସମନ୍ୱୟରକ୍ଷା ସହିତ ପ୍ରଶାସନ ଓ ପୋଲିସ ବିଭାଗର ସହଯୋଗ ଓ ସର୍ବୋପରି ଶ୍ରଦ୍ଧାଳୁ, ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହିତ ପ୍ରସିଦ୍ଧ ଘୋଷଯାତ୍ରା ସମାପନ ହୋଇପାରିଥିଲା। ତେବେ ଚଳିତ ରଥଯାତ୍ରାରେ ଲୀଳାମୟଙ୍କ ଅଦ୍ଭୁତଲୀଳା ଦେଖିବାକୁ ମିଳିଥିଲା,ତିନିଦିନ ଧରି ଲାଗିରହିଥିବା ପ୍ରବଳବର୍ଷା ହଟାତ ଥମିଯିବାସହ ସବୁବର୍ଷ ଗୁଣ୍ଡିଚାଘର ଯିବାକୁ ହଟ କରୁଥିବା ଲୀଳାମୟ ହଟିଆଠାକୁର ବିନା ହଟରେ ଶାନ୍ତସରଳ ସଭାବରେ ରଥରେ ବିଜେକରି ଗୁଣ୍ଡିଚାଘର ଯାତ୍ରା କରିଥିଲେ। ହଜାରହଜାର ଭକ୍ତ, ଶ୍ରଦ୍ଧାଳୁ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଲୀଳାମୟଙ୍କ ଲୀଳା ଓ ରଥଯାତ୍ରା ଦର୍ଶନକରି ଆନନ୍ଦରେ ବିହ୍ୱଳ ହୋଇପଡ଼ିଥିଲେ।

ପରିତ୍ୟକ୍ତ ଅବସ୍ଥାରେ ଦଦରାଘାଟି ପର୍ଯ୍ୟଟକ ଉଦ୍ଦିଷ୍ଟ ଉଦ୍ୟାନ

ପରଜଙ୍ଗ,୧୭/୦୭(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ଦଦରାଘାଟି ଜଳ ପ୍ରକଳ୍ପକୁ ଦୀର୍ଘ ବର୍ଷ ହେବ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟକ ସ୍ଥାନ ଭାବେ ସ୍ୱୀକୃତି ପ୍ରଦାନ କରିଥିଲେ । ବିଗତ ସରକାର ସମୟରେ ବିଳମ୍ବରେ ହେଉ ପଛେ କୋଟି କୋଟି ଟଙ୍କାର ବ୍ୟୟ ଅଟକଳରେ ପ୍ରକଳ୍ପର ତଳ ପାର୍ଶ୍ୱରେ ବଣ ଭୋଜି ପାଇଁ ପିଣ୍ଡି, ଅତିଥି ନିବାସ ସାଙ୍ଗକୁ ଉଦ୍ୟାନ ନିର୍ମାଣ କାର୍ଯ୍ୟ ହୋଇଛି। ମାତ୍ର ଉକ୍ତ ଉଦ୍ୟାନର ରକ୍ଷଣାବେକ୍ଷଣା ଅଭାବରୁ ନବନିର୍ମିତ ସରଞ୍ଜାମ ଚତୁଃପାର୍ଶ୍ୱରେ ଘାସ,ଲତା ରେ ପରିପୂର୍ଣ୍ଣ ହୋଇରହିଛି। ସଫାସୁତୁରା ରହିବା ବଦଳରେ ଆବର୍ଜନା ହୋଇ ପଡିରହିଛି। ଦୈନନ୍ଦିନ ଉକ୍ତ ପ୍ରକଳ୍ପ ଭ୍ରମଣ କରିବାକୁ ହଜାର ହଜାର ପର୍ଯ୍ୟଟକ ସମାଗମ ହେଉଥିବାବେଳେ ଉଦ୍ୟାନ ଟି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବାରୁ ପର୍ଯ୍ୟଟକ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ସହ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଲୋକମାନଙ୍କର ଜଙ୍ଗଲି ଦ୍ରବ୍ୟ ବିକ୍ରି କରି ପରିବାର ପୋଷଣ ହେବାରେ ସହାୟକ ହେବା ନେଇ ଆଶାବାଦୀ ଥିବାବେଳେ ପର୍ଯ୍ୟଟନସ୍ଥଳୀର ନବନିର୍ମିତ ଉଦ୍ୟାନ ନଷ୍ଟ ହେବାକୁ ଲାଗିଲାଣି ବାରମ୍ବାର ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପ୍ରଶାସନ ର ଅପାରଗତା ଯୋଗୁଁ ବହୁଳ ଅର୍ଥ ବିନିଯୋଗ ହୋଇଥିବା ଉଦ୍ୟାନ ନଷ୍ଟ ହେବାକୁ ଲାଗିଲାଣି ବୋଲି ସ୍ଥାନୀୟ ସମାଜସେବୀ ସମୀର କୁମାର ସାହୁ କହିଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଆକର୍ଷଣ କରିବା ସହ ରକ୍ଷଣାବେକ୍ଷଣା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଖାଙ୍କିରାରେ ସମ୍ପନ୍ନ ହେଲା ମହାବାହୁଙ୍କ ଘୋଷଯାତ୍ରା



ଗଁଦିଆ, ୧୭/୭ (ବେତୁଜୀ ପ୍ରସାଦ): ଗଁଦିଆ ବ୍ଲକ୍ ଅନ୍ତର୍ଗତ ଖାଙ୍କିରା ଗ୍ରାମରେ ଗୁରୁବାର ମହାବାହୁଙ୍କ ପବିତ୍ର ଘୋଷଯାତ୍ରା ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ସକାଳେ ଶ୍ରୀଜୀଉଙ୍କ ଯଥାବିଧି ପୂଜାର୍ଚ୍ଚନା ଏବଂ ଅପରାହ୍ନରେ ପବିତ୍ର ହୋମଯଜ୍ଞ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ପହଣ୍ଡି ବିଜେ ଅନୁଷ୍ଠିତ ହୋଇଥିଲା। ଦିବ୍ୟମୂର୍ତ୍ତିମାନେ ରଥାରୂଢ଼ ହେବା ପରେ କୀର୍ତ୍ତନ, ନୃତ୍ୟଗୀତ ଓ ଘଣ୍ଟୁଆଙ୍କ ବାଜା ମଧ୍ୟରେ ଶହ ଶହ ଶ୍ରଦ୍ଧାଳୁ ରଥ ଟାଣିଥିଲେ। ସନ୍ଧ୍ୟା ପୂର୍ବରୁ ହିଁ ରଥ ମାଉସୀ ମା' ମନ୍ଦିର ନିକଟରେ ସୁରକ୍ଷିତ ଭାବେ ପହଞ୍ଚି ଯାଇଥିଲା। ଏହି ଉତ୍ସବରେ ଗ୍ରାମବାସୀଙ୍କ ପକ୍ଷରୁ ଭକ୍ତମାନଙ୍କ ପାଇଁ ବ୍ୟାପକ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା।

ଝାରଦା ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି

ଗଁଦିଆ, ୧୭/୭ (ବେତୁଜୀ ପ୍ରସାଦ): ଗଁଦିଆ ବ୍ଲକର ସର୍ବପୁରାତନ ତଥା ପବିତ୍ର ପୀଠ ଗିରିବର ଗିରିଧାରୀ ଆଶ୍ରମରୁ ଗତକାଲି ଶ୍ରୀ ଗୁଣ୍ଡିଚା ଯାତ୍ରାରେ ପ୍ରଭୁ ଶ୍ରୀ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଏବଂ ପ୍ରଭୁ ସୁଦର୍ଶନ ରଥାରୂଢ଼ ହୋଇ ବାହାରିଛନ୍ତି। ଆଷାଢ଼ ମାସର ଶୁକ୍ଳ ପକ୍ଷ ତୃତୀୟା ତିଥିରେ ଶ୍ରୀଜୀଉମାନେ ଦିବ୍ୟ ରଥରେ ବସି ଗ୍ରାମ ପରିକ୍ରମା କରିବା ପରେ ଅପରାହ୍ନ ୫ଟା ୩୦ ମିନିଟରେ ଝାରଦା ସ୍ଥିତ ଗୁଣ୍ଡିଚା ମନ୍ଦିର (ମାଉସୀ ମା' ମନ୍ଦିର) ରେ ଆସି ପହଞ୍ଚିଥିଲେ। ପ୍ରଭୁଙ୍କ ରଥଯାତ୍ରାରେ ସାମିଲ ହେବା ଏବଂ ଟିକିଏ ଦର୍ଶନ ପାଇଁ ରଥଦାଣ୍ଡରେ ସହସ୍ରାଧିକ ଭକ୍ତଙ୍କର ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ଗୁଣ୍ଡିଚା ମନ୍ଦିର ନିକଟରେ ରଥ ପହଞ୍ଚିବା ପରେ ଗିରିବର ଗିରିଧାରୀ ଆଶ୍ରମର ସାଧୁସନ୍ଥମାନଙ୍କ ଦ୍ୱାରା ବେଦ ଧ୍ୱନି ସହ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ପ୍ରଭୁଙ୍କୁ ଆଡ଼ପ ମଣ୍ଡପକୁ ନେବା ପାଇଁ ମାଉସୀ ମା'ଙ୍କ ଦ୍ୱାରା ପ୍ରସ୍ତୁତ ସୁସାଦୁ ପୋଡ଼ପିଠା ସହିତ ନଡ଼ିଆ, ପଣସ, ଆମ୍ବ, କଦଳୀ, ସେଓ, ଅଙ୍ଗୁର, ସପୁରୀ, ପିଜୁଳି ଫଳ ଏବଂ ଉଖୁଡ଼ା ଆଦି ନାନାଦି ଭୋଗ ଲାଗି କରାଯାଇଥିଲା। ଶହ ଶହ ଭକ୍ତଙ୍କ ଉପସ୍ଥିତିରେ ଘଣ୍ଟ ଧ୍ୱନି, ହରିବୋଲ ଓ ହୁଳହୁଳି ନାଦରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା ଏବଂ ଏହି ଭକ୍ତିମୟ ମାହୋଲ ମଧ୍ୟରେ ମହାପ୍ରଭୁ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିଥିଲେ। ସନ୍ଧ୍ୟା ସମୟରେ ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କର ଆକର୍ଷଣୀୟ ସନ୍ଧ୍ୟା ଆଳତି ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ। ରାତିରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା, ଯାହା ଭକ୍ତମାନଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଆଗାମୀ ଦିନଗୁଡ଼ିକରେ ଏଠାରେ ପ୍ରଭୁଙ୍କ ଦର୍ଶନ ପାଇଁ ଆହୁରି ଭିଡ଼ ଜମିବାର ସମ୍

ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

ଅର୍ଥନୀତିର ମେରୁଦଣ୍ଡ ସାଜିଛି କୃଷି

କୃଷି କ୍ଷେତ୍ର ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ହୋଇ ରହିଛି, ଯାହା ଦେଶର ପ୍ରାୟ ୪୬ ପ୍ରତିଶତ କର୍ମଜୀବୀଙ୍କୁ ନିୟୋଜିତ କରିଥାଏ। ଚାଷୀଙ୍କ ଆୟ ବୃଦ୍ଧି ପାଇଁ ବିଗତ ଦଶନ୍ଧି ମଧ୍ୟରେ ସରକାରଙ୍କ ପକ୍ଷରୁ ଅନେକ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି, ଫସଲ ବିବିଧକରଣ, ଚାଷ ଖର୍ଚ୍ଚ ହ୍ରାସ, କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରାପ୍ତି, ଜଳବାୟୁ ସହନଶୀଳତା ଏବଂ ବିପତ୍ତି ହ୍ରାସ ଭଳି ବହୁମୁଖୀ ରଣନୀତି ଅନ୍ତର୍ଭୁକ୍ତ।

କେନ୍ଦ୍ର ପ୍ରବର୍ତ୍ତିତ କିମ୍ବା କେନ୍ଦ୍ରୀୟ କ୍ଷେତ୍ର ଯୋଜନା ମାଧ୍ୟମରେ କୃଷକମାନଙ୍କୁ ବିଭିନ୍ନ ସେବା କିମ୍ବା ସୁବିଧା ସୁରୁଖୁରୁରେ, ସ୍ୱଚ୍ଛ ଏବଂ ଦକ୍ଷତାର ସହିତ ପ୍ରଦାନ କରିବା ସରକାରଙ୍କର ଏକ ପ୍ରାଥମିକତା। ଯେକୌଣସି ଚାଷୀ (ମାଲିକ, ଲିଜ୍‌ଧାରୀ କିମ୍ବା ଭାଗଚାଷୀ) କୌଣସି ଯୋଜନାର ସୁବିଧା ପାଇବାକୁ ଯୋଗ୍ୟ କି ନୁହେଁ, ତାହା ଆକଳନ କରିବା ପାଇଁ ସେହି ଜମିର ମୋଟ କୃଷି ଜମି ମାଲିକାନା ଏବଂ ସେଠାରେ ଚାଷ କରାଯାଇଥିବା ଫସଲର ଇତିହାସ ଜାଣିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା। ତେବେ ସାରା ଦେଶରେ ଜମି ପ୍ରଶାସନରେ ଥିବା ବ୍ୟାପକ ବିଭିନ୍ନତା ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି।

ଏକ ମାନକୀକରଣ କୃଷକ ଡାଟାବେସର ଗୁରୁତ୍ୱ ଏବଂ ମହତ୍ତ୍ୱକୁ ସ୍ୱୀକାର କରି ଯାହା ମାଲିକାନା ଏବଂ ବୁଣା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସୂଚନାକୁ ଆହରଣ କରିଥାଏ, ଦୃଢ଼ ସମ୍ମତି ବ୍ୟବସ୍ଥା ସହିତ ଗତିଶୀଳ ଭାବରେ ସ୍ପଷ୍ଟ କରାଯାଇଥାଏ। ସରକାର ୨୦୨୪ ମସିହାରେ ଡିଜିଟାଲ୍ କୃଷି ମିଶନର ଶୁଭାରମ୍ଭ କରିଥିଲେ। ମିଶନର ଗୋଟିଏ ସ୍ତମ୍ଭ - କୃଷି ଷ୍ଟାକ୍ ବର୍ତ୍ତମାନ ଏହି ମିଶନର ଏକ ନୀରବ କିନ୍ତୁ ଶକ୍ତିଶାଳୀ ପରିବର୍ତ୍ତନକାରୀ ସ୍ତମ୍ଭ ଭାବରେ ଉଭା ହେଉଛି। ଏଥିରେ ତିନୋଟି ପଞ୍ଜିକା ଅନ୍ତର୍ଭୁକ୍ତ - ଫାର୍ମ, ଚାଷୀ ଏବଂ ବୁଣାଯାଇଥିବା ଫସଲ। କୃଷି ଷ୍ଟାକ୍ ଭାରତର କୃଷି ଯାତ୍ରାରେ ଏକ ନୂତନ ଅଧ୍ୟାୟର ସଙ୍କେତ ଦିଏ - ଯାହା ୨୦୪୭ ମସିହା ସୁଦ୍ଧା ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ' ଦୃଷ୍ଟିକୋଣ ସହିତ ଏକକ ଭାବରେ ସମନ୍ୱିତ।

କୃଷି ପଞ୍ଜିକାରେ ଭୂ-ସନ୍ଦର୍ଭିତ କୃଷି ପ୍ଲଟ୍ର ଡାଟାବେସ୍ ଅନ୍ତର୍ଭୁକ୍ତ, ପ୍ରତ୍ୟେକକୁ ଏକ ଅନନ୍ୟ ଫାର୍ମ ପରିଚୟ ପତ୍ର (ଆଇଡି) ପ୍ରଦାନ କରାଯାଇଛି। ଦ୍ୱିତୀୟ ସ୍ତରରେ, ପ୍ରତ୍ୟେକ ଜମି ମାଲିକ ଚାଷୀଙ୍କୁ ସହ-ମାଲିକାନା କ୍ଷେତ୍ରରେ ଅଂଶ ସହିତ ମାଲିକାନା ଥିବା ପ୍ରତ୍ୟେକ ପ୍ଲଟ ସହିତ ଜଡିତ ଆବଶ୍ୟକୀୟ ସୂଚନା ତଥା ଏକ ଅନନ୍ୟ ଫାର୍ମ ଆଇଡି ପ୍ରଦାନ କରାଯାଉଛି। ତଥ୍ୟକୁ ଅଧିକାର ରେକର୍ଡ ସହିତ ଗତିଶୀଳ ଭାବରେ ସଂଯୋଗ କରାଯାଇଛି ଯାହା ଫଳରେ ଉତ୍ତରାଧିକାର, ବିକ୍ରୟ ଇତ୍ୟାଦି କାରଣରୁ ମାଲିକାନା ପରିବର୍ତ୍ତନ ଚାଷୀ ପଞ୍ଜିକାରେ ଅପଡେଟ୍ ହୋଇପାରିବ। ତୃତୀୟ ସ୍ତରରେ ପ୍ରତ୍ୟେକ ପ୍ଲଟରେ ବୁଣାଯାଇଥିବା ଫସଲର ବିବରଣୀ ଅନ୍ତର୍ଭୁକ୍ତ, ଯାହା ବୁଣା ସମାପ୍ତ ହେବା ପରେ ପ୍ରତ୍ୟେକ ଫସଲ ଋତୁରେ କରାଯାଇଥିବା ଡିଜିଟାଲ୍/ପ୍ରଯୁକ୍ତିବିଦ୍ୟା ଦ୍ୱାରା ଚାଳିତ ଫସଲ ସର୍ଭେ ମାଧ୍ୟମରେ ପ୍ରାପ୍ତ ହୋଇଥାଏ।

କେନ୍ଦ୍ର ସରକାର ୩୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସହିତ ବୁଝାମଣା ପତ୍ର ମାଧ୍ୟମରେ ଏହି ଯୋଜନାରେ ସହଭାଗୀତା କରିଛନ୍ତି। ମିଶନକୁ ଏକ ମଜଭୁତ କେନ୍ଦ୍ର- ରାଜ୍ୟ ସହଯୋଗ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି ଏବଂ ଏଥିରେ ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିବା ସହିତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଉଛି। ଏଗ୍ରି ଷ୍ଟାକ୍ ଏକ ସଂଘୀୟ ଡାଟାବେସ୍ ଯେଉଁଠାରେ ମାଲିକାନା ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ନିକଟରେ ରହିଛି କିନ୍ତୁ ସେବା ଏବଂ ତଥ୍ୟ ବିଶ୍ଳେଷଣ ପ୍ରଦାନ ପାଇଁ ଏହା କେନ୍ଦ୍ର ସରକାରଙ୍କ ନିକଟରେ ଉପଲବ୍ଧ। ଏହା ପ୍ରତ୍ୟେକ ଚାଷୀଙ୍କ ପାଇଁ ଏକ ଯାଞ୍ଚ କରାଯାଇଥିବା ଡିଜିଟାଲ୍ ପରିଚୟ ସୃଷ୍ଟି କରିବାକୁ, ଏହାକୁ ସଠିକ୍ ଭାବରେ ମ୍ୟାପିଂ କରାଯାଇଥିବା ଜମି ପାର୍ସଲ ସହିତ ଲିଙ୍କ୍ କରିବାକୁ ଏବଂ ପ୍ରତ୍ୟେକ ଋତୁରେ ସେଥିରେ କେଉଁ କେଉଁ ଫସଲ ଚାଷ କରାଯାଏ ତାହା ରେକର୍ଡ କରିବାକୁ ପ୍ରୟାସ କରେ। ଷ୍ଟାକ୍ ଚାଷୀମାନଙ୍କୁ ବାରମ୍ୱାର ସେମାନଙ୍କର ପରିଚୟ, ଜମି ମାଲିକାନା କିମ୍ବା ଫସଲ ବିବରଣୀ ପ୍ରମାଣ କରିବାକୁ ବାଧ୍ୟ ନ କରି ଯୋଜନା ଏବଂ ଭୌଗୋଳିକ କ୍ଷେତ୍ରରେ ନିୟମ- ଆଧାରିତ, ସଂଗଠିତ ସେବା ପ୍ରଦାନ ନିମନ୍ତେ ସକ୍ଷମ କରେ। ଚାଷୀ ସମ୍ପୃକ୍ତୀୟ ସୂଚନାର ପ୍ରବେଶ ଏକ ଦୃ? ସମ୍ମତି ବ୍ୟବସ୍ଥା ମାଧ୍ୟମରେ ଗୋପନୀୟତା ଏବଂ ତଥ୍ୟ ସୁରକ୍ଷା ସମ୍ପୃକ୍ତୀୟ ଆଇନର ବ୍ୟବସ୍ଥାଗୁ?କର କଠୋର ଅନୁପାଳନକୁ ସୁନିଶ୍ଚିତ କରେ।

କାଗଜ ରେକର୍ଡରୁ ଡିଜିଟାଲ୍ ଫାଉଣ୍ଡେସନ୍ ପର୍ଯ୍ୟନ୍ତ ଦଶନ୍ଧି ଦଶନ୍ଧି ଧରି, କୃଷି ପ୍ରଶାସନ କାଗଜ-ଆଧାରିତ ରେକର୍ଡ ଏବଂ ମାନୁଆଲ୍ ସର୍ଭେ ଉପରେ ବହୁଳ ଭାବରେ ନିର୍ଭର କରୁଥିଲା, ଯାହା ପ୍ରାୟତଃ ନାଗରିକମାନଙ୍କ ପାଇଁ ହଇରାଣ ଏବଂ ଦୁର୍ନୀତିର ଏକ ଉତ୍ସ ଭାବରେ ରହିଆସି ଥିଲା। ଏଗ୍ରି ଷ୍ଟାକ୍ ଏହି ଐତିହ୍ୟରୁ ଏକ ପରିବର୍ତ୍ତନକାରୀ ରୂପାନ୍ତରଣକୁ ପ୍ରତିନିଧିତ୍ୱ କରେ। ଚାଷୀ ପରିଚୟକୁ ଡିଜିଟାଇଜେସନ୍ କରି ଏବଂ ସେଗୁଡ଼ିକୁ ଜମି ଏବଂ ଫସଲ ତଥ୍ୟ ସହିତ ସଂଯୋଗ କରି, ଏହା ଭାରତୀୟ କୃଷିର ଏକ ନିର୍ଭରଯୋଗ୍ୟ, ସଦ୍ୟତମ ଚିତ୍ର ସୃଷ୍ଟି କରେ।

ଏହି ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ ହେଉଛି ଆଜି ପର୍ଯ୍ୟନ୍ତ ୯ କୋଟି କୋଟିରୁ ଅଧିକ ଚାଷୀଙ୍କ ନିମନ୍ତେ ପରିଚୟପତ୍ର ସୃଷ୍ଟି କରିବା। ଏହି ଡିଜିଟାଲ୍ ପରିଚୟ ସତ୍ୟର ଏକକ ଉତ୍ସ ଭାବରେ କାର୍ଯ୍ୟ କରେ, ଚାଷୀମାନଙ୍କୁ ବାରମ୍ୱାର ଯାଞ୍ଚ ନକରି ବହୁବିଧ ସେବା ପାଇବାକୁ ସକ୍ଷମ କରେ ଏବଂ କାରବାର ଖର୍ଚ୍ଚ ମଧ୍ୟ ହ୍ରାସ କରେ। ସରକାରୀ ଏଜେନ୍‌ସିଗୁ?କ ନିମନ୍ତେ, ସେମାନେ ହିତାଧିକାରୀ ଚିହ୍ନଟରେ ତ୍ରୁଟି ହ୍ରାସ କରନ୍ତି ଏବଂ ଲାଭକୁ ଉଦ୍ଦିଷ୍ଟ ପ୍ରାପ୍ତକର୍ତ୍ତାଙ୍କ ନିକଟରେ ପହଞ୍ଚିବା ନିଶ୍ଚିତ କରିବାରେ ସାହାଯ୍ୟ କରିଥାଆନ୍ତି। ତଥାପି ଅସ୍ୱୀକାର ହେଉଛି ଯେ କୃଷି ଷ୍ଟାକ୍ ମୁଖ୍ୟତଃ ବିଭିନ୍ନ ଯୋଜନା ଲାଭ ପାଇବା ପାଇଁ ଚାଷୀମାନଙ୍କୁ ସଶକ୍ତ କରିବା ସକାଶେ, କିନ୍ତୁ ଜମି ରେକର୍ଡ କିମ୍ବା ଜମି ମାଲିକାନା ପ୍ରମାଣପତ୍ରର ପ୍ରତିସ୍ଥାପନ ନୁହେଁ, ଯଦିଓ ଅଧିକାର ରେକର୍ଡ ସହିତ ଏହାର ଗତିଶୀଳ ସଂଯୋଗ ସତ୍ୟତା ନିଶ୍ଚିତ କରେ।

ରଥଯାତରା



ଡ଼. ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ
ସମ୍ବଲପୁର

ବହୁତ ପୁରାତନ ସମିଆନୁ ମୁନିଋଷି ମାନଙ୍କର ଚିନ୍ତାଧାରା ହିସାବେ ପର୍ବ ପର୍ବାଣୀର ଆରମ୍ଭ ହେଇଥିଲା। ଇଟା ମୁନୁଷ ସମାଜକେ ସେମାନଙ୍କର ବଢ଼େଟେ ଅବଦାନ ଥାଏ। କାଁହେଲା ଯେ କି ଇତାର ପାଲନ ଧର୍ମ ଭିତ୍ତିକ ହେବା ସାଙ୍ଗେ ସାଙ୍ଗେ ଲୁକକର ଭିତରେ ସାମାଜିକ ଏକତା, ଭାଇଚାରା ଆର ସାଂସ୍କୃତିକ ପରମ୍ପରାର ଉତ୍‌ଥାନ କେ ଆଗ୍‌କେ ନେସି। ପରବ ପାଲନ ସଙ୍ଗେ ଯାତରା ଅନୁଷ୍ଠିତ୍ କରିବାଟା ଭି ବନେ ପୁରାନା ସମିଆନୁ ଚଲି ଆଉଛେ।

ପୁରୀର ରଥଯାତ୍ରା ସାରା ପୃଥିବୀ ପ୍ରସିଦ୍ଧ ଆଏ। ଜଗନ୍ନାଥଙ୍କର ଏଇ ରଥଯାତରା ଆଷାଢ଼ ମାସର ଦ୍ୱିତୀୟା ତିଥି ନ ଅନୁଷ୍ଠିତ ହେସି। ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ରାନୀ ଗୁଣ୍ଡିଚା ଇଟାକେ ଆରମ୍ଭ କରିଥିଲେ ବଲି ଇ ଯାତରାକେ ଗୁଣ୍ଡିଚା ଯାତରା ଭି ଲୁକେ କହେସନ୍। ବୈଶାଖ ମାସର ଅକ୍ଷିତୃତୀୟା ରୋହିଣୀ ନକ୍ଷତ୍ର ନେ ପୂଜାପାଠ କରି ମହାପୁରୁମାନଙ୍କର ରଥ ତିଆର କାମ ଆରମ୍ଭ କରାହେସି। ମାହାପ୍ରଭୂ ବଳଭଦ୍ରଙ୍କର ରଥ ନାଁ 'ତାଳଧ୍ୱଜ', ଦେବୀ ସୁଭଦ୍ରାଙ୍କର ରଥର ନାଁ 'ଦର୍ପଦଳନ' ହେଇଥିବାର ବେଳେ ଜଗନ୍ନାଥଙ୍କର ରଥର ନାଁ 'ନନ୍ଦିଘୋଷ'। ରଥଯାତରାକେ ଲୁକେ 'ଘୋଷଯାତରା' ବଲି ଭି କହେସନ୍। ତିନ୍‌ହି ମାହାପୁରୁ ମନ୍ଦିରର ଗମ୍ଭୀରା 'ନୀଳଗିରି କନ୍ଦରୁ' ବାହାରି ରଥ ମାନଙ୍କୁ ବିଜେ କରିକରି ଗୁଣ୍ଡିଚା ମନ୍ଦିରକେ ବାହାରସନ୍। ଇ ସମିଆ ନ ଭକତମାନକୁ ଦର୍‌ଶନ ଦେବାର ପରମ୍ପରା ସବୁନୁ ବଡ଼ କଥା ଆଏ। ଇ ସମିଆନେ ଭକତ ଆର ଭଗବାନଙ୍କରମହାମିଳନ୍‌ର ଇଏ ଗୁଟେ ବଢ଼େ ଉଦାହରଣ। ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ରଥମାନଙ୍କୁ ବସିକରି ଗୁଣ୍ଡିଚା ମନ୍ଦିରକେ ଯାଉଥିବାର ଲାଗି ଇତାକେ 'ରଥଯାତରା' କହେସନ୍ ବଲି ଅନୁମାନ୍ କରାହେସି। ଇ ହିସାବେ ରଥ ଯାତ୍ରାକେ ତିନ୍ ଭାଗେ କହେଲେ ଦୁତିଆ ଦିନର ଯାତ୍ରା, ଗୁଣ୍ଡିଚା ମନ୍ଦିର ନେ ମହାପୁରୁମାନେ ରହୁଥିବାର ସମିଆ ଆର ଫେର ମନ୍ଦିରକେ ଫିରବାର୍ 'ବାହୁଡ଼ା ଯାତରା'। 'ଯାତ୍ରା ଭାଗବତ' ନେ ଉଲ୍ଲେଖ ଥିବା ଶ୍ଲୋକ ଅନସାରେ- ଆଷାଢ଼ସ୍ୟ ସିତେ ପକ୍ଷେ ଦ୍ୱିତୀୟା ୟାଂ ଶୁଭଦିନେ ଶ୍ରୀ ଜଗନ୍ନାଥ ଦେବସ୍ୟ ଗୁଣ୍ଡିର ଭବତି ଧ୍ରୁବଂ। ରଥସଂ ଚ ଜଗନ୍ନାଥ ପ୍ରୟାତଂ ଗୁଣ୍ଡିର ଗୃହଂ ଯେ ପଶ୍ୟନ୍ତ ନରଶ୍ରେଷ୍ଠା ସ୍ତେ ଧନ୍ୟା ଭୁବନତ୍ରୟେ ?'' ରଥାରୁଢ଼ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କର ଦରଶନ ପାଇକରି ପା ଭକତର ଜୀବନ ଧଏନ ହେବା ସଙ୍ଗେ ପରମ ଶାନ୍ତି ମିଳସି ଲସି। 'ଶ୍ରୀହର୍ଷ' କହିଛନ - ''ଦୋଳେଚ ଦୋଳଗୋବିନ୍ଦ ଚାପେ ଚ ମଧୂସୁଦନଂ ରଥେ ତୁ ବାମନଂ ଦୃଷ୍ଟା, ପୁନର୍ଜନ୍ମ ନ ବିଦ୍ୟତେ ?'' ପୁରୀର ରଥଯାତ୍ରା ସଙ୍ଗେ ସଙ୍ଗେ ପୃଥିବୀ ର ଭିନ୍ ଭିନ୍ ଜାଗାମାନ୍‌କେ ଜଗନ୍ନାଥ ସଂସ୍କୃତିର ଚେତନା ଜାଗ୍ରତ ହେଇକରି ଲଣ୍ଡନ, ନ୍ୟୁୟର୍କ, କାଲିଫର୍ଣିଆ, ମଣ୍ଟ୍ରିଲ ବାଗିର ଜାଗାମାନକୁ ଭି ରଥଯାତ୍ରା ପାଲନ କରାହେଉଛେ। ଆମର ରାଏଜ୍ ଓଡ଼ିଶାର ସବୁ ଜିଲାମାନକର ସଙ୍ଗେ ସବୁ ଗାଁମାନଙ୍କରେ ଇ ଯାତ୍ରା ହେଇଆସୁଛେ। ଆମର ପଶ୍ଚିମ ଓଡ଼ିଶାନେ ରଥ ଯାତ୍ରାର ତ୍ରାର ପ୍ରଚଳନ ବହୁତ ପୁରାନା। ଇନର ଲୁକେ ରଥ ରଥ ଦୁତିଆ କେଭେ ଆଏବା ବଲି ଟାକିଥିସନ। ଇ ନ ବରଗଡ଼ ଜିଲାର ଭଟଲିର ଲିର ଦଧୂବାମନ, ଝାରସୁଗୁଡ଼ାର କୁକୁରଜଂଘାର ରଥ ଯାତ୍ରାର କଥା ଉଲ୍ଲେଖ କରାଯାଇପାରେ। ଇ ଦୁହି ଠ ଠାନର ଯାତ୍ରା ବନେ ପ୍ରସିଦ୍ଧି ରହିଛେ। ଝାରସୁଗୁଡ଼ା ଜିଲାର ରେମଣ୍ଡା ଗାଁର ରଥ ଯାତ୍ରା ଥି ମୁସଲମାନ ଗଅଁତିଆ ଛେରା ପହଁରା କାମ କରସନ, ଇଟା ସର୍ବଧର୍ମ ସମନ୍ୱୟର ଗର ବାର୍ତ୍ତା ଦେସି। ଇନ ଧର୍ମଭିତ୍ତିକ ଭାବନା ସ ସଙ୍ଗେ ସାଂସ୍କୃତିକ ଚିନ୍ତା ଚେନ୍ନା ଭାବଧାରାର ମହାମିଳନ ରହିଛେ ଛେ। ସୁନ୍ଦରଗଡ଼, ବଲାଙ୍ଗୀର, ବୌଦ୍ଧ ଆଦି ଜିଲାର ଗାଁ-ଗାଁ ନ ଜଗନ୍ନାଥ ମନ୍ଦିର। ମନ୍ଦିର ନିର ବଏଲେ ଇନ ଗୁଡ଼ି ଆଉ ଆଉର ସେନ ସନ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ପୂଜା ପାଏସନ। କେନ୍‌ସି କେନ୍‌ସି ଗୁଡ଼ିନ ଖାଲି ଜଗନ୍ନାଥଙ୍କର ମୂର୍ତ୍ତି ଥୁସନ। ଆର ସେ ରଥ ଯାତ୍ରା ବେଳେ ରଥ ଉପରେ ରେ ଏକଲା ବିଜେ କରସନ। ସୋନପୁର ଜିଲାର ମେଣ୍ଢା ଗାଁର ରଥ ଯାତ୍ରା, ଆଉ ଇ ଜିଲାର ପାତାଲି ଶ୍ରୀକ୍ଷେତ୍ରର କେତନିକେତେ ମହିମା ଅଛେ। ସମ୍ବଲପୁର ସହରର ରଥ ଯାତ୍ରା କଥା ଆଡ଼ ଥାଡ଼କେ ନିଘା କଲେ ଇନ କେତନିକେତେ ଜଗନ୍ନାଥ ମନ୍ଦିର, ରଜାରାଜୁଡ଼ି ଅମଳନୁ ଜଗନ୍ନାଥଙ୍କର ପୂଜା ପୂଜା ଆରାଧନା ବିଧ୍ ଆଉର ଇନର ଚଲନି ହିସାବେ ହେଇ ଆସୁଛେ। ଇନର ବରମପୁରା ମାହାପୁରୁ (ବ୍ରହ୍ମପୁରା ମନ୍ଦିର, ଝାଡୁଆପଡ଼ା)ର କେତନିକେ କେତେ ପ୍ରସିଦ୍ଧି ଆର ସାଙ୍କା ରହିଛେ। ଇ ମାହାପୁରୁଙ୍କର ରଥ ଯାତ୍ରା ଦେଖବାକେ ଲୁକର୍କର ଭିତରେ ବଡ଼ା ଉତ୍ସାହ ଆର୍ ଭକ୍ତି ଭାବନା ଦେଖବାକେ ମିଳସିଫ। ରଥବେଳେ ସାନଛୁଆମାନଙ୍କୁ ରଥଛୁଆଁବାର ପରମ୍ପରାଶ ଚଲିଆଉଛେ।

ସତ୍ୟ ଉନ୍ଝା ମନ୍ଦିରମାନକର ଭିତରେ ମୁଦିପଡ଼ା, ହୁତାପଡ଼ା, ବୁଢ଼ାରଜାର ଜଗନ୍ନାଥଙ୍କର ଯାତ୍ରା ସଙ୍ଗେ ଦବାମନ, ତ୍ୟବାଦୀ, ମଦନମୋହନ, ଟିମିନି ଆଦି ଗୁଡ଼ିମାନକର ରଥ ବାହାରି କରି ବିନାଖଁଡ଼ିର ମା ମାଉସୀ ମନ୍ଦିର କେ ଯାଏସନ। ଖାଲି ସମ୍ବଲପୁରର କୁଠା ଜଗନ୍ନାଥଙ୍କର ରଥ ନାଇଁ ବାହାରେ। ହେଲେ ତାକର ପୂଜାବିଧୂ ପରମ୍ପରା ହିସାବେ ପାଲନ କରାହେସି। ରଥ ଯାତ୍ରା ବେଳେ ସବୁ ପଡ଼ାନ ଜଗନ୍ନାଥଙ୍କର ପୂଜା ଆରାଧନା ହେସି। ସାନସାନ ଛୁଆମାନେ ସୁରୁ ସୁର ରଥ ଥି ଜଗ୍ନନାଥ, ବଳଭଦ୍ର, ସୁଭଦ୍ରାର୍କର ମୂର୍ତ୍ତି ରଖୁକରି ରଥ ଘିଚ୍‌ସନ। ଜଗନ୍ନାଥ ସଂସ୍କୃତିର ଗହନ କଥାକେ ବୁଝିବାରଟା ବଢ଼େ କଥା ଆଏ, ଲେକିନ ଛୁଆ ବୁଢ଼ା ସଭେ ଯେ ଯେନ୍ତା ପାରଲେ ସଭେ ଇଥି ସାମିଲ ହେସନ। ଇ ସବୁ ଭିତରେ ଗୁଟେ କଥା ମନ୍‌କେ ଛୁଇ ଛୁଇସି, ରଥ ଯାତ୍ରା ମୁନୁଷ ସମାଜକେ ସର୍ବଧର୍ମ ସମନ୍ୱୟର କଥା ଶିଖାବାର ସଙ ସଙ୍ଗେ 'ବସୁଧୈବ କୁଟୁମ୍ବକଂ'ର ବାର୍ତ୍ତା ଦେ।

ଜ୍ଞାନୋଦୟଶିକ୍ଷାରୁ ସମୃଦ୍ଧି

ଏହା ଏକ ଐତିହାସିକ ପଦକ୍ଷେପ, ଏହି ନିୟମର ଉପଯୁକ୍ତ କାର୍ଯ୍ୟକାରିତା ଉପରେ ଏହାର ସଫଳତା ନିର୍ଭର କରିବ। ଓଡ଼ିଶା ସରକାରଙ୍କ 'ଜ୍ଞାନୋଦୟଶିକ୍ଷାରୁ ସମୃଦ୍ଧି' ଯୋଜନା ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବିବେଚିତ ହୋଇପାରେ। ଶିଶୁ ଶିକ୍ଷାଠାରୁ ସ୍ନାତକୋତ୍ତର ସ୍ତର ପର୍ଯ୍ୟନ୍ତ ମାଗଣା ଶିକ୍ଷାର ସପ୍ନକୁ ସାକାର କରିବା ଦିଗରେ ଏହା ଏକ ସାହସିକ ପ୍ରୟାସ। ବିଶେଷକରି ଉଚ୍ଚଶିକ୍ଷାରେ ନାମୋଲ୍ଲେଖ ସମୟରେ ଦେବାକୁ ପଡୁଥିବା ଶୁଳ୍କକୁ ସରକାର ବହନ କରିବାର ନିଷ୍ପତ୍ତି ହଜାର ହଜାର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ଆଶାର ଆଲୋକ ସୃଷ୍ଟି କରିଛି। ନିଶ୍ଚିତ ଭାବରେ ଏହା ସମାନ ଶିକ୍ଷା ସୁଯୋଗ ପ୍ରଦାନ ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ।

ଏହି ଯୋଜନାର ଅନ୍ୟତମ ସକାରାତ୍ମକ ଦିଗ ହେଉଛି, ଏଥିରେ ଜାତି, ଧର୍ମ, ଆୟ କିମ୍ବା ଅଞ୍ଚଳ ଭିତ୍ତିକ କୌଣସି ପ୍ରତିବନ୍ଧକ ନାହିଁ। ସାମ୍ସ ପୋର୍ଟାଲ ମାଧ୍ୟମରେ ଯୋଗ୍ୟ ଅନୁଷ୍ଠାନରେ ଭର୍ତ୍ତି ହୋଇଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ଏହାର ସୁବିଧା ପାଇବେ। ଏହା ଶିକ୍ଷା କ୍ଷେତ୍ରରେ ସମାନତାର ନୀତିକୁ ଅଧିକ ସୁଦୃଢ଼ କରିବ। ସେହିପରି, ସାମ୍ସ ପୋର୍ଟାଲ ମାଧ୍ୟମରେ ସମସ୍ତ ପ୍ରକ୍ରିୟା ସମ୍ପନ୍ନ ହେବା ଫଳରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେବେ, ଯେକୌଣସି ଉତ୍ତମ ଯୋଜନାର ସଫଳତା କେବଳ ଘୋଷଣାରେ ନୁହେଁ, ବରଂ ତାହାର ବ୍ୟବହାରିକ କାର୍ଯ୍ୟକାରିତା ଉପରେ ନିର୍ଭର କରେ। ଏହି ଦୃଷ୍ଟିରୁ ଦେଖିଲେ, ଏହି ନିର୍ଦ୍ଦେଶିକାର କିଛି ବ୍ୟବସ୍ଥା ଭବିଷ୍ୟତରେ ସମସ୍ୟା ସୃଷ୍ଟି କରିପାରେ।

ସର୍ବପ୍ରଥମେ, ୭୫ ପ୍ରତିଶତ ଉପସ୍ଥାନକୁ ବାଧତାମୂଳକ କରାଯିବା ଏକ ବିବାଦୀୟ ପ୍ରସଙ୍ଗ। ନିୟମିତ ଶ୍ରେଣୀ ଉପସ୍ଥାନ ନିଶ୍ଚିତ ଭାବରେ ଆବଶ୍ୟକ, କିନ୍ତୁ ସମସ୍ତ ଛାତ୍ରଛାତ୍ରୀଙ୍କ ପରିସ୍ଥିତି ସମାନ ନୁହେଁ। ଦୀର୍ଘଦିନ ଅସୁସ୍ଥ ଥିବା, ପାରିବାରିକ ସମସ୍ୟାରେ ଥିବା କିମ୍ବା ଆର୍ଥିକ କାରଣରୁ କାମ କରୁଥିବା ଛାତ୍ରଛାତ୍ରୀମାନେ ଏହି ନିୟମ ଯୋଗୁଁ ଯୋଜନାର ସୁବିଧାରୁ ବଞ୍ଚିତ ହୋଇପାରନ୍ତି। ତେଣୁ ଏହି ନିୟମକୁ ଅଧିକ ମାନବିକ ଓ ବ୍ୟବହାରିକ କରିବାର ଆବଶ୍ୟକତା ରହିଛି।

ଅନ୍ୟପକ୍ଷରେ, ଆଇ. ଟି. ଆଇ, ଇଂଜିନିୟରିଂ, ବି. ଏଡ, ଏଲ. ଏଲ. ବି, ବି. ବି. ଏ, ବି. ସି. ଏ, ଏମ.ବି.ଏ, ଏମ.ସି.ଏ ପରି ବୃତ୍ତିଗତ ପାଠ୍ୟକ୍ରମଗୁଡ଼ିକୁ ଏହି ଯୋଜନାରୁ ବାଦ ଦିଆଯିବା ମଧ୍ୟ ପ୍ରଶ୍ନ ସୃଷ୍ଟି କରେ। ଆଜିର ଦିନରେ ଏହି ପାଠ୍ୟକ୍ରମଗୁଡ଼ିକ ରୋଜଗାରମୁଖୀ ଶିକ୍ଷାର ମୁଖ୍ୟ ଆଧାର। ଯଦି ସରକାରଙ୍କ ଲକ୍ଷ୍ୟ ପ୍ରକୃତରେ ଉଚ୍ଚଶିକ୍ଷାର ସର୍ବାଙ୍ଗୀଣ ବିକାଶ, ତେବେ ପର୍ଯ୍ୟାୟକ୍ରମେ ଏହି ପାଠ୍ୟକ୍ରମଗୁଡ଼ିକ

ଅକ୍ଷର
AKHYARA ODISHA ଓଡ଼ିଶା

ଦେଶରେ ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦେଶରେ ନିର୍ମିତ ପ୍ରଥମ ହାଇଡ୍ରୋଜେନ୍ ଫ୍ୟୁଏଲ ସେଲ ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହା ସହିତ ଭାରତ ସ୍ୱଚ୍ଛ ଏବଂ ଆଧୁନିକ ରେଳ ବ୍ୟବସ୍ଥାର ଏକ ନୂତନ ଯୁଗରେ ପ୍ରବେଶ କରିଛି। ଏହି ସଫଳତା ସହ ଭାରତ ବିଶ୍ୱର ସେହି କେତେକ ମନୋନୀତ ଦେଶ ମଧ୍ୟରେ ସାମିଲ ହୋଇଛି, ଯେଉଁମାନେ ରେଳ କ୍ଷେତ୍ରରେ ହାଇଡ୍ରୋଜେନ୍ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଆରମ୍ଭ କରିଛନ୍ତି।

ଏହି ଟ୍ରେନ ଉତ୍ତର ରେଳବାଇର (ନର୍ଦର୍ଣ୍ଣ ରେଲୱେ) ଜିନ୍ଦ-ସୋନିପତ ସେକସନରେ ଚଲାଯିବ। ବର୍ତ୍ତମାନ ଏହାକୁ ଏକ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଛି। ବିଶ୍ୱର ଅନ୍ୟତମ ବୃହତ୍ତମ ରେଳ ନେଟୱାର୍କ ଭାରତୀୟ ରେଳବାଇରେ ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍‌ର ବ୍ୟବହାର କିଭଳି କରାଯାଇପାରିବ, ତାହା ପ୍ରଦର୍ଶନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ପଦକ୍ଷେପ ସହିତ ଭାରତ ଜର୍ମାନୀ, ଜାପାନ, ଚାଇନା ଏବଂ ଆମେରିକା ଭଳି ଦେଶଗୁଡ଼ିକର ତାଲିକାରେ ସାମିଲ ହୋଇଛି, ଯେଉଁମାନେ ହାଇଡ୍ରୋଜେନ୍ ଆଧାରିତ ରେଳ ପରିବହନ ବ୍ୟବସ୍ଥା ଉପରେ କାର୍ଯ୍ୟ କରୁଛନ୍ତି।

ଆନ୍ଧ୍ରପ୍ରଦେଶରେ ବଢୁଛି କରୋନା ଆକ୍ରାନ୍ତ

ମୃତ୍ୟୁ ସଂଖ୍ୟା ୪ ଟପିଲା

ଅମରାବତୀ : ଆନ୍ଧ୍ରରେ ମାଡୁଛି କରୋନା ଭାଇରସ୍। ରାଜ୍ୟ ସାସ୍ଥ୍ୟ କମିଶନର ଜି. ବୀରାପାଣ୍ଡିଆନ୍ କହିଛନ୍ତି ଯେ ଜୁନ୍ ୨୬ ରୁ ଜୁଲାଇ ୧୬ ମଧ୍ୟରେ ରାଜ୍ୟରେ ୧୨ ଜଣ ଉଡଓଓଡ-୧୯ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଚାରି ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକ ସମସ୍ତ ଚାରି ଜଣ ପୂର୍ବରୁ ଗୁରୁତର ସାସ୍ଥ୍ୟ ସମସ୍ୟାରେ ପୀଡିତ ଥିଲେ।

ବୀରାପାଣ୍ଡିଆନ୍ ଉଲ୍ଲେଖ କରିଛନ୍ତି ଯେ ମୃତକଙ୍କ ସାସ୍ଥ୍ୟ ସମସ୍ୟା ଉଚ୍ଚ ରକ୍ତଚାପ, ମଧୁମେହ ଏବଂ କିଡନୀ ରୋଗ ଭଳି ଗୁରୁତର ସାସ୍ଥ୍ୟ ସମସ୍ୟାରେ ପୀଡିତ ଥିଲେ। ସେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ବିକ୍ଷିପ୍ତ ଭାବରେ ଉଡଓଓଡ ମାମଲା ରିପୋର୍ଟ ହେଉଛି । ଚାରି ଜଣଙ୍କ ମୃତ୍ୟୁ ମଧ୍ୟରୁ ତିନି ଜଣ ରୋଗୀ କଡପା ଜିଲାର ଏବଂ ଜଣେ କାକିନାଡାର ଥିଲେ। କମିଶନରଙ୍କ ଅନୁଯାୟୀ, ଆନ୍ଧ୍ର ପ୍ରଦେଶରେ ପ୍ରଥମ ଉଡଓଓଡ ମାମଲା ଜୁନ୍ ୨୬ ରେ କଡପା ଜିଲାରେ ରେକର୍ଡ କରାଯାଇଥିଲା। ପରବର୍ତ୍ତୀ ସମୟରେ, ଜୁଲାଇ ୧ ରୁ ଜୁଲାଇ ୧୬ ମଧ୍ୟରେ ଆଉ ୧୧ ଟି ମାମଲା ରିପୋର୍ଟ ହୋଇଥିଲା। ସାସ୍ଥ୍ୟ ବିଭାଗ କହିଛି ଯେ ସଂକ୍ରମିତ ରୋଗୀଙ୍କ ସହ ନିକଟ ସଂସ୍ପର୍ଶରେ ଆସିବା ପରେ ଦୁଇଜଣ ବ୍ୟକ୍ତି ସଂକ୍ରମଣର ଶିକାର ହୋଇଥିଲେ। ସବୁଠୁ ଅଧିକ ମାମଲା କଡପା ଜିଲାରୁ ଆସିଛି । ମୋଟ ଆଠଜଣ କୋଭିଡ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହାସହିତ ଗୁଣ୍ଟୁରୁରୁ ଦୁଇଜଣ, ବିଶାଖାପାଟନା ଏବଂ କାକିନାଡାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜୁଲାଇ ୧ ତାରିଖରୁ ସାରା ଦେଶରେ ୩୩୯ ଟି କୋଭିଡ୍ ମାମଲା ରିପୋର୍ଟ ହୋଇଛି । କେରଳରେ ସର୍ବାଧିକ ୧୧୫ ଟି ମାମଲା ରେକର୍ଡ ହୋଇଛି, ତା'ପରେ କର୍ଣ୍ଣାଟକ (୬୪), ମହାରାଷ୍ଟ୍ର (୪୩) ଏବଂ ତାମିଲନାଡୁ (୩୯) ରହିଛି। ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ଏବଂ ଦିଲ୍ଲୀରେ ପ୍ରତ୍ୟେକରେ ୧୮ ଟି ମାମଲା ରିପୋର୍ଟ ହୋଇଛି, ଯେତେବେଳେ ରାଜସ୍ଥାନରେ ୧୨ ଟି ମାମଲା ରେକର୍ଡ ହୋଇଛି। ଏହା ସହିତ, ଅନ୍ୟ କିଛି ରାଜ୍ୟରେ କମ୍ ସଂଖ୍ୟକ ମାମଲା ରିପୋର୍ଟ ହୋଇଛି।

ଜୁଲାଇ ୨୦ରେ ଏସବୁ ରୁଟ୍‌ରେ ଟ୍ରେନ୍ ବାତିଲ

ନୂଆଦିଲ୍ଲୀ: ପ୍ରତ୍ୟେକ ଟ୍ରେନ୍ ଯାତ୍ରୀ ଜାଣିଛନ୍ତି ଗୋଟିଏ ଟିକେଟ୍ କନ୍‌ଫର୍ମ ହେବା କେତେ କଷ୍ଟକର। କନ୍‌ଫର୍ମ ଟିକେଟଗୁଡ଼ିକ ଆର୍‌ଏସି କିମ୍ବା ୱେଟିଂ ଲିଷ୍ଟକୁ ଟ୍ରାନ୍ସଫର କରାଯାଏ। ବହୁ ଚେଷ୍ଟା ପରେ, ଟିକେଟ୍‌ଟି କନ୍‌ଫର୍ମ ହୋଇଥାଏ। ମାତ୍ର କୌଣସି କାରଣରୁ ଯଦି ଆପଣଙ୍କର ଟ୍ରେନ୍ ବାତିଲ ହୁଏ, ତେବେ ସାଭାବିକ ଭାବରେ ଅସୁବିଧାର ସମ୍ମୁଖୀନ ହେବେ।

ଯଦି ଆପଣ ଆଗାମୀ ଦିନରେ ଟ୍ରେନ୍‌ରେ ଯାତ୍ରା କରିବାକୁ ପ୍ଲାନିଂ କରୁଛନ୍ତି କିମ୍ବା ପୂର୍ବରୁ ଟିକେଟ୍ ବୁକ୍ କରିଛନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଉତ୍ତର ପୂର୍ବ ରେଳ ବିଭାଗର ଗୋରଖପୁର ଉନ୍ନୟନ ସେକ୍ସନରେ ଡବଲିଂ ଏବଂ ନନ୍-ଇଣ୍ଟରଲକିଂ କାମ ଚାଲିଛି, ଯାହା ଯୋଗୁ ଅନେକ ଟ୍ରେନ୍ ବାତିଲ କରାଯାଇଛି ଏବଂ ଅନ୍ୟଗୁଡ଼ିକର ସମୟସୂଚୀ ପୁନଃନିର୍ଦ୍ଧାରିତ କରାଯାଇଛି। ଯଦି ଆପଣ ମଧ୍ୟ ଜୁଲାଇ ୨୦ରେ ପ୍ରୟାଗରାଜ ଏବଂ ମୁଜାଫରପୁର ମଧ୍ୟରେ ଟ୍ରେନ୍‌ରେ ଯାତ୍ରା କରିବାକୁ ଯୋଜନା କରୁଛନ୍ତି, ତେବେ ପୂର୍ବରୁ ସର୍ବଶେଷ ଟ୍ରେନର ସ୍ଥିତି ଯାଞ୍ଚ କରିବା ଗୁରୁତ୍ୱପୂର୍ଣ୍ଣ।

୨୦ ଜୁଲାଇରେ ଟ୍ରେନ ନମ୍ବର ୦୨୫୬୩ ବରୌନୀ ନୂଆଦିଲ୍ଲୀ ସ୍ପେଶାଲ ମଧ୍ୟ ଏକ ସତନ୍ତ୍ର ରୁଟ୍ ଦେଇ ଚାଲିବ। ଟ୍ରେନ୍ ନମ୍ବର ୦୨୫୬୪ ଦରଭଙ୍ଗା-ନୂଆଦିଲ୍ଲୀ ସ୍ପେଶାଲ ୨୧ ଜୁଲାଇରେ ଏହାର ସାଧାରଣ ରୁଟ୍ ପରିବର୍ତ୍ତେ କାନପୁର-ପ୍ରୟାଗରାଜ ଜଙ୍କସନ-ପ୍ରୟାଗରାଜ ରାମବାଗ ଦେଇ ଚାଲିବ। ଟ୍ରେନ ନମ୍ବର ୧୨୫୬୫ ଦରଭଙ୍ଗା-ନୂଆଦିଲ୍ଲୀ ଏକ୍ସପ୍ରେସ ୨୦ ଜୁଲାଇରେ ଏକ ବିକଳ୍ପ ରୁଟ୍ ଦେଇ ଚାଲିବ। ଟ୍ରେନ୍ ନମ୍ବର ୧୫୧୧୦ ମଥୁରା-ଛପ୍ରା ଏକ୍ସପ୍ରେସ ୨୦ ଜୁଲାଇରେ ଏକ ବିକଳ୍ପ ରୁଟ ଦେଇ ଚାଲିବ। ଟ୍ରେନ୍ ନମ୍ବର ୧୪୧୧୧ ପ୍ରୟାଗରାଜ-ମୁଜାଫରପୁର ଏକ୍ସପ୍ରେସ୍ ୨୦ ଜୁଲାଇରେ ବାତିଲ ହେବ। ଟ୍ରେନ୍ ନମ୍ବର ୧୪୧୧୨ ମୁଜାଫରପୁର-ପ୍ରୟାଗରାଜ ଏକ୍ସପ୍ରେସ୍ ମଧ୍ୟ ୨୦ ଜୁଲାଇରେ ଚାଲିବ ନାହିଁ। ଘରୁ ବାହାରିବା ପୂର୍ବରୁ ସର୍ବଦା ଆପଣଙ୍କ ଟ୍ରେନ୍‌ର ସ୍ଥିତି ଯାଞ୍ଚ କରନ୍ତୁ। କେତେକ ସମୟରେ, ଶେଷ ମୁହୂର୍ତ୍ତରେ ଟ୍ରେନ୍‌ର ସମୟସୂଚୀ ପରିବର୍ତ୍ତନ ହୁଏ। ତେଣୁ ସମୟ ନଷ୍ଟ ନ କରିବା ପାଇଁ ଏହି ପରିବର୍ତ୍ତନଗୁଡ଼ିକ ବିଷୟରେ ସଚେତନ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଆପଣ ରେଳ ବିଭାଗ ହେଲ୍ପଲାଇନ ନମ୍ବର ମଧ୍ୟ ବ୍ୟବହାର କରିପାରିବେ।

ଇରାନ ଉପରେ ଆମେରିକାର

ପ୍ରଚଣ୍ଡ ଆକ୍ରମଣ ଜାରି

ୱାଶିଂଗଟନ : ଆମେରିକା ଓ ଇରାନ ମଧ୍ୟରେ ଲାଗି ରହିଥିବା ସାମରିକ ସଂଘର୍ଷ କ୍ରମରେ ଆମେରିକା ସେନା କ୍ରମାଗତ ପଞ୍ଚମ ଦିନ ପାଇଁ ଇରାନର ବିଭିନ୍ନ ସାମରିକ ଘାଟିକୁ ଟାର୍ଗେଟ୍ କରି ବିମାନ ଆକ୍ରମଣ କରିଛି। ବିଶେଷ କରି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ପଥ ହର୍ମୁଜ ପ୍ରଣାଳୀ ନିକଟରେ ଥିବା ଇରାନର ପ୍ରତିରକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ପାଇଁ ଆମେରିକା ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍)ର ସୂଚନା ଦେଇଛି ଯେ, ବାଣିଜ୍ୟିକ ଓ ସାଧାରଣ ଜାହାଜଗୁଡ଼ିକର ସୁରକ୍ଷିତ ଯାତ୍ରାକୁ ବାଧାପ୍ରାପ୍ତ କରୁଥିବା ଇରାନର ସାମରିକ ଶକ୍ତିକୁ ଦୁର୍ବଳ କରିବା ଏହି ଆକ୍ରମଣର ମୁଖ୍ୟ ଉଦ୍ଦେଶ୍ୟ। ଆମେରିକା ବାୟୁସେନା ହର୍ମୁଜ ପ୍ରଣାଳୀ ନିକଟରେ ଥିବା ଗ୍ରେଟର ଟୁନ୍‌ବ ଦ୍ୱୀପ ଉପରେ ବ୍ୟାପକ ଆକ୍ରମଣ କରିଛି। ସେଠାରେ ଥିବା ଇରାନର ଉପକୂଳ ସୁରକ୍ଷା ବ୍ୟବସ୍ଥା ଓ କ୍ରୁଜ୍ କ୍ଷେପଣାସ୍ତ୍ର ସଂରକ୍ଷଣ ଘାଟିଗୁଡ଼ିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଆଯାଇଛି। ଇରାନର ବନ୍ଦର ସହର ବନ୍ଦର ଆବାସ, ଚାବାହାର ଓ ଅହୱାଜରେ ଶକ୍ତିଶାଳୀ ବିସ୍ଫୋରଣର ଶବ୍ଦ ଶୁଣାଯାଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଇରାନର ସମସ୍ତ ବନ୍ଦର ଉପରେ ସାମୁଦ୍ରିକ ଅବରୋଧ ଲାଗୁ କରାଯାଇଛି। ଏହି ପ୍ରତିବନ୍ଧକକୁ ଭାଙ୍ଗି ଇରାନ ଅଭିମୁଖେ ଯାଉଥିବା କୁରାସାଓ ପତାକାଧାରୀ ଏକ ଖାଲି ତୈଳ ଟ୍ୟାଙ୍କର ଉପରେ ଆମେରିକୀୟ ଯୁଦ୍ଧବିମାନ ହେଲଫାୟାର କ୍ଷେପଣାସ୍ତ୍ର ମାଡ଼ କରି ଅଚଳ କରିଦେଇଛି। ଆମେରିକାର ଏହି ଆକ୍ରମଣକୁ ନେଇ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଘାଲିବାଫ କହିଛନ୍ତି ଯେ, ଏହା ଆମେରିକା ସହ ତାଙ୍କର ଏକ ଅସ୍ତିତ୍ୱର ଯୁଦ୍ଧ। ଏହାସହ ଇରାନର ରିଭୋଲ୍ୟୁସନାରୀ ଗାର୍ଡସ ଧମକ ଦେଇଛି ଯେ, ଯଦି ଆମେରିକା ତା'ର ଆକ୍ରମଣ ବନ୍ଦ ନକରେ, ତେବେ ତା'ର ସହଯୋଗୀ ଦେଶଗୁଡ଼ିକର ସମସ୍ତ ଶକ୍ତି ଓ ତେଲ ରପ୍ତାନି କରିଡରକୁ ଧ୍ୱଂସ କରିଦିଆଯିବ। ଇରାନ ଗତ ସପ୍ତାହରେ ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ପରେ ବିଶ୍ୱ ବଜାରରେ ଅଶୋଧିତ ତେଲ ଦର ବ୍ୟାପକ ଭାବେ ବୃଦ୍ଧି ପାଇ ବାରେଲ ପିଛା ୮୫ ଡଲାର ନିକଟରେ ପହଞ୍ଚିଛି।

ଇରାନରେ ଟ୍ରମ୍ପଙ୍କ କଫିନ ଚିତ୍ର: ଇରାନ ଓ ଆମେରିକା ଯୁଦ୍ଧ ଉତ୍ତେଜନା ମଧ୍ୟରେ ଇରାନର ରାଜଧାନୀ ତେହେରାନରେ ଏକ ବିବାଦୀୟ ବିଲ୍‌ବୋର୍ଡ ଦେଖିବାକୁ ମିଳିଛି। ଏହି ବିଲ୍‌ବୋର୍ଡରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ କଫିନ ଭିତରେ ଶୋଇଥିବାର ଚିତ୍ରିତ କରାଯାଇଛି। ଏହା ସହିତ ସେଥିରେ ଇଂରାଜୀ ଓ ପାର୍ସୀ ଭାଷାରେ 'ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଆମେ ମାରିଦେବୁ' ବୋଲି ଏକ ଧମକପୂର୍ଣ୍ଣ ବାର୍ତ୍ତା ଲେଖାଯାଇଛି। ତେହେରାନର ସବୁଠାରୁ ବ୍ୟସ୍ତବହୁଳ ଛକ 'ଏଙ୍ଗେଲାବ ସ୍କୋୟାର'ରେ ଏହି ବିଶାଳ ପୋଷ୍ଟର ଲଗାଯାଇଛି। ଏଥିରେ ଟ୍ରମ୍ପ ନିଜର ପ୍ରସିଦ୍ଧ ଲାଲ୍ ଟାଇ ପିନ୍ଧି, ଆଖି ବନ୍ଦ କରି କଫିନ ଭିତରେ ଶୋଇଥିବା ଅବସ୍ଥାରେ ଦେଖାଯାଇଛି। ଏହି ବିଲ୍‌ବୋର୍ଡରେ ଫେବୃଆରୀ ମାସରେ ପ୍ରାଣ ହରାଇଥିବା ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁର ପ୍ରତିଶୋଧ ନେବା କଥା ଉଲ୍ଲେଖ କରାଯାଇଛି। ଏହା ସହିତ ଏଥିରେ 'ମିନାବର ଶିଶୁମାନଙ୍କ ସ୍ମୃତିରେ' ବୋଲି ଲେଖାଯାଇଛି। ଗତ ଫେବୃଆରୀ ୨୮ ତାରିଖରେ ଦକ୍ଷିଣ ଇରାନର ମିନାବ ସହରରେ ଆମେରିକାର ଏକ ଏୟାରଷ୍ଟାଇକ୍‌ରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଉପରେ ଆକ୍ରମଣ ହୋଇଥିଲା, ଯେଉଁଥିରେ ଅନେକ ଶିଶୁ ପ୍ରାଣ ହରାଇଥିଲେ। ଆମେରିକା ସେନା ଇରାନର ସାମରିକ ଘାଟିଗୁଡ଼ିକ ଉପରେ କ୍ରମାଗତ ଆକ୍ରମଣ କରୁଥିବାରୁ ଦୁଇ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ଭୟଙ୍କର ହୋଇଛି। ଏହି ଯୁଦ୍ଧ ପରିସ୍ଥିତି ମଧ୍ୟରେ ଟ୍ରମ୍ପଙ୍କ କଫିନ ବିଲ୍‌ବୋର୍ଡ ଲଗାଯିବା ଦ୍ୱାରା ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି।

ବଙ୍ଗୋପସାଗରରେ ବୁଡ଼ିଗଲା ଦୁଇ ଡଙ୍ଗା, ୫୦୦ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ମୃତ୍ୟୁ ଆଶଙ୍କା

ନୂଆଦିଲ୍ଲୀ: ମ୍ୟାନମାରରୁ ଯାଇଥିବା ୫୦୦ ରୁ ଅଧିକ ଲୋକ ସମୁଦ୍ରରେ ନିଖୋଜ ହେବାର ଆଶଙ୍କା କରାଯାଉଛି। ଖରାପ ପାଗ ଯୋଗୁ ମ୍ୟାନମାର ଉପକୂଳ ନିକଟରେ ଦୁଇଟି ଡଙ୍ଗା ବୁଡ଼ି ଯାଇଥିବା ଜାତିସଂଘର ଦୁଇଟି ଏଜେନ୍‌ସି ରିପୋର୍ଟ କରିଛି। ନିଖୋଜ ବ୍ୟକ୍ତିମାନେ ମୁଖ୍ୟତଃ ରୋହିଙ୍ଗ୍ୟା ସମ୍ପ୍ରଦାୟର ଶରଣାର୍ଥୀ।

ଆନ୍ତର୍ଜାତୀୟ ପ୍ରବାସ ସଂଗଠନ ଏବଂ ଜାତିସଂଘ ଶରଣାର୍ଥୀ ଏଜେନ୍‌ସି ଏକ ମିଳିତ ବିବୃତ୍ତି ଜାରି କରି ଏହି ସୂଚନା ପ୍ରଦାନ କରିଛନ୍ତି। ଏଜେନ୍‌ସିଗୁଡ଼ିକ ଅନୁଯାୟୀ, ଜୁନ ଶେଷ ସପ୍ତାହରେ ଉଭୟ ଡଙ୍ଗା ମ୍ୟାନମାରର ପଶ୍ଚିମ ରାଖିନ ରାଜ୍ୟରୁ ଯାତ୍ରା କରିଥିଲା। ବିବୃତ୍ତି ଅନୁଯାୟୀ, ପ୍ରଥମ ଡଙ୍ଗାଟି ପ୍ରାୟ ୨୫୦ ଲୋକଙ୍କୁ ନେଇଯାଉଥିଲା। ଏହା ରାଖିନ ଛାଡିବାର କିଛି ସମୟ ପରେ ନିଖୋଜ ହୋଇଯାଇଥିଲା ଏବଂ ଏହା ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଦ୍ୱିତୀୟ ଡଙ୍ଗାଟି ପ୍ରାୟ ୨୮୦ ଲୋକଙ୍କୁ ନେଇଯାଉଥିଲାଛ ଏହା ଜୁଲାଇ ୮ରେ ମ୍ୟାନମାରର ଆୟେୟାରୱାଡି ଉପକୂଳ ନିକଟରେ ବୁଡ଼ିଯିବାର ଆଶଙ୍କା କରାଯାଉଛି। ଏଜେନ୍‌ସିଗୁଡ଼ିକ କହିଛନ୍ତି ଯେ ଏହି ଘଟଣାଗୁଡ଼ିକ କିମ୍ବା ମୃତ୍ୟୁ ସଂଖ୍ୟା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସରକାରୀ ନିଶ୍ଚିତକରଣ ହୋଇନାହିଁ, କିନ୍ତୁ ସେମାନେ ବହୁ ଜୀବନହାନିର ରିପୋର୍ଟ ପାଇଁ ଗଭୀର ଚିନ୍ତିତ।

ସାଧାରଣତଃ, ରୋହିଙ୍ଗ୍ୟା ସମ୍ପ୍ରଦାୟ ବର୍ଷା ଋତୁରେ ସମୁଦ୍ର ପଥରେ ଯାତ୍ରା କରନ୍ତି ନାହିଁ, କାରଣ ଝଡ଼ ଏବଂ ଉଚ୍ଚ ତରଙ୍ଗର ବିପଦ ଅତ୍ୟନ୍ତ ଅଧିକ ଥାଏ। ତଥାପି, ମ୍ୟାନମାରରେ ଚାଲିଥିବା ହିଂସା ଏବଂ ବାଂଲାଦେଶର ଶରଣାର୍ଥୀ ଶିବିରରେ ଅତ୍ୟଧିକ ଭିଡ଼ ଏବଂ ଖରାପ ପରିସ୍ଥିତି ଯୋଗୁ, ଲୋକମାନେ ସେମାନଙ୍କ ଜୀବନ ପ୍ରତି ବିପଦ ସତ୍ତ୍ୱେ ସମୁଦ୍ର ପଥ ବାଛି ନେଉଛନ୍ତି। ଏଜେନ୍‌ସିଗୁଡ଼ିକ ଉଲ୍ଲେଖ କରିଛନ୍ତି ଯେ କେତେଜଣ ଯାତ୍ରୀ ବାଂଲାଦେଶର ଶରଣାର୍ଥୀ ଶିବିରରୁ ଆସିଥିଲେ। ଅଧିକାଂଶ ମାଲେସିଆ, ଇଣ୍ଡୋନେସିଆ ଏବଂ ଥାଇଲ୍ୟାଣ୍ଡ ଭଳି ଦେଶରେ ଏକ ଉତ୍ତମ ଜୀବନ ଖୋଜୁଥିଲେ, ଯାତ୍ରା ପାଇଁ ଜୀର୍ଣ୍ଣ କାଠ ଡଙ୍ଗା ବ୍ୟବହାର କରୁଥିଲେ। ଗତ କିଛି ବର୍ଷ ଧରି, ହଜାର ହଜାର ରୋହିଙ୍ଗ୍ୟା ଶିଶୁ, ନବଜାତ ଶିଶୁ ଏବଂ ଗର୍ଭବତୀ ମହିଳା ସମେତ ଏପରି ଯାତ୍ରା ସମୟରେ ପ୍ରାଣ ହରାଇଛନ୍ତି। ରୋହିଙ୍ଗ୍ୟା ହେଉଛନ୍ତି ମ୍ୟାନମାରର ରାଖିନ ରାଜ୍ୟର ଏକ ମୁସଲିମ ସଂଖ୍ୟାଲଘୁ ସମ୍ପ୍ରଦାୟ। ସେମାନେ ଦଶନ୍ଧି ଧରି ନିର୍ଯାତନା ଏବଂ ଭେଦଭାବର ସମ୍ମୁଖୀନ ହୋଇଛନ୍ତି। ୨୦୧୭ରେ ମ୍ୟାନମାର ସେନା ଦ୍ୱାରା କରାଯାଇଥିବା କାର୍ଯ୍ୟାନୁଷ୍ଠାନ ପରେ ରାଖିନରୁ ଏକ ଗଣ ପ୍ରବାସ ଆରମ୍ଭ ହୋଇଥିଲା। ସେହି ସମୟରେ, ଅତି କମରେ ୭୩୦,୦୦୦ ରୋହିଙ୍ଗ୍ୟା ବାଂଲାଦେଶକୁ ପଳାଇ ଯାଇଥିଲେ ଏବଂ ବର୍ତ୍ତମାନ ସେଠାରେ ଶରଣାର୍ଥୀ ଶିବିରରେ ରହୁଛନ୍ତି। ମ୍ୟାନମାର ସରକାର ଏବଂ ସ୍ଥାନୀୟ ଲୋକମାନେ ରୋହିଙ୍ଗ୍ୟାଙ୍କୁ ଦେଶର ନାଗରିକ ଭାବରେ ସ୍ୱୀକାର କରନ୍ତି ନାହିଁଜ ସେମାନଙ୍କୁ 'ବଙ୍ଗାଳୀ' ବୋଲି କୁହାଯାଏ। ଏପର୍ଯ୍ୟନ୍ତ, ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ କୌଣସି ସରକାରୀ ସୂଚନା ମିଳିନାହିଁ। ଜାତିସଂଘ ଏଜେନ୍‌ସିଗୁଡ଼ିକ ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି।

ଚାକିରି ଛାଡୁଛନ୍ତି ଇସ୍ରୋ ବୈଜ୍ଞାନିକ ଓ ବିଶେଷଜ୍ଞ

ନୂଆଦିଲ୍ଲୀ : ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାନବ ମହାକାଶ ଯାତ୍ରା ମିଶନ 'ଗଗନଯାନ' ଓ ଅନ୍ୟାନ୍ୟ ପ୍ରମୁଖ ପ୍ରକଳ୍ପରୁ ବୈଜ୍ଞାନିକ ଓ ବିଶେଷଜ୍ଞମାନେ ଚାକିରି ଛାଡି ଚାଲିଯାଉଛନ୍ତି। ରିପୋର୍ଟ ଅନୁଯାୟୀ ଗତ କିଛି ମାସ ମଧ୍ୟରେ ଇସ୍ରୋର ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ ଶତାଧିକ ବୈଜ୍ଞାନିକ, ଇଞ୍ଜିନିୟର ଓ ଅନ୍ୟ ବିଶେଷଜ୍ଞମାନେ ଇସ୍ତଫା କିମ୍ବା ସେଚ୍ଛାକୃତ ଅବସର ଗ୍ରହଣ କରିଛନ୍ତି। ବୈଜ୍ଞାନିକ ଓ ଗ୍ରେଡ୍-'ଏ' ପଦରେ କାର୍ଯ୍ୟରତ କର୍ମଚାରୀମାନେ ଚାକିରି ଛାଡି ଚାଲିଯିବା ଦ୍ୱାରା ପ୍ରକଳ୍ପ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏପରିସ୍ଥଳେ ସରକାର ବୈଜ୍ଞାନିକ ଓ ଅନ୍ୟ ବିଶେଷଜ୍ଞଙ୍କ ଇସ୍ତଫା ଓ ସ୍ୱେଚ୍ଛାକୃତ ଅବସର (ଭିଆରଏସ୍) ରୋକିବାକୁ କଡା ପଦକ୍ଷେପ ନେଇଛନ୍ତି। କେନ୍ଦ୍ର ସରକାରଙ୍କ ମହାକାଶ ବିଜ୍ଞାନ ବିଭାଗ ପକ୍ଷରୁ ଜାରି ହୋଇଥିବା ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ଗଗନଯାନ କିମ୍ବା ଅନ୍ୟ କୌଣସି ଜାତୀୟ ସ୍ତରର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସହିତ ଜଡ଼ିତ ଥିବା 'ଗ୍ରୁପ୍ ଏ' ବୈଜ୍ଞାନିକ ଓ ଅନ୍ୟ ବୈଷୟିକ କର୍ମଚାରୀଙ୍କ ଇସ୍ତଫା କିମ୍ବା ସେଚ୍ଛାକୃତ ଅବସର ଆବେଦନକୁ ସାଧାରଣ ନିୟମ ଅନୁଯାୟୀ ଗ୍ରହଣ କରାଯାଇପାରିବ ନାହିଁ।

ପ୍ରକଳ୍ପ ଶେଷ ନହେବା ପର୍ଯ୍ୟନ୍ତ ସେମାନଙ୍କୁ ସାଧାରଣ ଭାବେ ଚାକିରିରୁ ମୁକ୍ତ କରାଯିବ ନାହିଁ। ୨୦୨୦ ମସିହାରେ ହୋଇଥିବା ପ୍ରଶାସନିକ ସଂସ୍କାର ଅନୁଯାୟୀ, ଇସ୍ରୋ ବିଭିନ୍ନ କେନ୍ଦ୍ରର ନିର୍ଦ୍ଦେଶକମାନେ ନିଜ ସ୍ତରରେ ବୈଜ୍ଞାନିକମାନଙ୍କ ଇସ୍ତଫା ଗ୍ରହଣ କରିପାରୁଥିଲେ। କିନ୍ତୁ ନୂଆ ନିୟମ ଅନୁସାରେ, ଏହି କ୍ଷମତାକୁ ପ୍ରତ୍ୟାହାର କରାଯ

ଶନିବାର ୧୮।୭।୨୦୨୬
ଅଖୟର
AKHYARA ODISHA ଓଡ଼ିଶା

‘ଇଥା’

ଅଗଷ୍ଟ ୨୮ରେ ରିଲିଜ ହେବନାହିଁ ‘ଇଥା’

ମୁମ୍ବାଇ: ବଲିଉଡର ଅଭିନେତ୍ରୀ ଶ୍ରଦ୍ଧା କପୁର ଏବେ ନିଜର ଆଗାମୀ ଫିଲ୍ମ ‘ଇଥା’କୁ ନେଇ ଚର୍ଚ୍ଚାରେ। ନିକଟରେ ରିଲିଜ ହୋଇଥିବା ଫିଲ୍ମର ଟିଜର ସୋସିଆଲ ମିଡିଆରେ ବେଶ ଧମାଲ ମଚାଇଛି ଏବଂ ଶ୍ରଦ୍ଧାଙ୍କ ଦମଦାର ଅଭିନୟକୁ ଦର୍ଶକ ଖୁବ ପ୍ରଶଂସା ମଧ୍ୟ କରୁଛନ୍ତି। ପୂର୍ବରୁ ଏହି ଫିଲ୍ମଟି ଆସନ୍ତା ଅଗଷ୍ଟ ୨୮ ତାରିଖରେ ସିନେମାଘରକୁ ଆସିବାର ଥିଲା, କିନ୍ତୁ ଏବେ ଏହାର ରିଲିଜ ଡେଟ୍ ବଦଳିବା ନେଇ ଏକ ବଡ଼ ଅପଡେଟ ସାମ୍ନାକୁ ଆସିଛି।

ରିପୋର୍ଟ ଅନୁଯାୟୀ, ଫିଲ୍ମର ପ୍ରଯୋଜନା ସଂସ୍ଥା ମ୍ୟାଡ୍କ ଫିଲ୍ମସ ଏହାର ରିଲିଜ ଡେଟ୍‌କୁ ଆଗକୁ ବଢ଼ାଇବା କିମ୍ବା ନିର୍ଦ୍ଧାରିତ ସମୟ ପୂର୍ବରୁ ରିଲିଜ କରିବା ନେଇ ବିଚାର କରୁଛି। ତେବେ ଏହା ପ୍ରାୟତଃ ସ୍ପଷ୍ଟ ହୋଇଛି ଯେ ‘ଇଥା’ ଅଗଷ୍ଟ ୨୮ରେ ରିଲିଜ ହେବ ନାହିଁ। ପ୍ରଯୋଜକ ଖୁବ ଶୀଘ୍ର ନୂଆ ରିଲିଜ ତାରିଖର ଆଧିକାରିକ ଘୋଷଣା କରିପାରନ୍ତି।

ବାସ୍ତବରେ, ଅଗଷ୍ଟ ଶେଷ ସପ୍ତାହରେ ଅନେକ ବଡ଼ ବଡ଼ ଫିଲ୍ମ ରିଲିଜ ହେବାର ଲାଇନଅପ ରହିଛି। ପୂର୍ବରୁ ‘ଖୋସଲା କା ଘୋସଲା ୨’ ଅଗଷ୍ଟ ୨୮ ତାରିଖ ଧାର୍ଯ୍ୟ କରିଥିବା ବେଳେ ’ଦି ୱାନ’ ମଧ୍ୟ ସେହି ଦିନ ରିଲିଜ ହେବାର ଥିଲା, ଯଦିଓ ’ଦି ୱାନ’ର ରିଲିଜ ଏବେ ସେପ୍ଟେମ୍ବର ୨୫କୁ ଘୁଞ୍ଚାଇ ଦିଆଯାଇଛି। ଅନ୍ୟପଟେ ସୁପରଷ୍ଟାର ୟଶଙ୍କ ବହୁପ୍ରତୀକ୍ଷିତ ଫିଲ୍ମ ‘ଟକ୍ସିକ: ଏ ଫେୟାରୀ ଟେଲ ଫର ଗ୍ରୋନ-ଅପ୍ସ’ (ଅକ୍ଟୁଙ୍ଗସମ) ଅଗଷ୍ଟ ୨୬ରେ ମୁକ୍ତିଲାଭ କରିବ ବୋଲି ପୂର୍ବରୁ ଘୋଷଣା କରାଯାଇଛି।

ବକ୍ସ ଅଫିସରେ ୟଶଙ୍କ ‘ଟକ୍ସିକ’ ସହ ଯେପରି କୌଣସି ମୁହାଁମୁହିଁ ପରିସ୍ଥିତି ନ ଉପୁଜେ, ସେଥିପାଇଁ ‘ଇଥା’ର ମେକର୍ସ ଏହି ନିଷ୍ପତ୍ତି ନେଉଥିବା ଟ୍ରେଡ ସର୍କ୍ରିଟ୍ ଆଲୋଚନା ହେଉଛି। ଦୁଇଟିଯାକ ଫିଲ୍ମ ବଡ଼ ବଜେଟ୍‌ର ହୋଇଥିବାରୁ ଏକାଠି ରିଲିଜ ହେଲେ ଉଭୟଙ୍କ ବ୍ୟବସାୟ ଉପରେ ଏହାର ପ୍ରଭାବ ପଡ଼ିପାରେ। ବିଶେଷ କରି ମହାରାଷ୍ଟ୍ରରେ ‘ଇଥା’ ଭଲ ଆୟ କରିବାର ଆଶା ରହିଛି।

କହିରଖୁଛୁ, ଫିଲ୍ମ ‘ଇଥା’ରେ ଶ୍ରଦ୍ଧା ମହାରାଷ୍ଟ୍ରର ପ୍ରସିଦ୍ଧ ମରାଠୀ ତମାଶା କଳାକାର ବିଠାବାଇ ନାରାୟଣଗାଓଁକରଙ୍କ ଭୂମିକାରେ ନଜର ଆସିବେ।

ହାପି ବାର୍ଥ ଡେ

୧୩ଟି ଦେଶରେ ବୁଲି ବିତାଇଥିଲେ ପିଲାଦିନ, ପ୍ରଥମ ଫିଲ୍ମ ହୋଇଥିଲା ସୁପର ଫ୍ଲପ୍ । ଆଜି ୩୫୦ କୋଟିର ମାଲିକାଣୀ କ୍ୟାଟ୍ରିନା ଲକ୍ଷ ଲକ୍ଷ ହୃଦୟରେ ରାଜ କରୁଥିବା ଅଭିନେତ୍ରୀ କ୍ୟାଟ୍ରିନା କୈଫ୍। କିନ୍ତୁ ଆପଣ କଣ ଜାଣନ୍ତିକି ତାଙ୍କ ପିଲାଦିନ କୌଣସି ଚଳଚ୍ଚିତ୍ର କାହାଣୀଠାରୁ କମ୍ ନଥିଲା। ୧୬ ଜୁଲାଇ ୧୯୮୪ ହଂକଂରେ ଜନ୍ମଗ୍ରହଣ କରିଥିଲେ କ୍ୟାଟ୍ରିନା । ତାଙ୍କ ଜନ୍ମ ପରେ, ସେ ଗୋଟିଏ ସ୍ଥାନରେ ରହି ନଥିଲେ । ବରଂ ୧୩ ରୁ ଅଧିକ ଦେଶ ଭ୍ରମଣ କରି ବିତାଇଥିଲେ। ତାଙ୍କ ବାପା ମହମ୍ମଦ କୈଫଙ୍କ ଠାରୁ ବିଚ୍ଛେଦ ପରେ, ତାଙ୍କ ମାଆ କ୍ୟାଟ୍ରିନା ଏବଂ ତାଙ୍କର ସାତ ଭାଇଭଉଣୀଙ୍କୁ ଏକାକୀ ଲାଳନପାଳନ କରିଥିଲେ। ତାଙ୍କ ମାଆଙ୍କ ସାମାଜିକ କାର୍ଯ୍ୟକଳାପ ଯୋଗୁଁ, କ୍ୟାଟ୍ରିନା ବିଭିନ୍ନ ସ୍ଥାନରେ ରହୁଥିଲେ - ଯେପରିକି ଚୀନ୍, ଜାପାନ, ଫ୍ରାନ୍ସ, ସିଜରଲ୍ୟାଣ୍ଡ, ପୋଲାଣ୍ଡ ଏବଂ ହାୱାଇ । ଏଥିପାଇଁ ତାଙ୍କ ପାଠପଢା ମଧ୍ୟ ଠିକ୍ ସେ ହୋଇପାରୁନ ଥିଲା। ସେ ସ୍କୁଲ ଛାଡି ଘରେ ପାଠ ପଢିଥିଲେ।

୧୪ ବର୍ଷ ବୟସରେ ହାୱାଇରେ ଏକ ମଡେଲିଂ ପ୍ରତିଯୋଗିତା ଜିତିବା ଏବଂ ଲଣ୍ଡନରେ ତାଙ୍କର ବୃତ୍ତିଗତ କ୍ୟାରିଅର ଆରମ୍ଭ କରିବା ପରେ, କ୍ୟାଟ୍ରିନାଙ୍କୁ ଖୁବ୍ ଶୀଘ୍ର ଭାରତୀୟ ଚଳଚ୍ଚିତ୍ର ନିର୍ମାତା କୈଜାଦ ଗୁସ୍ତାଦ ତାଙ୍କ ଚଳଚ୍ଚିତ୍ର ବୁମ୍ (୨୦୦୩) ପାଇଁ ସାଇନ୍ କରିଥିଲେ। ଏହି ଚଳଚ୍ଚିତ୍ରଟି ବକ୍ସ-ଅଫିସ ଫ୍ଲପ ହୋଇଥିଲା। କାହିଁକି ନା କ୍ୟାଟ୍ରିନାଙ୍କ ବ୍ରିଟିଶ ଉଚ୍ଚାରଣ ଏବଂ ହିନ୍ଦୀ ଭାଷା ସମ୍ପର୍କରେ ସମ୍ପୂର୍ଣ୍ଣ ଅଭାବ ଥିଲା। ଏହି ଭାଷାଗତ ପ୍ରତିବନ୍ଧକ ଏତେ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ ତାଙ୍କୁ ମହେଶ ଭଟ୍ଟଙ୍କ ଚଳଚ୍ଚିତ୍ର ସାୟାରୁ ବାହାର କରି ଦିଆଯାଇଥିଲା ।

ଏହି ଭାଷା ପ୍ରତିବନ୍ଧକକୁ ଦୂର କରିବା ପାଇଁ, ସେ ହିନ୍ଦୀ ଏବଂ ଉର୍ଦ୍ଦୁ ପାଇଁ ବିଶେଷଜ୍ଞ ପ୍ରଶିକ୍ଷକମାନଙ୍କୁ ନିଯୁକ୍ତି ଦେଇଥିଲେ ।ସେହି ସମୟରେ, ସେ ତାଙ୍କର କଳାକୁ ଆହୁରି ଉନ୍ନତ କରିବା ଏବଂ ଭାରତୀୟ ଦର୍ଶକଙ୍କ ସହ ବୁଝାମଣା ହାସଲ କରିବା ପାଇଁ ଦକ୍ଷିଣ ଭାରତୀୟ ସିନେମା ଆଡକୁ ମୁହାଁଇଥିଲେ।

ସେ ୨୦୦୪ ମସିହାରେ ତେଲୁଗୁ ଚଳଚ୍ଚିତ୍ର ମଲ୍ଲୀଶ୍ୱରୀ ପାଇଁ ୭୦ ଲକ୍ଷର ଫି ପାଇଥିଲେ। ଯାହା ତାଙ୍କୁ ଆର୍ଥିକ ସ୍ଥିରତା ପ୍ରଦାନ କରିଥିଲା ଏବଂ ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ମଧ୍ୟରେ ତାଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିଥିଲା। ପରବର୍ତ୍ତୀ ସମୟରେ, ମୈନେ ପ୍ୟାର କ୍ୟୁଁ କିୟା (୨୦୦୫), ନମସ୍ତେ ଲଣ୍ଡନ (୨୦୦୭), ଏକ ଥା ଟାଇଗର, ଏବଂ ଧୂମ ୩ ଭଳି ଚଳଚ୍ଚିତ୍ରଗୁଡ଼ିକ ଭାରତୀୟ ଚଳଚ୍ଚିତ୍ରର ଶୀର୍ଷରେ ତାଙ୍କର ସ୍ଥାନକୁ ସୁଦୃଢ଼ କରିଥିଲା।

କ୍ୟାଟ୍ରିନା ୨୦୧୯ରେ ଇ-କମର୍ସ ଜାଏଣ୍ଟ ଘଚ୍ଚଳବବ ସହିତ ଏକ ପାର୍ଟନରଶିପ୍ ମାଧ୍ୟମରେ ନିଜର କସମେଟିକ୍ ବ୍ରାଣ୍ଡ ‘କେ ବ୍ୟୁଟି’ ଲଞ୍ଚ କରିଥିଲେ। ବଜାରରେ ଯେଉଁଠାରେ ଅନେକ ସେଲିବ୍ରିଟି-ସମର୍ଥିତ ବ୍ରାଣ୍ଡ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି, ‘କେ ବ୍ୟୁଟି’ ଏହାର ଗୁଣାତ୍ମକ ପ୍ରଡକ୍ଟ ଏବଂ ଏକ ଦୃଢ଼ ଇ-କମର୍ସ ଦ୍ୱାରା ଅଭୂତପୂର୍ବ ଅଭିବୃଦ୍ଧି ରେକର୍ଡ କରିଛି।

ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବ୍ରାଣ୍ଡ ୨୦୨୫ ଆର୍ଥିକ ବର୍ଷରେ ୨୫୦ କୋଟିର ମୋଟ ବିକ୍ରୟ ରେକର୍ଡ କରିଛି। ମହାମାରୀ ପରେ ଗ୍ରାହକଙ୍କ ବିଶ୍ୱାସକୁ ସୁଦୃଢ଼ କରି, ଏକ ଦୃଢ଼ ଇ-କମର୍ସ ଉପସ୍ଥିତି ଦ୍ୱାରା ସୁଦୃଢ଼ କରାଯାଇଥିଲା। ୨୦୨୬ ଆର୍ଥିକ ବର୍ଷରେ ମୋଟ ବିକ୍ରୟ ୩୫୦ କୋଟିକୁ ବୃଦ୍ଧି ପାଇଲା, ଯାହା ୪୬% ବାର୍ଷିକ ଅଭିବୃଦ୍ଧି ଥିଲା। କେ ବ୍ୟୁଟି’ ୨୦୨୫ ମସିହାରେ ୟୁକେରେ ଲଞ୍ଚ ହୋଇଥିଲା। ଯାହା ’ସ୍ନେସ୍ ଏନକେ’ ସର୍କିଟରେ ଯୋଗଦାନ କରିଥିବା ପ୍ରଥମ ଦକ୍ଷିଣ ଏସୀୟ ବ୍ରାଣ୍ଡ ହୋଇଥିଲା।

ତାଙ୍କର ବ୍ୟବସାୟିକ ସଫଳତା ବ୍ୟତୀତ, କ୍ୟାଟ୍ରିନା କୈଫ୍ ‘ରିଲିଫ୍ ପ୍ରୋଜେକ୍ଟସ୍ ଇଣ୍ଡିଆ’ - ତାଙ୍କ ମାଆଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ - ଏବଂ ତାମିଲନାଡୁର ମାଦୁରାଇରେ ’କ୍ଲାରେଟିଆନ୍ ମର୍ସି ହୋମ୍’ ମାଧ୍ୟମରେ ସାମାଜିକ କାର୍ଯ୍ୟରେ ସକ୍ରିୟ ଭାବରେ ଜଡିତ ଅଛନ୍ତି। ଏହି ପଦକ୍ଷେପଗୁଡ଼ିକ କନ୍ୟାଭ୍ରୂଣ ହତ୍ୟା ଭଳି ଗମ୍ଭୀର ସାମାଜିକ ଅପରାଧ ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ଏବଂ ଗ୍ରାମାଞ୍ଚଳ ଏବଂ ଅବହେଳିତ ପୃଷ୍ଠଭୂମିର ଝିଅମାନଙ୍କୁ ମାଗଣା ଶିକ୍ଷା ଏବଂ ସାସ୍ଥ୍ୟସେବା ସୁବିଧା ପ୍ରଦାନ କରିବା ପାଇଁ ଉତ୍ସର୍ଗୀକୃତ।

କ୍ୟାଟ୍ରିନା କୈଫ୍ ୯ ଡିସେମ୍ବର ୨୦୨୧ରେ ଅଭିନେତା ଭିକିଙ୍କୁ ବିବାହ କରିଥିଲେ। ଏହାପରେ ସେ ସିନେମାରୁ ଦୂରେଇ ନିଜ ବୈବାହିକ ଜୀବନ ଉପରେ ଫୋକସ୍ ରଖିଛନ୍ତି। ବର୍ତ୍ତମାନ, ତାଙ୍କର ପ୍ରାଥମିକ ଧ୍ୟାନ ତାଙ୍କ ପୁଅ ବିହାନ ଉପରେ ଅଛି। ଏତିକି ହିଁ ନୁହେଁ ତାଙ୍କ ସ୍ୱାମୀଙ୍କ ସହିତ ଗୁଣାତ୍ମକ ସମୟ ବିତାଉଛନ୍ତି ମଧ୍ୟ। ସେ ଶେଷ ଥର ପାଇଁ ବିଜୟ ସେଥୁପତିଙ୍କ ସହିତ ଜାନୁଆରୀ ୨୦୨୪ରେ ମୁକ୍ତିଲାଭ କରିଥିବା ମେରୀ ଖ୍ରୀଷ୍ଟମାସ ଚଳଚ୍ଚିତ୍ରରେ ଦେଖାଯାଇଥିଲେ।

ଆୟ ଏବଂ ବକ୍ସ-ଅଫିସ ସଫଳତା ଦୃଷ୍ଟିରୁ, ଟାଇଗର ଜିନ୍ଦା ହୈ କ୍ୟାଟ୍ରିନା କୈଫଙ୍କ ସବୁଠାରୁ ବଡ଼ ହିଟ୍ ଚଳଚ୍ଚିତ୍ର। ତା’ପରେ ଧୂମ-୩ ଏବଂ ଏକ ଥା ଟାଇଗର। ବକ୍ସ-ଅଫିସ ରୋଜଗାର ବ୍ୟତୀତ, କିଛି ଚଳଚ୍ଚିତ୍ର ଅଛି ଯାହାକୁ ସେମାନଙ୍କର ଉତ୍କୃଷ୍ଟ କାହାଣୀ ଏବଂ କ୍ୟାଟ୍ରିନାଙ୍କ ଅଭିନୟ ପାଇଁ ’କଲ୍ଟ କ୍ଲାସିକ୍’ ଭାବରେ ବିବେଚନା କରାଯାଏ। ସେ ନମସ୍ତେ ଲଣ୍ଡନ ଚଳଚ୍ଚିତ୍ରରେ ’ଜସମିନ୍’ ଚରିତ୍ର ପାଇଁ ବହୁତ ପ୍ରଶଂସା ପାଇଥିଲେ। ଦର୍ଶକମାନେ ’ଲୈଲା’ ଭୂମିକା ଏବଂ ’ଜିନ୍ଦେଗି ନା ମିଲେଗି ଦୋବାରା’ରେ ତାଙ୍କର ଦମଦାର ଅଭିନୟକୁ ବହୁତ ପ୍ରଶଂସା କରିଥିଲେ। ରଣବୀର କପୁରଙ୍କ ସହ-ଅଭିନେତା ଏକ ସୁପରହିଟ୍ ରୋମାଣ୍ଟିକ କମେଡି ଚଳଚ୍ଚିତ୍ର ’ଅଜବ ପ୍ରେମ କି ଗଜବ କାହାଣୀ’ ଆଜି ମଧ୍ୟ ଏହାର ଗୀତ ଏବଂ ଦୁହିଁଙ୍କ କେମେଷ୍ଟ୍ରିପାଇଁ ଲୋକପ୍ରିୟ। ରାଜନୈତିକ ଥ୍ରିଲର ଚଳଚ୍ଚିତ୍ର ’ରାଜନୀତି’ରେ, କ୍ୟାଟ୍ରିନା ଜଣେ କଠୋର ଏବଂ ଭୟଙ୍କର ରାଜନେତାଙ୍କ ଭୂମିକାରେ ଅଭିନୟ କରିଥିଲେ।

୪୧ ବର୍ଷରେ ପୁଣି ବିବାହ କରିବାକୁ ଯାଉଛନ୍ତି ଜେନିଫର



ଲୋକପ୍ରିୟ ଟେଲିଭିଜନ ଅଭିନେତ୍ରୀ ଜେନିଫର ୱିଙ୍ଗେଟ ପୁଣି ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ସିଙ୍ଗାପୁରର ବ୍ୟବସାୟୀ ୱିଲିୟମ ଇସମାଏଲଙ୍କୁ ସେ ଜୀବନସାଥୀ ଭାବେ ବାଛିଛନ୍ତି। ଜେନିଫରଙ୍କ ବିବାହରେ କେବଳ କିଛି ନିକଟତମ ସହଯୋଗୀ ଯୋଗଦେବେ। ପୂର୍ବରୁ ସେ କରନ ସିଂ ଗ୍ରୋଭରଙ୍କୁ ବିବାହ କରିଥିଲେ। ମାତ୍ର ୨ ବର୍ଷ ଏକାଠି ରହିବା ପରେ ଉଭୟଙ୍କ ଛାଡ଼ପତ୍ର ହୋଇଥିଲା।

ଜେନିଫର ୱିଙ୍ଗେଟ ଟେଲିଭିଜନର ଜଣେ ଜଣାଶୁଣା ଚେହେରା। ଅନେକ ହିଟ ଶୋ’ରେ ସେ ଅଭିନୟ କରିଛନ୍ତି। ସେ ଟେଲିଭିଜନ ଶିଳ୍ପର ସର୍ବାଧିକ ଦରମା ନେଉଥିବା ଅଭିନେତ୍ରୀମାନଙ୍କ ମଧ୍ୟରେ ମଧ୍ୟ ସ୍ଥାନ ପାଇଛନ୍ତି। ସେ ୨୦୦୯ ଶୋ’ ‘ଦିଲ ମିଲ ଗୟେ’ ସହିତ ପରିଚିତି ପାଇଥିଲେ। ସେ ଗୋଟିଏ ଶୋ’ର ପ୍ରତି ଏପିସୋଡ ପାଇଁ ୧.୫ ଲକ୍ଷରୁ ୨ ଲକ୍ଷ ପର୍ଯ୍ୟନ୍ତ ଚାର୍ଜ କରନ୍ତି।

ଯଦି ଏକ ଶୋ’ ୨୦୦ ଏପିସୋଡ ପାଇଁ ଚାଲିଥାଏ, ତେବେ ସେ ଏଥିରୁ କୋଟି କୋଟି ଟଙ୍କା ରୋଜଗାର କରନ୍ତି। ନିକଟରେ ସେ ଟେଲିଭିଜନରୁ ଆସିଛନ୍ତି। ସେ ଗୋଟିଏ ଧାରାବାହିକ ପାଇଁ ୬ କୋଟିରୁ ୮କୋଟି ପର୍ଯ୍ୟନ୍ତ ଚାର୍ଜ କରନ୍ତି। ଜେନିଫର ୪୫ ରୁ ୫୮ କୋଟି ପର୍ଯ୍ୟନ୍ତ ମୋଟ ସମ୍ପତ୍ତିର ଅଧିକାରୀ। ସେ ୧୫ରୁ ଅଧିକ ବ୍ରାଣ୍ଡର ବ୍ରାଣ୍ଡ ଆମ୍ବାସାଡର। ଏଥିରୁ ସେ ବାର୍ଷିକ କୋଟି କୋଟି ଟଙ୍କା ରୋଜଗାର କରନ୍ତି।

ପ୍ରେମରେ ଉବୁଟୁବୁ ଶେହନାଜ...

ଆଜିକାଲି ପ୍ରେମରେ ଉବୁଟୁବୁ ହେଉଛନ୍ତି ଅଭିନେତ୍ରୀ ଶେହନାଜ ଗିଲ। ସିଦ୍ଧାର୍ଥ ଶୁକ୍ଲାଙ୍କ ଯିବା ପରେ ଶେହନାଜ ଏବେ ଅଭିନେତା ରାଘବ ଜୁୟାଲଙ୍କ ପ୍ରେମରେ ପଡ଼ିଛନ୍ତି। ଏହାକୁ ନେଇ ଇଣ୍ଡଷ୍ଟ୍ରୀରେ ଜୋରଦାର ଚର୍ଚ୍ଚା ହେଉଛି। ନିକଟରେ ରାଘବଙ୍କ ଜନ୍ମଦିନର ଗୋଟିଏ ଦିନ ପୂର୍ବରୁ ତାଙ୍କ ହାତ ଧରି ଏକ ପାର୍ଟିରୁ ବାହାରି ଯାଉଥିବାର ଦେଖାଯାଇଥିଲା। ଶେହନାଜ-ରାଘବ ଫିଲ୍ମ ‘କିସି କା ଭାଇ କିସି କି ଜାନ’ରେ କାମ କରିଛନ୍ତି। କୁହାଯାଉଛି ଫିଲ୍ମ ନିର୍ମାଣ ସମୟରେ ଉଭୟଙ୍କ ମଧ୍ୟରେ ନୀବିଡତା ବଢିଥିଲା। ଯଦିଓ ସେମାନେ ପରସ୍ପରକୁ ଘନିଷ୍ଠ ବନ୍ଧୁ ବୋଲି ବର୍ଣ୍ଣନା କରିଛନ୍ତି, ତଥାପି ଡେଟିଂ ଗୁଜବ ସାମ୍ନାକୁ ଆସିଛି। ଏସବୁ ମଧ୍ୟରେ ଶେହନାଜ ରାଘବଙ୍କ ଆଗାମୀ ଫିଲ୍ମର ପ୍ରମୋଟ କରିଛନ୍ତି। ତାଙ୍କୁ ସମର୍ଥନ କରିବାକୁ ପ୍ରଶଂସକଙ୍କୁ ଅନୁରୋଧ କରିଛନ୍ତି ଶେହନାଜ।



ଏହି ଅବସରରେ ସେ କହିଛନ୍ତି, ମୋ ବନ୍ଧୁର ଫିଲ୍ମ ଆସୁଛି। ସେ ଜଣେ ଷ୍ଟାର। ସେ ଜଣେ ମୁଖ୍ୟ ଅଭିନେତା ଭାବରେ ଡେବ୍ୟୁ କରୁଛନ୍ତି। ତେଣୁ ଦୟାକରି ତାଙ୍କୁ ସମର୍ଥନ କରନ୍ତୁ। ସେ ମୋର ଜଣେ ବହୁତ ଭଲ ବନ୍ଧୁ ଏବଂ ତାଙ୍କ ଫିଲ୍ମ ସଫଳ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଘବ ଜଣେ ନୃତ୍ୟଶିଳ୍ପୀ ଭାବରେ ତାଙ୍କର କ୍ୟାରିଅର୍ ଆରମ୍ଭ କରିଥିଲେ ଏବଂ ସେବେଠାରୁ ଫିଲ୍ମରେ ଖଳନାୟକ ଏବଂ ସକାରାତ୍ମକ ଭୂମିକା ଗ୍ରହଣ କରିଛନ୍ତି। ବର୍ତ୍ତମାନ ସେ ଏକ ନୂଆ ସିନେମାରେ ଜଣେ ମୁଖ୍ୟ ଅଭିନେତା ଭାବରେ ଦେଖାଯାଉଛନ୍ତି।

ବିଶେଷ ସମ୍ପାଦକୀୟ

ଶନିବାର ୧୮।୭।୨୦୨୬

ଅଖଯ

AKHYARA ODISHA ଓଡ଼ିଶା

ଶିକ୍ଷା ଶିଶୁର ମୌଳିକ ଅଧିକାର

ଭାରତୀୟ ଶିକ୍ଷା ବ୍ୟବସ୍ଥା ବିଶ୍ୱର ଅନ୍ୟତମ ବୃହତମ ବ୍ୟବସ୍ଥା, ଯାହା ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଏବଂ ଉଚ୍ଚଶିକ୍ଷା ସ୍ତରରେ ବିଭକ୍ତ। ବର୍ତ୍ତମାନ ଏହା ଜାତୀୟ ଶିକ୍ଷାନୀତି - ୨୦୨୦ ଦ୍ୱାରା ପରିଚାଳିତ, ଯାହା ଶିକ୍ଷାକୁ ବ୍ୟବହାରିକ ଏବଂ ରୋଜଗାରକ୍ଷମ କରିବା ଉପରେ ଗୁରୁତ୍ୱ ଦେଇଥାଏ। ଯେଉଁ ଦେଶରେ ଶିକ୍ଷାର ଅଗ୍ରଗତି ଯେତିକି ଅଧିକ, ସେ ଦେଶ ସେତିକି ବିକଶିତ ବୋଲି ଗଣାଯାଏ। ଶିକ୍ଷା ହିଁ ବ୍ୟକ୍ତିକୁ ପୂର୍ଣ୍ଣତା ପ୍ରଦାନ କରିଥାଏ। ଏକ ସର୍ବସ୍ପର୍ଶୀ ଶିକ୍ଷା ବ୍ୟବସ୍ଥା ସମାଜରେ ସମ୍ପୃର୍ଣ୍ଣତା ଆଣିବାରେ ସହାୟକ ହୋଇଥାଏ। ଶିକ୍ଷା ହେଉଛି ସେହି ମୂଳଦୁଆ, ଯାହା ଉପରେ ଏକ ପ୍ରଗତିଶୀଳ, ସମବେଶୀ ଏବଂ ସମୃଦ୍ଧ ସମାଜ ଗଠନ କରାଯାଏ। ପ୍ରାଥମିକ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ପୁଞ୍ଜି ନିବେଶ ହେଉଛି ରାଜ୍ୟର ଭବିଷ୍ୟତ ପାଇଁ ଏକ ବିଶେଷ ବିନିଯୋଗ, ଯାହାକି ଜ୍ଞାନ, ନବସୃଜନ, ନିଯୁକ୍ତି ସୁଯୋଗ ଏବଂ ସାମାଜିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରିଥାଏ। ଏହା ହେଉଛି ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ, ଯାହାଦ୍ୱାରା ସରକାର ସମତାଗତ ସୁଯୋଗ ସୃଷ୍ଟି କରିପାରିବେ ଏବଂ ପ୍ରତ୍ୟେକ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣତା ହାସଲ କରିବାରେ ସକ୍ଷମ କରିପାରିବେ। ଦେଶର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅନେକ ଯୋଜନା କାର୍ଯ୍ୟକାରୀ କରୁଛି, ଯେଉଁଥିରେ ମାଗଣା ଓ ବାଧତାମୂଳକ ଶିକ୍ଷା ଅଧିକାର (ଆର୍ ଟି ଇ) ଏବଂ ଓଡ଼ିଶାରେ 'ମୋ ସ୍କୁଲ୍' ଭଳି ସଂପ୍ରତି ଚଳିତ ଶିକ୍ଷା ବର୍ଷରୁ 'ଜ୍ଞାନୋଦୟ ଶିକ୍ଷାରୁ ସମୃଦ୍ଧି'' ଯୋଜନା ମାଧ୍ୟମରେ କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ଦେୟମୁକ୍ତ ଶିକ୍ଷା ଅଭିଯାନ ସାମିଲ କରାଯାଇଛି। ଜ୍ଞାନର ଶକ୍ତିରେ ଦ୍ୱାରା ସଶକ୍ତ ଯୁବପିଢ଼ି ଗଢ଼ିବା ଓ ସମୃଦ୍ଧ ଓଡ଼ିଶା ନିର୍ମାଣ ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ହେବ । ଯାହାଫଳରେ ପ୍ରତିବର୍ଷ ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ୩୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ଯୋଜନାରେ ଉପକୃତ ହେବେ। ଆର୍ଥିକ ଅଭାବରୁ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ହାର ହ୍ରାସ କରିବା ପାଇଁ ସରକାର ଏଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । କୌଣସି ଛାତ୍ରଛାତ୍ରୀ ଯେପରି ଆର୍ଥିକ ଅବସ୍ଥାରେ ଶିକ୍ଷାରୁ ଦୂରେଇ ନଯିବେ, ସେଥିପାଇଁ ଏହି ଯୋଜନା କରଯାଇଛି। ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରିବା ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ଐତିହାସିକ ପଦକ୍ଷେପ।

କିଶୋର ଚନ୍ଦ୍ର ବେହେରା

୯୪୩୭୯୫୫୫୬୮

'ଜ୍ଞାନୋଦୟ - ଶିକ୍ଷାରୁସମୃଦ୍ଧି' ମାର୍ଗଦର୍ଶୀକା ପରିଚାଳନା ନିୟମାବଳୀ ଓଡ଼ିଶା ସରକାରଙ୍କ ଉଭୟ ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗର ପ୍ରଶାସନିକ ନିୟନ୍ତ୍ରଣାଧୀନ ସମସ୍ତ ଯୋଗ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ଅଟେ। ଏହି ଯୋଜନାଟି ୨୦୨୬-୨୭ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ ହୋଇ ୨୦୩୦ ୩୧ ଶିକ୍ଷାବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେବ । ଯାହାକି ପ୍ରାରମ୍ଭିକ ଭାବେ ୫ ବର୍ଷ ନିମନ୍ତେ ବଳବତ୍ତର ରହିବ। ଓଡ଼ିଆରେ ଏକ ଜନଶ୍ରୁତି ପ୍ରବାଦଟି ଭଳି 'କାହାରି ପୁଷ ମାସ ହୋଇଥିଲା ବେଳେ କାହାରି ସର୍ବନାଶ'ର ପରିସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ପାର୍ଶ୍ୱରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ଖୁସିର ସମୟ ହୋଇଥିବାବେଳେ, ଅନ୍ୟ ପାର୍ଶ୍ୱର୍ବରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ପାଇଁ ତାହା ସମ୍ପୂର୍ଣ୍ଣ ବିନାଶକାରୀ ବା ଦୁଃଖଦାୟକ ପରିସ୍ଥିତି ସୃଷ୍ଟି ହବାକୁ ଯାଉଛି। ରାଜ୍ୟରେ ଅଙ୍ଗନବାଡି ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପୂର୍ବରୁ ଦେୟମୁକ୍ତ ଥିବାରୁ ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନର ସପ୍ନକୁ ସାକାର କରିଛନ୍ତି । ଆର୍ଥିକ ଅଭାବ ଅନାଟନ ଯୋଗୁଁ ଯେପରି କୌଣସି ଯୋଗ୍ୟ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ପାଇଁ ଏହି ଯୋଜନାର ପରିକଳ୍ପନା କରାଯାଇଛି। ସମାଜରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ପଛୁଆ ବର୍ଗର ପରିବାରଗୁଡ଼ିକ ଉପରୁ ଆର୍ଥିକ ବୋଝ ହ୍ରାସ କରି ଏହି ଯୋଜନା ନାମଲେଖା କ୍ଷେତ୍ରରେ ବୃଦ୍ଧି କରିବ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ଉପସ୍ଥାନରେ ସୁଧାର ଆସିବ । ପାଠପଢ଼ା ଅଧାରୁ ଛାଡ଼ିବା ହାର ହ୍ରାସ ହେବ। ଅଧିକରୁ ଅଧିକ ଛାତ୍ରଛାତ୍ରୀ ବିନା କୌଣସି ବାଧାରେ ଉଚ୍ଚଶିକ୍ଷା ଜାରି ରଖିବାରେ ସକ୍ଷମ ହେବେ।

ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜ୍ୟରେ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ, ଅଣ-ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ, ଘରୋଇ (ଅନୁଦାନବିହୀନ / ସ-ଅର୍ଥଲଗାଣ) ଉଚ୍ଚ ଶିକ୍ଷାନୁଷ୍ଠାନ କାର୍ଯ୍ୟ କରୁଛି । ଏହି ଯୋଜନାର ସୀମିତ ଉଦ୍ଦେଶ୍ୟ ନିମନ୍ତେ, 'ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ' କହିଲେ ସମୟ ସମୟରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ବିଭିନ୍ନ ଗ୍ରାଣ୍ଟ-ଇନ୍-ଏଡ୍ ବା ଅନୁଦାନ-ପ୍ରଦାନ ନିର୍ଦ୍ଦେଶନାମା ଅଧୀନରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଭାବରେ ଘୋଷିତ ହୋଇଥିବା ମହାବିଦ୍ୟାଳୟଗୁଡିକୁ ବୁଝାଇଥାଏ। ଏହି ମହାବିଦ୍ୟାଳୟକୁ ସରକାରଙ୍କ ଠାରୁ କେବଳ ଅଧ୍ୟାପକ ଓ କର୍ମଚାରୀଙ୍କ ଦରମା ମିଳିଥାଏ। ମହାବିଦ୍ୟାଳୟର ଦୈନନ୍ଦିନ ପରିଚାଳନା କରିବା, ଅତିଥି ଅଧ୍ୟାପକ ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଦରମା ପୈଠ କରିବା ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ନାମଲେଖା ଶୁଳ୍କ ଓ ଉନ୍ନୟନ ଶୁଳ୍କ ବାବଦରେ ଯେଉଁ ଅର୍ଥ ନିଆଯାଇଥଏ, ସେହି ଅର୍ଥ ସଠିକ୍ ସମୟରେ ଭରଣ କରାଯାଇ ପରିଚାଳନା କରାଯାଇଥାଏ। ରାଜ୍ୟ ସରକାରଙ୍କ ଶିକ୍ଷାନୁଷ୍ଠାନକୁ ଟଙ୍କା ଫେରସ୍ତ ୧୦ ଶତକଡା , ୧୫ ଶତକଡା ଓ ବକେୟା ୭୫ ଶତକଡା (ପ୍ରତ୍ୟେକ ତ୍ରୈମାସିକରେ ୨୫ ଶତକଡା ମାର୍ଗଦର୍ଶୀକା ନିର୍ଦ୍ଦେଶାବଳି ଅତ୍ୟନ୍ତ ନିରୁସାହିତ, ଶିକ୍ଷାନୁଷ୍ଠାନ ପରିଚାଳନା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବ। ସରକାରଙ୍କ ମାଗଣା ଶିକ୍ଷାନୀତି ଏବେ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ପାଇଁ ମୁଣ୍ଡ ବିନ୍ଧର କାରଣ ପାଲଟିଗଲାଣି। ଅନୁଦାନପ୍ରାପ୍ତ ବିଦ୍ୟାଳୟ , ଉଭୟ ୬୬୨ ଓ ୪୮୮ବର୍ଗର ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ବିଭିନ୍ନ ସମସ୍ୟା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସମାଧାନର ସୂତ୍ର ବାହାରି ନକରି, ହଠାତ୍ ଏପରି ଦେୟମୁକ୍ତ ଶିକ୍ଷା ଘୋଷଣା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶିକ୍ଷାବିତମାନେ ମତପୋଷଣ କରିଛନ୍ତି। ଏହି ବର୍ଗରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ଚାକିରି ସର୍ତାବଳୀ, ଅବସର ପରେ ଅବସରକାଳୀନ ସୁବିଧା ସୁଯୋଗ ଓ ଭତ୍ତା ପ୍ରଦାନ କରିବାକୁ ଉଚ୍ଚନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶନାମା ଜାରି କରିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉ ନାହିଁ । ନ୍ୟାୟାଳୟର ଆଦେଶନାମାକୁ ଭ୍ରମରେ ପକାଇବା ଏକ ମାଧ୍ୟମ ହୋଇପାରେ ବୋଲି କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଉଦବେଗ ପ୍ରକାଶ କରିଛନ୍ତି।

ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ବୃହତ୍ତମ ପୁଞ୍ଜିନିବେଶ ମଧ୍ୟରୁ ଏହା ଅନ୍ୟତମ। ଏହା ଦ୍ୱାରା ପ୍ରତିବର୍ଷ ୩୨ ଲକ୍ଷରୁ ଉଦ୍ଧରୁ ଛାତ୍ରଛାତ୍ରୀ ଉପକୃତ ହେବେ। ସେମାନଙ୍କ ପରିବାରର ଆର୍ଥିକ ବୋଝ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ । ଏହି ପ୍ରୟାସ ଜାତୀୟ ଶିକ୍ଷା ନୀତି ୨୦୨୦, ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ର ଉଦ୍ଦେଶ୍ୟକୁ ପୂରଣ କରିବାରେ ସହାୟକ ହେବ । 'ଜ୍ଞାନୋଦୟ - ଶିକ୍ଷାରୁ ସମୃଦ୍ଧି' କେବଳ ଏକ ଶୁଳ୍କ ଛାଡ଼ କାର୍ଯ୍ୟକ୍ରମ ନୁହେଁ ବରଂ ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ଓଡ଼ିଶାର ପ୍ରତ୍ୟେକ ଶିଶୁ ଏବଂ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଗ୍ରହଣର ସମାନ ସୁଯୋଗୟ ମିଳିବ। ଏହାକୁ ନିଶ୍ଚିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ପ୍ରୟାସ ଶିକ୍ଷା ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ସଶକ୍ତ କରିବ। ଜ୍ଞାନ, ସୁଯୋଗ ଓ ସାମଗ୍ରିକ ବିକାଶ ଉପରେ ଆଧାରିତ ଏକ 'ବିକଶିତ ଓଡ଼ିଶା'ର ସଂକଳ୍ପକୁ ସାକାର କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ। ରାଜ୍ୟରେ ପ୍ରାଥମିକ ଏବଂ ଉଚ୍ଚଶିକ୍ଷାକୁ ବିକଶିତ କରିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ତଥାପି, ଆଦିବାସୀ ଅଞ୍ଚଳରେ ଶିକ୍ଷାର ଗୁଣବତ୍ତା ଏବଂ ଭିତ୍ତିଭୂମି ବିକାଶ ଏବଂ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ଶିକ୍ଷାଗତ ପାର୍ଥକ୍ୟ ଏକ ବଡ଼ ଆହ୍ୱାନ ଦେଖାଦେଇଛି ।

ଯୁବଶକ୍ତିକୁ ସଶକ୍ତ କରିବା ପାଇଁ ଆହ୍ୱାନ

ପ୍ରତ୍ୟେକ ପିଢ଼ି ଏକ ଭିନ୍ନ ପୃଥିବୀର ଉତ୍ତରାଧିକାରୀ ହୋଇଥାଏ। ଆଜିର ଯୁବପିଢ଼ି ଏପରି ଏକ ସମୟରେ ପଦାର୍ପଣ କରୁଛି, ଯେଉଁଠାରେ କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ ପ୍ରଯୁକ୍ତି, ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱବ୍ୟାପୀ ପ୍ରତିଯୋଗିତା ଜୀବନ ଓ କର୍ମକ୍ଷେତ୍ରର ନୂତନ ସଂଜ୍ଞା ଲେଖୁଛି। ଏପରି ପରିବର୍ତ୍ତନଶୀଳ ପରିବେଶରେ ସଫଳତା କେବଳ ଶିକ୍ଷାଗତ ସାର୍ଟିଫିକେଟ୍‌ରେ ସୀମିତ ନୁହେଁ ବରଂ ଜଣେ ବ୍ୟକ୍ତିଙ୍କର ବ୍ୟବହାରିକ ଦକ୍ଷତା, ସୃଜନଶୀଳତା ଓ ନିଜକୁ ସମୟ ସହିତ ଖାପ ଖୁଆଇବାର କ୍ଷମତା ହିଁ ତାଙ୍କର ପ୍ରକୃତ ପରିଚୟ ହୋଇଉଠୁଛି। ତେଣୁ ପ୍ରତିବର୍ଷ ପାଳିତ ବିଶ୍ୱ ଯୁବ ଦକ୍ଷତା ଦିବସ କେବଳ ଏକ ଔପଚାରିକ ପାଳନ ନୁହେଁ ଏହା ଯୁବଶକ୍ତିକୁ ସଶକ୍ତ କରିବା ପାଇଁ ବିଶ୍ୱର ସାମୂହିକ ଆହ୍ୱାନ।

ସୁବ୍ରତ କୁମାର ଦାସ

୯୪୩୭୭୩୧୯୦୩

ଶିକ୍ଷା ନିଶ୍ଚିତ ଭାବେ ବିକାଶର ମୂଳଦୁଆ, କିନ୍ତୁ ଦକ୍ଷତାବିହୀନ ଶିକ୍ଷା ଅନେକ ସମୟରେ ଯୁବକ-ଯୁବତୀଙ୍କୁ ନିଯୁକ୍ତି ବଜାରର ବାସ୍ତବ ଚାହିଦାଠାରୁ ଦୂରେଇ ରଖେ। ଆଜି ନିଯୁକ୍ତିଦାତାମାନେ କେବଳ ଡିଗ୍ରୀ ନୁହେଁ, ବରଂ ସମସ୍ୟାର ସମାଧାନ କରିବାର କ୍ଷମତା, ଫଳପ୍ରଦ ଯୋଗାଯୋଗ, ସୃଜନଶୀଳ ଚିନ୍ତାଧାରା, ଦଳଗତ କାର୍ଯ୍ୟଦକ୍ଷତା ଓ ନୂତନ ପ୍ରଯୁକ୍ତି ସହ ନିଜକୁ ଖାପ ଖୁଆଇବାର ସାମର୍ଥ୍ୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଡିଜିଟାଲ ଦକ୍ଷତା, ସମାଲୋଚନାତ୍ମକ ଚିନ୍ତନ, ଉଦ୍ୟୋଗୀ ମନୋଭାବ, ଭାବନାତ୍ମକ ବୁଦ୍ଧିମତ୍ତା ଓ ନେତୃତ୍ୱ ଗୁଣ ଆଧୁନିକ ଯୁଗର ଅପରିହାର୍ଯ୍ୟ ସମ୍ପଦରେ ପରିଣତ ହୋଇଛି।

ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟା ଥିବା ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ। ଏହି ବିଶାଳ ଯୁବଶକ୍ତି ଦେଶର ସବୁଠାରୁ ବଡ଼ ସମ୍ପଦ। କିନ୍ତୁ ଏହି ସମ୍ପଦ ସେତେବେଳେ ହିଁ ଜାତୀୟ ଶକ୍ତିରେ ପରିଣତ ହେବ, ଯେତେବେଳେ ଯୁବପିଢ଼ି ଶିକ୍ଷ ଓ ସମାଜର ଚାହିଦା ଅନୁଯାୟୀ ଦକ୍ଷତା ଅର୍ଜନ କରିବେ। ଅନ୍ୟଥା ଗୋଟିଏ ପଟେ ବେକାରି ବଢ଼ିବ ଓ ଅନ୍ୟପଟେ ଦକ୍ଷ ଜନଶକ୍ତିର ଅଭାବ ଦେଶର ବିକାଶକୁ ବାଧା ଦେବ। କୃତ୍ରିମ ବୁଦ୍ଧିମତ୍ତା ଓ ସ୍ୱୟଂଚାଳିତ ପ୍ରଯୁକ୍ତି ଆଜି କର୍ମକ୍ଷେତ୍ରର ଚିତ୍ରକୁ ଦ୍ରୁତ ଗତିରେ ବଦଳାଇ ଦେଉଛି। କେତେକ ପାରମ୍ପରିକ ଚାକିରି ଲୋପ ପାଉଥିବା ବେଳେ ସାଇବର ସୁରକ୍ଷା, ତଥ୍ୟ ବିଶ୍ଳେଷଣ, ନବୀକରଣଯୋଗ୍ୟ ଶକ୍ତି, ରୋବୋଟିକ୍ସ, ସ୍ୱାସ୍ଥ୍ୟସେବା, ଡିଜିଟାଲ ବିପଣନ ଓ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହେଉଛି। ତେଣୁ ପରିବର୍ତ୍ତନକୁ ଭୟ କରିବା ପରିବର୍ତ୍ତେ ନୂତନ କୌଶଳ ଶିଖିବା ଓ ଆଜୀବନ ଶିକ୍ଷାକୁ ଗ୍ରହଣ କରିବା ସମୟର ଆବଶ୍ୟକତା ଅଛି।

ଦକ୍ଷତା ବିକାଶକୁ କେବଳ ଚାକିରି ପାଇବାର ମାଧ୍ୟମ ଭାବେ ଗ୍ରହଣ କଲେ ହେବ ନାହିଁ। ବରଂ,ଏହା ଆତ୍ମନିର୍ଭରଶୀଳତା, ଉଦ୍ୟୋଗୀ ମନୋଭାବ, ନବସୃଜନ ଓ ଆତ୍ମବିଶ୍ୱାସର ମୂଳ ଆଧାର ସହ ଜଡ଼ିତ ହେବା ଉଚିତ୍। ଜଣେ ଦକ୍ଷ ଯୁବ ଉଦ୍ୟୋଗୀ କେବଳ ନିଜ ପାଇଁ ନୁହେଁ, ଅନେକଙ୍କ ପାଇଁ ରୋଜଗାର ସୃଷ୍ଟି କରିପାରେ। ଜଣେ ଡିଜିଟାଲ ଦକ୍ଷ ଗ୍ରାମୀଣ ଯୁବକ ବିଶ୍ୱ ବଜାର ସହ ସଂଯୋଗ ସ୍ଥାପନ କରିପାରେ। ଜଣେ ପ୍ରଶିକ୍ଷିତ କାରିଗର ନିଜର ପାରମ୍ପରିକ କଳାକୁ ସଂରକ୍ଷଣ କରିବା ସହିତ ସମ୍ମାନଜନକ ଜୀବିକା ମଧ୍ୟ ଅର୍ଜନ କରିପାରେ। ତଥାପି ଆମ ସମ୍ମୁଖରେ ଅନେକ ଆହ୍ୱାନ ରହିଛି। ଅନେକ ଶିକ୍ଷାନୁଷ୍ଠାନରେ ପାଠ୍ୟକ୍ରମ ଓ ଶିଳ୍ପଜଗତର ଚାହିଦା ମଧ୍ୟରେ ଏବେ ବି ଯଥେଷ୍ଟ ବ୍ୟବଧାନ ରହିଛି। ବୃତ୍ତିଗତ ଶିକ୍ଷାକୁ ଆଜି ମଧ୍ୟ ସମାଜରେ ଯଥୋଚିତ ସମ୍ମାନ ମିଳୁନାହିଁ। ଗ୍ରାମାଞ୍ଚଳର ଯୁବକ-ଯୁବତୀ, ମହିଳା, ଦିବ୍ୟାଙ୍ଗ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଲୋକମାନଙ୍କ ପାଖରେ ଗୁଣାତ୍ମକ ପ୍ରଶିକ୍ଷଣ ପହଞ୍ଚାଇବା ଆଜି ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ପଡ଼ିଛି। ଏହାର ସମାଧାନ ପାଇଁ ସରକାର, ଶିକ୍ଷାନୁଷ୍ଠାନ, ଶିଳ୍ପ ସଂସ୍ଥା, ସେଚ୍ଛାସେବୀ ସଂଗଠନ ଓ ସମାଜର ସମସ୍ତ ଅଂଶୀଦାରଙ୍କ ସମନ୍ୱିତ ପ୍ରୟାସ ଅପରିହାର୍ଯ୍ୟ। ସେହିପରି, ବୈଷୟିକ ଦକ୍ଷତା ସହ ନୈତିକ ମୂଲ୍ୟବୋଧର ବିକାଶ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ ଅଟେ। ସଚ୍ଚୋଟତା, ଶୃଙ୍ଖଳା, ସହାନୁଭୂତି, ଦାୟିତ୍ୱବୋଧ, ନେତୃତ୍ୱ ଓ ସହନଶୀଳତା ଭଳି ଗୁଣ କୌଣସି ପ୍ରଯୁକ୍ତି ଦ୍ୱାରା ପ୍ରତିସ୍ଥାପିତ ହୋଇପାରିବ ନାହିଁ। ଆଗାମୀ ଦିନର କର୍ମଜୀବୀ କେବଳ ଦକ୍ଷ ନୁହେଁ, ବରଂ ଦାୟିତ୍ୱବାନ୍ ଓ ମାନବିକ ହେବା ମଧ୍ୟ ଆବଶ୍ୟକ।

ବିଶ୍ୱ ଯୁବ ଦକ୍ଷତା ଦିବସ ଆମକୁ ଆହ୍ୱାନ କରେ ଯେ, ଯୁବପିଢ଼ିଙ୍କ ଦକ୍ଷତାରେ ବିନିଯୋଗ କରିବା ହେଉଛି ଜାତିର ଭବିଷ୍ୟତରେ ବିନିଯୋଗ କରିବା। ପ୍ରତ୍ୟେକ ଦକ୍ଷ ଯୁବକ କେବଳ ନିଜର ସଫଳତାର ପ୍ରତୀକ ନୁହେଁ ସେ ଏକ ସଶକ୍ତ ପରିବାର, ଏକ ସମୃଦ୍ଧ ଅର୍ଥନୀତି ଓ ଏକ ପ୍ରଗତିଶୀଳ ସମାଜର ନିର୍ମାତା। ତେବେ,ଏହି ଦିବସରେ କେବଳ ଔପଚାରିକ ପାଳନରେ ସୀମିତ ନ ରହି, ପ୍ରତ୍ୟେକ ଯୁବକ ଓ ଯୁବତୀଙ୍କୁ ଗୁଣାତ୍ମକ ଶିକ୍ଷା, ଆଧୁନିକ ଦକ୍ଷତା, ସମାନ ସୁଯୋଗ ଓ ଆତ୍ମବିଶ୍ୱାସ ପ୍ରଦାନ କରିବାର ସଂକଳ୍ପ ନେବା। କାରଣ, ଭବିଷ୍ୟତ ସେମାନଙ୍କର, ଯେଉଁମାନେ ଆଜିଠାରୁ ନିଜକୁ ଦକ୍ଷ କରିବାର ପ୍ରସ୍ତୁତି ନେଉଛନ୍ତି। ଯୁବଶକ୍ତିର ହାତରେ ଦକ୍ଷତାର ଅସ୍ତ୍ର ଦେବା ହିଁ ଏକ ସମୃଦ୍ଧ, ଆତ୍ମନିର୍ଭର ଓ ବିକଶିତ ଭାରତ ଗଠନର ସର୍ବୋତ୍ତମ ପଥ ହୋଇପାରିବ।

'ବିଶ୍ୱାସର ଭଙ୍ଗା ସେତୁ: ବିବାହ ବାହାର ସମ୍ପର୍କ, ପାରିବାରିକ ସଙ୍କଟ ଓ ସମାଜର ନିରବ ବେଦନା'

'ବିଶ୍ୱାସ ଭାଙ୍ଗିବାର ଶବ୍ଦ କାନରେ ଶୁଣାଯାଏ ନାହିଁ, କିନ୍ତୁ ତାହାର ପ୍ରତିଧ୍ୱନି ଅନେକ ପରିବାରର ନିରବତାରେ ବର୍ଷ ବର୍ଷ ଧରି ଗୁଞ୍ଜରିତ ହୁଏ। ପ୍ରେମ ଯେତେବେଳେ ଦାୟିତ୍ୱକୁ ଭୁଲିଯାଏ, ସେତେବେଳେ ଆଘାତ ପାଏ କେବଳ ଦୁଇଟି ହୃଦୟ ନୁହେଁଚ ଆଘାତ ପାଏ ଗୋଟିଏ ପରିବାର, ଗୋଟିଏ ଶିଶୁର ଭବିଷ୍ୟତ ଓ ସମଗ୍ର ସମାଜ।'

ସମାଜର ମୂଳଦୁଆ ହେଉଛି ପରିବାର, ଆଉ ପରିବାରର ମୂଳଦୁଆ ହେଉଛି ବିଶ୍ୱାସ। ଘର କେବଳ ଇଟା, ବାଲି ଓ ସିମେଣ୍ଟରେ ତିଆରି ହୁଏ ନାହିଁ। ଏହା ଗଢ଼ିଉଠେ ସ୍ନେହ, ସମ୍ମାନ, ସହଯୋଗ ଓ ପରସ୍ପର ପ୍ରତି ଆସ୍ଥା ଉପରେ। କିନ୍ତୁ ଆଜିର ଆଧୁନିକ ସମୟରେ ଆମେ ଏମିତି ଏକ ସାମାଜିକ ପରିବର୍ତ୍ତନର ସାକ୍ଷୀ, ଯେଉଁଠାରେ ପରିବାରର ଭିତ୍ତି ଧୀରେ ଧୀରେ ଦୁର୍ବଳ ହେଉଛି। ପ୍ରତିଦିନର ଖବରକାଗଜରେ ପାରିବାରିକ ବିବାଦ, ବିବାହ ବାହାର ସମ୍ପର୍କକୁ କେନ୍ଦ୍ର କରି ହିଂସା, ଆତ୍ମହତ୍ୟା, ହତ୍ୟା କିମ୍ବା ଅନ୍ୟାନ୍ୟ ଦୁଃଖଦ ଘଟଣା ସ

ଅକ୍ଷର
AKHYARA ODISHA ଓଡ଼ିଶା

ପୁରୁଣାଗଡ଼ ରଥଯାତ୍ରାରେ କୋଡ଼ିଏ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

ବନ୍ତଳା ୧୭।୭ (ଅକ୍ଷର ଓଡିଶା) ଅନୁଗୋଳ ଜିଲ୍ଲା ପୁରୁଣାଗଡ଼ ଠାରେ ପବିତ୍ର ଶ୍ରୀଜଗନ୍ନାଥ ରଥଯାତ୍ରା ଭକ୍ତି, ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଧୁମଧାମରେ ପାଳିତ ହୋଇଛି । ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ସୁସଜ୍ଜିତ ରଥରେ ବିରାଜମାନ କରାଯାଇଥିଲା ।ହଜାର ହଜାର ଭକ୍ତ ''ଜୟ ଜଗନ୍ନାଥ'' ଧ୍ୱନି ଦେଇ ରଥ ଟାଣିବା ସହ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶରେ ମୁଖରିତ ହୋଇଯାଇଥିଲା । ପାଗ ପ୍ରତିକୂଳ ଥିଲେ ମଧ୍ୟ ଯାତ୍ରା ରେ କୋଡ଼ିଏ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା । ରଥଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା । ବନ୍ତଳା ଥାନା ଅଧିକାରୀ ବିଭୁତି ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ଲାଟୁନ୍ ପୋଲିସ ସୁରକ୍ଷା ଦାୟିତ୍ୱ ରହି ସ୍ଥାନୀୟ ଜନସାଧାରଣ ଓ ସେବାୟତମାନଙ୍କ ସକ୍ରିୟ ସହଯୋଗରେ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସଫଳତାର ସହିତ ସମ୍ପନ୍ନ ହୋଇଥିଲା । ଦିନ ତିନିଟା ବେଳେ ଛେରା ପହଁରା କାର୍ଯ୍ୟ ଶ୍ରୀକାନ୍ତ ମିଶ୍ରଙ୍କ ଦ୍ୱାରା ହୋଇଥିଲା ବେଳେ ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ଉପ ସଭାପତି ରାଜକିଶୋର ଦାଶ, ସଂମ୍ପାଦକ ସୁଧାକର ବେହେରା, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାହୁ , ସେଚ୍ଛାସେବୀ ପ୍ରସନ୍ନ କୁମାର ସାହୁ, ଆବାହକ ସୁନୀଲ ଦଳବେହେରା, ଟ୍ରଷ୍ଟ ବୋର୍ଡ ସଦସ୍ୟ ସନାତନ ସାହୁ, ସୂର୍ଯ୍ୟାନନ୍ଦ ସିଂହ, ରବି ନରାୟଣ ନନ୍ଦ, ବଡ଼କେରା ଡ୍ରାଇଭର ମହାସଂଘ ସଭାପତି ତଞ୍ଚୁ ଦଳ ବେହେରା ଏବଂ ପଚାଶ ଜଣ ଡ୍ରାଇଭର ମହାସଂଘ ର କର୍ମକର୍ତ୍ତା ଓ ପଚାଶ ରୁ ଉର୍ଦ୍ଧ୍ୱ ଭଲ୍‌ଯୁଣ୍ଟର ସହଯୋଗ କରିଥିଲେ । ଆଜି ମହାପ୍ରଭୁଙ୍କ ରଥ ଟଣା ଅଧାରେ ଅଟକି ରହିଥିବା ବେଳେ କାଲି ପୁଣି ରଥ ଟଣା କରାଯିବ ।

ବଅଁରପାଳ ପଞ୍ଚଶ୍ରୀକ୍ଷେତ୍ରରେ ଭକ୍ତିମୟ ପରିବେଶରେ ଶେଷ ହେଲା ରଥଟଣା

ବଅଁରପାଳ, ୧୭।୭(ଅକ୍ଷର ଓଡିଶା): ଅନୁଗୋଳ ଜିଲ୍ଲା ବଅଁରପାଳ ସ୍ଥିତ ପଞ୍ଚଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଭକ୍ତି ଓ ଉତ୍ସାହର ସହ ସମ୍ପନ୍ନ ହୋଇଛି । ସକାଳୁ ପହୁଡ଼ ଖୋଲା, ସକାଳ ନୀତି, ନେତ୍ରୋତ୍ସବ, ନବଯୌବନ ଦର୍ଶନ, ଆଳତି, ସୂର୍ଯ୍ୟ ପୂଜା, ଷୋଡ଼ଶ ଉପଚାର, ରଥ ପ୍ରତିଷ୍ଠା ଓ ମଙ୍ଗଳାର୍ପଣ ପରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା ।ସତ୍ୟବାନ ବରାହ ପୁଷ୍ପାଞ୍ଜଳି ଅର୍ପଣ କରିଥିବା ବେଳେ ପୂର୍ବତନ ବିଧାୟକ ଓ ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ ଛେରାପହଁରା ନୀତି ସମ୍ପନ୍ନ କରିଥିଲେ । ଅପରାହ୍ଣ ୪ଟା ୧୦ ମିନିଟ୍‌ରେ ରଥଟଣା ଆରମ୍ଭ ହୋଇଥିଲା ଏବଂ ସନ୍ଧ୍ୟା ୭ଟା ସୁଦ୍ଧା ତିନି ରଥ ମାଉସୀମା' ମନ୍ଦିରରେ ପହଞ୍ଚିଥିଲା ।ବଳଭଦ୍ରଙ୍କ ତାଳଧ୍ୱଜ ଓ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପୁରୁଷମାନେ ଟାଣିଥିବା ବେଳେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥକୁ ମହିଳାମାନେ ଟାଣିଥିଲେ । ହୁଳହୁଳି, ହରିବୋଲ, ଶଙ୍ଖ, ଘଣ୍ଟ ଓ କୀର୍ତ୍ତନରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା ।ମୁଖ୍ୟ ପୂଜକ ଭାବେ ଅଶୋକ ଦାସ, ଅଚ୍ୟୁତାନନ୍ଦ ଦାସ ଓ ପ୍ରାଣବନ୍ଧୁ ନାଥ ନୀତିକାନ୍ତି ସମ୍ପାଦନ କରିଥିଲେ । କର୍ଭା ଭାବେ ସତ୍ୟବାନ ବରାହ ଓ ତାଙ୍କ ପତ୍ନୀ କୁମୁଦିନୀ ବରାହ ଦାୟିତ୍ୱ ନିର୍ବାହ କରିଥିଲେ । ମନ୍ଦିର କମିଟିର ବରିଷ୍ଠ ଉପଦେଷ୍ଟା ତଥା ଶିକ୍ଷାବିତ୍ ନରେଶ ଚନ୍ଦ୍ର ସାହୁ, ଛବିମୋହନ ସାହୁ, ସହ-ସମ୍ପାଦକ ଶୁଭେନ୍ଦୁ ବେଉରା, ଉପ-ସଭାପତି ପିତାମ୍ବର ସାହୁ, ପୂର୍ବତନ ସଭାପତି ସତ୍ୟବାନ ବରାହ, କାର୍ଯ୍ୟକାରୀ ସଦସ୍ୟ ଚେମୁଟୁ ସାହୁ, ରବି ନାରାୟଣ ବେହେରା, ସୁବାସ ପଟ୍ଟନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ । ରଥଯାତ୍ରାର ସୁପରିଚାଳନା ପାଇଁ ବିଦ୍ୟୁତ୍ ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗ ଓ ବଜାର କମିଟିର ସଦସ୍ୟମାନେ ସହଯୋଗ କରିଥିଲେ । ବଅଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଓ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା ।

ଭକ୍ତିଭାବରେ ପାଳିତ ହେଲା ପବିତ୍ର ରଥଯାତ୍ରା

ଦେବଗଡ, ୧୭।୭ (ଅକ୍ଷର ଓଡ଼ିଶା): ଦେବଗଡ ଜିଲ୍ଲା ରିଆମାଳ ବ୍ଲକର ବୁଢ଼ାପାଳ, ପଳସମା, ଖଇରପାଲି ଏବଂ ବାରକୋଟ ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ଘୋଷଯାତ୍ରା ଅପୂର୍ବ ଶ୍ରଦ୍ଧା, ଭକ୍ତି ଓ ଉତ୍ସାହର ସହ ମହାଆଡ଼ମ୍ବରରେ ପାଳିତ ହୋଇଛି ।ବର୍ଷାକୁ ଖାତିର ନକରି ହଜାର ହଜାର ଭକ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଟଣାରେ ସାମିଲ ହୋଇଥିଲେ । ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସୁସଜ୍ଜିତ ରଥରେ ବିରାଜମାନ କରାଯାଇ ଭକ୍ତମାନେ ଭକ୍ତିଭାବରେ ରଥକୁ ଶ୍ରୀଗୁଣ୍ଡିଚା ମନ୍ଦିର (ମାଉସୀ ମା' ମନ୍ଦିର) ଅଭିମୁଖେ ଟାଣି ନେଇଥିଲେ । ରଥଯାତ୍ରା ସମୟରେ ଶଙ୍ଖ, ଘଣ୍ଟ, କର୍ତ୍ତାଳ, ଝାଞ୍ଜ ଓ ମୃଦଙ୍ଗର ଧ୍ୱନିରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା । ଭକ୍ତମାନଙ୍କ 'ହରିବୋଲ', 'ଜୟ ଜଗନ୍ନାଥ' ଧ୍ୱନି ଓ ହୁଳହୁଳିରେ ସମଗ୍ର ଅଞ୍ଚଳ ଗୁଞ୍ଜରିତ ହୋଇଥିଲା । ରଥଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ସ୍ଥାନୀୟ ବିଭିନ୍ନ ଥାନାର

ପୋଲିସ ଅଧିକାରୀ ଓ କର୍ମଚାରୀମାନେ ରଥଖଳା ଓ ରଥଟଣା ମାର୍ଗରେ ମୁତୟନ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଯାତ୍ରାକୁ ସଫଳତାର ସହ ସମାପନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ପ୍ରବଳ ବର୍ଷା ସତ୍ତ୍ୱେ ସାଲେପୁରରେ ବିଭିନ୍ନ ଅଞ୍ଚଳରେ ପବିତ୍ର ଘୋଷଯାତ୍ରା

ସାଲେପୁର, ୧୭।୭(ମନୋଜ ସାମଲ): ସାଲେପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପବିତ୍ର ଘୋଷଯାତ୍ରା ଅପୂର୍ବ ଶ୍ରଦ୍ଧା, ଭକ୍ତି ଓ ଉତ୍ସାହ ର ଶହ ମହାଆଡମ୍ବର ରେ ପାଳିତ ହୋଇଛି, ବର୍ଷା କୁ ଖାତିର ନ କରି ହଜାର ହଜାର ଭକ୍ତ ମହାପ୍ରଭୁ ଶ୍ରୀ ଜନ୍ନାଥଙ୍କ ରଥ ଟଣାରେ ସାମିଲ ହୋଇଥିଲେ, ଶ୍ରୀ ଜନ୍ନାଥଙ୍କ, ବଡ଼ଭାଇ ବଳଭଦ୍ର, ଓ ଭଉଣୀ ସୁଭଦ୍ରା ଙ୍କୁ ସୁସଜ୍ଜିତ ରଥରେ ବିରାଜମାନ କରାଯାଇ ଭକ୍ତମାନେ ଭକ୍ତି ଭାବରେ ରଥକୁ ଶ୍ରୀ ଗୁଣ୍ଡିଚା ମନ୍ଦିର (ମାଉସୀ ମା ମନ୍ଦିର) ଅଭିମୁଖେ ଟାଣି ନେଇଥିଲେ, ରଥ ଯାତ୍ରା ସମୟରେ ଶଙ୍ଖ, ଘଣ୍ଟ, କୀର୍ତ୍ତନ, ଝାଜ ଓ ମୂର୍ଦଙ୍ଗ ର ଧ୍ୱନୀରେ ସମଗ୍ର ପରିବେଶ ଭକ୍ତି ଭାବପୂର୍ଣ୍ଣ ହୋଇଉଟିଥିଲା, ଭକ୍ତମାନଙ୍କ ' ହରିବୋଲ ' ଜୟ ଜଗନ୍ନାଥ ଧ୍ୱନୀ ଓ ହୁଳାହୁଳିରେ ସମଗ୍ର ଅଞ୍ଚଳ ଗୁଞ୍ଜରିତ ହୋଇଥିଲା, ଏଥିସହିତ ସାଲେପୁର ମା ସହେଶ୍ୱରି ରଥ, ଉତ୍ତର ବଟେସ୍ୱର୍ ଗ୍ରାମ ରଥ, ରୋଧପୂର୍ ରଥ, ଚନ୍ଦ୍ରାଦେଇପୂର୍ ବେଙ୍ଗସହି କଲୋନୀ ରଥ, ଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବେବସ୍ଥା କରାଯାଇଥିଲା, ସ୍ଥାନୀୟ ଥାନାରପୋଲିସ ଅଧିକାରି ଓ କର୍ମଚାରୀ ମାନେ ରଥ ଖଳା ରଥ ଟଣା ମାର୍ଗ ରେ ମୁତୟନ ରହି ଶାନ୍ତି ଶୁଖଳା ବଜାୟ ରଖିବା ଶହ ଯାତ୍ରାକୁ ସଫଳତାର ଶହ ସମାପନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥଲେ,



ମହା ଆଡ଼ମ୍ବରେ ପାଳିତ ହେଲା ଶ୍ରୀ ଗୁଣ୍ଡିଚା ଯାତ୍ରା

ବୈପାରିଗୁଡ଼ା, ୧୭।୭ (ବିଜୟ ପାଙ୍ଗି): ବୈପାରିଗୁଡ଼ା ଠାରେ ଧୁମଧାମରେ ପାଳିତ ହେଲା ଶ୍ରୀ ଗୁଣ୍ଡିଚା ଯାତ୍ରା । ପାରମ୍ପରିକ ସଂପ୍ରଦା, ସଂକିର୍ତ୍ତନ, ଘଣ୍ଟଦଳ 'ଜଗନ୍ନାଥ ସ୍ୱାମି ନୟୋନ ପଥଗାମୀ ଭବ ତୁମେ' ହରିବଲ ହୁଳହୁଳି, ଜୟ ଜଗନ୍ନାଥ ନାରାରେ ପ୍ରକମ୍ପିତ ହୋଇ ଉଠିଲା ବୈପାରିଗୁଡ଼ା ବଡ଼ଦାଣ୍ଡ । ଆଜି ସକାଳୁ ପାରମ୍ପରିକ ରୀତିନୀତି ଅନୁଯାୟୀ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାପାଠ କରାଯାଇଥିଲା । ଅପରାହ୍ଣରେ ଶ୍ରୀଜିଉ ପହଣ୍ଡି ବିଜେ କରିଥିଲେ । ବୈପାରିଗୁଡ଼ା ରାଜା ଶ୍ରୀ ମାନସ ଜଗଦେବ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା । ଏକ ବର୍ଷର ଅପେକ୍ଷା ପରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରଥାରୁଢ଼ ଭାବରେ ଦର୍ଶନ କରି ଆନନ୍ଦମୟ ଉପଭଗ କରିଥିଲେ ଶ୍ରଦ୍ଧାଳୁ । ଶ୍ରୀ ଗୁଣ୍ଡିଚା ଯାତ୍ରା ଦେଖିବାକୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ବୈପାରିଗୁଡ଼ା ଥାନା ଅଧିକାରୀ ଲକ୍ଷ୍ମୀ ନାରାୟଣ ମୁଦୁଲିଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥଲେ । ବୈପାରିଗୁଡ଼ା ପ୍ରଶାସନିକ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ ସାହୁ, ସ୍ଥାନୀୟ ତହସିଲଦାର ସ୍ନିଗ୍ଧା ଚୌଧୁରୀ, ଅଗ୍ନିଶୋମ ବାହିନୀ, ଡ୍ରାଇଭର ମହାସଂଘର ସମସ୍ତ ସଦସ୍ୟ, ନିର୍ବାଚିତ ଜନ ପ୍ରତିନିଧି, ସେଚ୍ଛାସେବୀ ଉପସ୍ଥିତ ରହିଥିଲେ । ବୈପାରିଗୁଡ଼ା ସମେତ ଦଶମନ୍ତପୁର ଓ ରାମଗିରି ଠାରେ ମଧ୍ୟ ରଥଯାତ୍ରା ମହା ସମାରୋହରେ ପାଳିତ ହୋଇଛି ।

ପୁରୀସେବା ସମିତିର ଖାଦ୍ୟ ଓ ଜଳସେବା ଶିବିର ଉଦଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ପୁରୀ,୧୭ ।୭(ଅକ୍ଷର ଓଡ଼ିଶା):ପବିତ୍ର ରଥଯାତ୍ରା ଅବସରରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସେବାଯୋଗାଇ ଦେବାକୁ ପୁରୀସେବା ସମିତି ପକ୍ଷରୁ ସ୍ଥାନୀୟ ମରିଚିକୋଟ ଛକଠାରେ ଆୟୋଜିତ ଖାଦ୍ୟ ଓ ଜଳସେବା ଶିବିରକୁ ରାଜ୍ୟ ସାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉଦଘାଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ମହାଲିଙ୍ଗ କହିଥିଲେ ଯେ, ରଥଯାତ୍ରାସମୟରେ ଦେଶ ଓ ବିଦେଶରୁ ଆସୁଥିବା ଭକ୍ତଙ୍କ ପାଇଁ ଏହି ନିଶୁଳ୍କ ଖାଦ୍ୟ ଓ ଜଳସେବା

ପୁରୀ ସେବା ସମିତି ପକ୍ଷରୁ ଆୟୋଜିତ ଶିବିର ପ୍ରଶଂସନୀୟ ପଦକ୍ଷେପ । ଏହା ଶ୍ରଦ୍ଧାଳୁମାନଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ସେ କହିଥିଲେ । ପରେ ମନ୍ତ୍ରୀ ପୁରୀ ସେବା ସମିତି କାର୍ଯ୍ୟାଳୟ ପରିଦର୍ଶନ କରି ସେଠାରେ ପରିଚାଳିତ ଦୈନନ୍ଦିନ ନିଶୁଳ୍କ ଚିକିତ୍ସା କେନ୍ଦ୍ର ବୁଲି ଦେଖିଥିଲେ । ପୁରୀ ସେବା ସମିତିର ସଭାପତି ହିମାଂଶୁ କୁମାର ମହାନ୍ତି, ଉପସଭାପତି ସୌମେନ୍ଦ୍ର ଦାସଙ୍କ ସମେତ ସମିତିର ବହୁ କର୍ମକର୍ତ୍ତା, ସେଚ୍ଛାସେବୀ ଅଭିଷେକ ରଥ,ଅଭୟ ଅମିତ୍ ସାହୁ,ଅଙ୍କିତ ତ୍ରିପାଠୀ,ଶୁଭ ପ୍ରସାଦ ଶର୍ମା ଓ ସୁରେଶ କର ପ୍ରମୁଖ ଉପସ୍ଥିତଥିଲେ ।

ବିଜେପି ଜିଲ୍ଲା ଉପ ସଭା ନେତ୍ରି ହେଲେ ସବିତା ଓ ସମ୍ପାଦିକା ହେଲେ ଆରତୀ

ଲକ୍ଷ୍ମୀପୁର, ୧୭।୭ (ଅକ୍ଷର ଓଡ଼ିଶା): କୋରାପୁଟ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ର ନେତ୍ରୀ ମାନଙ୍କ ନାମ ଘୋଷଣା କରାଯାଇଛି ।ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶୁର୍ଯ୍ୟା ବିଶ୍ୱାଳ ବିଜେପି ଜିଲ୍ଲା ସଭାପତି ଶିବ ମୁଦୁଲି ଓ ମହିଳା ମୋର୍ଚ୍ଚାର ସଭା ନେତ୍ରୀ ସାତି ହୋତାଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି ।ଏଥିରେ ଲକ୍ଷ୍ମୀପୁର ବ୍ଲକ୍ ର ଦୁଇଜଣ ମହିଳାଙ୍କୁ ଗୁରୁତ୍ୱ ପୂର୍ଣ୍ଣ ସ୍ଥାନ ମିଳିଛି । ଜିଲ୍ଲା ମହିଳା ମୋର୍ଚ୍ଚାର ଉପ ସଭା ନେତ୍ରୀ ଭାବେ ସବିତା କୁଲେସିକା ଓ ସମ୍ପାଦିକା ଭାବେ ଆରତୀ କୁଲଦୀପ ଙ୍କ ନାମ ଘୋଷଣା ହୋଇଛି ।ସବିତା ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକାଙ୍କ ସ୍ତ୍ରୀ ଓ ଆରତୀ ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦେବକୁମାର ଖରାଙ୍କ ସ୍ତ୍ରୀ ଅଟନ୍ତି । ବର୍ତମାନ ଆରତୀ ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଉପା ଧକ୍ଷା ଥିବା ବେଳେ ସବିତା ପ୍ରଥମ କାରି ରାଜନୀତି କୁ ଓହ୍ଲାଇଛନ୍ତି ।ଲକ୍ଷ୍ମୀପୁର ବ୍ଲକ୍ ର ଦୁଇଜଣ ମହିଳାଙ୍କୁ ଜିଲ୍ଲା ଦାଇତ୍ୱ ମିଳିଥିବା ରୁ ସବୁ ମହଲ ରୁ ତାଙ୍କୁ ଶୁଭେଚ୍ଛା ର ସୁଅ ଛୁଟିବା ସହିତ ଲକ୍ଷ୍ମୀପୁର ବିଜେପି ଦଳରେ ଖୁସିର ଲହରୀ ଖେଳି ଯାଇଛି ।

ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ମାଲକାନଗିରି, ୧୭।୭/ (ପ୍ରଦୀପ ରାଉଳ): କୋରକୁଣ୍ଡା ବ୍ଲକ ଅନ୍ତର୍ଗତ ମାରିଓ୍ୱାଡଙ୍କ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଏମ. ପି. ଭି. ୧୮(ବି)ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ମା ' ପାଇଁ ଗଛଟିଏ 'କାର୍ଯ୍ୟକ୍ରମ ତଥା ବନ ମହୋତ୍ସବ , ବନବିଭାଗ, କାଲିମେଳା ଓ ବିଦ୍ୟାଳୟ ପରିଚାଳନା କମିଟିର ମିଳିତ ଆନୁକୂଲ୍ୟ ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ କାଲିମେଳା ବନବିଭାଗ ରେଞ୍ଜ ଅଧିକାରୀ ବିଜୟକୁମାର ନାୟକ ମୁଖ୍ୟ ଅତିଥି, ଡଃ ରଞ୍ଜନ କୁମାର ସାଇଁ , ଅଧ୍ୟାପକ ବାଣିଜ୍ୟ ବିଭାଗ, ମୁଖ୍ୟ ବକ୍ତା,ଅରୁଣ ରାୟ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ,କୋରକୁଣ୍ଡା ଓ ଫରେଷ୍ଟର କାଲିମେଳା ଶ୍ରଦ୍ଧାଞ୍ଜଳୀ ମିଶ୍ର ସମ୍ମାନୀତ

ଅତିଥି ଭାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଜୟ କୁମାର ସାଇଁ ଅତିଥି ପରିଚୟ ସହ ସାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମଞ୍ଚାସୀନ ଅତିଥି ଗଣ ଉପସ୍ଥିତ ଛାତ୍ର ଛାତ୍ରୀ, ଗ୍ରାମବାସୀ, ମହିଳା ମାନଙ୍କୁ ବୃକ୍ଷ ରୋପଣ ର ଉପକାରିତା ସମ୍ବନ୍ଧରେ ସଚେତନ କରାଇଥିଲେ । ବନବିଭାଗ ତରଫରୁ ବିଦ୍ୟାଳୟ ପରିସରମଧ୍ୟରେ ୫୦ରୁ ଉର୍ଦ୍ଧ୍ୱ ଆମ୍ବ, ପଣସ, ଦେବଦାରୁ, ବଉଳ, ଛତିଆନା, କଦମ୍ବ ପ୍ରଭୃତି ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାବିତ୍ରୀ ବିଶ୍ୱାସ, ୱାର୍ଡ ମେମ୍ବର ପୁତୁଲ ବିଶ୍ୱାସ, ବିଦ୍ୟାଳୟ ସହକାରୀ ଶିକ୍ଷକ ରାମା ପୂଜାରୀ, ଏମ. ଭି.୨୫ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୀନା ମଣ୍ଡଳ, ସହକାରୀ ଶିକ୍ଷୟିତ୍ରୀ ସଂଗୀତା ନାୟକ, ଏମ.ଭି-୨୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେଶ ପଟ୍ଟନାୟକ, ନାମେଲଗୁଡ଼ା ଶିକ୍ଷକ ସୁଶାନ୍ତ ଦଲିଆ , କାର୍ତ୍ତିକଚନ୍ଦ୍ର ବେହେରା ପ୍ରମୁଖ ବିଦ୍ୟାଳୟ ପରିସରମଧ୍ୟରେ ଗୋଟିଏ ଗୋଟିଏ ଚାରା ଗଛ ରୋପଣ କରିଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀ, ମାଆମାନେ ନିଜ ନିଜ ନାମରେ ଗୋଟିଏ ଗୋଟିଏ ଚାରା ରୋପଣ କରି ତାହାର ଯତ୍ନ ନେବାପାଇଁ ଶପଥ କରିଥିଲେ । ପରିଶେଷରେ ମାରିଓ୍ୱାଡ଼ା ସି.ଆର.ସି.ସି ଉତ୍ତମ ସମଦାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବ ପରେ କାର୍ଯ୍ୟକ୍ରମ ସମାପ୍ତ ଘୋଷଣା କରାଯାଇଥିଲା ।

ବିଭିନ୍ନ ଜାତୀୟ ପ୍ରବେଶିକା ପରୀକ୍ଷାରେ ସରୂପା ପ୍ରିୟଦର୍ଶିନୀ ମିଶ୍ରଙ୍କ ସଫଳତା

ସୁବର୍ଣ୍ଣପୁର, ୧୭/୦୭:(ପବିତ୍ର ସିଂ ବରିହା)ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ନୂଆପଡା (ସୁବଳୟା)ର କୃତୀ ଛାତ୍ରୀ ସରୂପା ପ୍ରିୟଦର୍ଶିନୀ ମିଶ୍ର ଚଳିତ ବର୍ଷ ବିଭିନ୍ନ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ପ୍ରକାଶ ମିଶ୍ର ଓ ବିଶ୍ୱରଞ୍ଜିତା ମହାପାତ୍ରଙ୍କ କନ୍ୟା ସରୂପା ଘରରଞ୍ଜ-୨୦୨୬ ପରୀକ୍ଷାରେ ୭୨୦ରୁ ୫୮୮ ନମ୍ବର ରଖି ୯୯.୨୬ ପର୍ସେଣ୍ଟାଇଲ୍ ସହ ଅଲ୍ ଇଣ୍ଡିଆ ରାଙ୍କ ୧୪,୩୬୨ ଏବଂ ସାଧାରଣ ବର୍ଗରେ ୫,୬୫୧ ରାଙ୍କ ହାସଲ କରିଛନ୍ତି । ସେହିପରି NEST/NISER-୨୦୨୬ ପରୀକ୍ଷାରେ ୧୧୫.୨ ନମ୍ବର ରଖି AIR-୩୧୨ ଅଧିକାର କରିବା ସହ ଭୁବନେଶ୍ୱରସ୍ଥିତ ଘଓଝରଜରେ ଅଧ୍ୟୟନ ପାଇଁ ଆସନ ପାଇଛନ୍ତି । JEE Mains-୨୦୨୬ ପରୀକ୍ଷାରେ ସେ ୯୭.୭୬ ପର୍ସେଣ୍ଟାଇଲ

ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ଗଡ଼ିଲା ବିଶ୍ୱର ସୁଉଚ୍ଚ ରଥ

କେନ୍ଦୁଝର:୧୭/୦୭(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲାର ରାଷ୍ଟ୍ର ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର, ମନ୍ଦିରର ପୂଜା ପଦ୍ଧତି ଏବଂ ରଥଯାତ୍ରା ସମ୍ପୂର୍ଣ୍ଣ ନିଆରା ପରମ୍ପରା ଅନୁଯାୟୀ ପାଳିତ ହୋଇଥାଏ। ପୁରୀ ଏବଂ ଅନ୍ୟ ସବୁ ଜଗନ୍ନାଥ ମନ୍ଦିରରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ, କେନ୍ଦୁଝର ଜିଲ୍ଲାର ସଦର ମହକୁମା ପୂରୁଣା ସହର ଠାରେ ଅବସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରକୁ ବଡ଼ଭାଇ ପ୍ରଭୁ ଶ୍ରୀ ବଳଭଦ୍ରଙ୍କ କ୍ଷେତ୍ର ଭାବେ ବିବେଚନା କରାଯାଏ। କେନ୍ଦୁଝରର ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଇଥାନ୍ତି। ପୁରୀ ଏବଂ ଅନ୍ୟ ଜଗନ୍ନାଥ ମନ୍ଦିରରେ ଦେବୀ ସୁଭଦ୍ରାଙ୍କ ବର୍ଣ୍ଣ ହଳଦୀ ରଙ୍ଗର ହୋଇଥିବା ବେଳେ, ଏଠାରେ ଦେବୀ ସୁଭଦ୍ରାଙ୍କ ବର୍ଣ୍ଣ ରକ୍ତିମ ଏବଂ ଦେବୀ ସୁଭଦ୍ରାଙ୍କୁ ବେଦ ପଦ୍ଧତି ପରିବର୍ତ୍ତେ ତନ୍ତ୍ର ପଦ୍ଧତିରେ ପୂଜା କରାଯାଏ। ପୁରୀ ଏବଂ ଅନ୍ୟ ଜଗନ୍ନାଥ ମନ୍ଦିର ଏବଂ କେନ୍ଦୁଝରର ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ନିର୍ମାଣ, ପୂଜା ପଦ୍ଧତି, ପରମ୍ପରା ଆଦିରେ ଅନେକ ଭିନ୍ନତା ପରିଲକ୍ଷିତ ହୋଇଥାଏ। ସେହିଭଳି ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ଘୋଷଯାତ୍ରା ଏଠାରେ ନିଆରା ଢଙ୍ଗରେ ପାଳନ କରାଯାଇଥାଏ।

କେନ୍ଦୁଝରର ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ୧୬୬୧ ମସିହାରେ ରାଜା ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ଦ୍ୱାରା ନିର୍ମିତ ହୋଇଥିଲା ଏବଂ ତାଙ୍କ ଦ୍ୱାରା ବାର୍ଷିକ ରଥଯାତ୍ରା ମଧ୍ୟ ଆରମ୍ଭ ହୋଇଥିଲା। ଯଦିଓ ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉ ଏଠାରେ ପ୍ରମୁଖ ଦେବତା, ତଥାପି ବଡ଼ଭାଇ ପ୍ରଭୁ ଶ୍ରୀ ବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ଏବଂ ସାନଭାଇ ପ୍ରଭୁ ଶ୍ରୀ ଜଗନ୍ନାଥ ଗୋଟିଏ ରଥରେ ବସି ଶ୍ରୀ ଗୁଣ୍ଡିଚା ଯାତ୍ରା କରିଥାଆନ୍ତି।

ପ୍ରାୟ ୭୨ ଫୁଟ ଉଚ୍ଚତା ଏବଂ ୪୫ ଫୁଟ ଚଉଡ଼ା ବିଶିଷ୍ଟ ଏହି ୧୬ ଚକିଆ ରଥର ନାମ ନନ୍ଦିଘୋଷ ହୋଇଥିବା ବେଳେ, ବିଶ୍ୱର ସବୁଠାରୁ ଉଚ୍ଚ ରଥ ବୋଲି ବିଶ୍ୱାସ କରାଯାଏ। ଏହି ରଥ କୌଣସି ବର୍ଷ ନୂତନ ଭାବେ ଗଢାଯାଏ ନାହିଁ, ବରଂ କେନ୍ଦୁଝରରେ ରଥଯାତ୍ରା ହେବା ଦିନଠାରୁ ଏହି ରଥ ବଡଦାଣ୍ଡରେ ଛିଡ଼ା ହୋଇ ରହିଥାଏ। ରଥର କୌଣସି ଅଂଶର କାଠ ଦୁର୍ବଳ ହୋଇଥଲେ, କେବଳ ସେହି ଅଂଶର କାଠ ବଦଳାଯାଇ ମରାମତି କରାଯାଇ ପ୍ରତିବର୍ଷ ନୂତନ ଭାବେ ରଙ୍ଗ ଦିଆଯାଇଥାଏ। ଏହି ବିଶାଳ ରଥର ଗଠନ ପାଇଁ ବିଭିନ୍ନ ପ୍ରକାରର ବହୁ ପରିମାଣର କାଠ ବ୍ୟବହୃତ ହୋଇଛି। ଏହି ରଥ ଟାଣିବା ପାଇଁ ବ୍ୟବହୃତ ହେଉଥିବା ଦଉଡ଼ି ଶିଆଡ଼ି ଲତାରେ ପ୍ରସ୍ତୁତ ହୋଇଥାଏ, ଯାହା ଭୂୟାଁ-ଜୁଆଙ୍ଗ ପୀଢ଼ର ସର୍ଦ୍ଦାର ମାନେ ନିଜ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ପ୍ରସ୍ତୁତ କରି ବିନା ମୂଲ୍ୟରେ ଜିଲ୍ଲାର ରାଷ୍ଟ୍ର ଦେବତାଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥାଆନ୍ତି।

କେନ୍ଦୁଝର ଏବଂ ପଡ଼ୋଶୀ ଜିଲ୍ଲାରୁ ଏପରିକି ପଡ଼ୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଛତିଶଗଡ ରାଜ୍ୟରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଏହି ନଅ ଦିନିଆ ଘୋଷଯାତ୍ରା ମହୋତ୍ସବରେ ଏକତ୍ରିତ ହୁଅନ୍ତି ଏବଂ ବିଶ୍ୱର ସୁଉଚ୍ଚ ରଥ ଉପରେ ଶ୍ରୀଜିଉ ମାନଙ୍କୁ ଦର୍ଶନ କରନ୍ତି ଏବଂ ଏହାକୁ ଗୁଣ୍ଡିଚା ମନ୍ଦିରକୁ ଟାଣି ନେବାରେ ଅଂଶଗ୍ରହଣ କରନ୍ତି।

ମନ୍ଦିର ଏବଂ ରଥଯାତ୍ରାର ସତନ୍ତ୍ର ପରମ୍ପରା ଏହି ଅଞ୍ଚଳର ପୂର୍ବ ଧାର୍ମିକ ଇତିହାସରେ ପରିପୃଷ୍ଟ। ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ନିର୍ମାଣ ହେବା ପୂର୍ବରୁ, ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ ସିଦ୍ଧମଠରେ ସିଦ୍ଧ ଜଗନ୍ନାଥ ଭାବରେ ପୂଜା କରାଯାଉଥିଲା, ଯାହା ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରୁ ପ୍ରାୟ ୨ କିଲୋମିଟର ଦୂରରେ ଅବସ୍ଥିତ। ଯେଉଁଠାରେ ମନ୍ଦିରଟି ଏକ ବୌଦ୍ଧ ସ୍ଥଳ

ଭାବରେ ଜଣାଶୁଣା ଥିଲା। ସ୍ଥାନୀୟ ପରମ୍ପରା ଅନୁଯାୟୀ, ହୀନୟାନ ସମ୍ପ୍ରଦାୟର ଅନୁଗାମୀ ମାନେ, ଯେଉଁମାନେ ତାନ୍ତ୍ରିକ ରୀତି ପାଳନ କରୁଥିଲେ, ସେଠାରେ ଗୁପ୍ତ ରୀତିନୀତି ବ୍ୟବହାର କରି ଜଗନ୍ନାଥଙ୍କୁ କଳା ପୋଷାକ ପିନ୍ଧାଇ ବୁଦ୍ଧଙ୍କୁ ଜଗନ୍ନାଥଙ୍କ ଅବତାର ଭାବରେ ପୂଜା କରୁଥିଲେ। ଯେତେବେଳେ ରାଜା ଲକ୍ଷ୍ମୀନାରାୟଣ ଭଞ୍ଜ ୧୬୬୧ ମସିହାରେ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରତିଷ୍ଠା କରିଥିଲେ, ସେତେବେଳେ ସେ ବୈତରଣୀ ନଦୀରୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମୂର୍ତ୍ତି ଆଣି ସିଦ୍ଧମଠରୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସ୍ଥାନାନ୍ତର କରିଥିଲେ। ତା'ପରେ ସେ ଦେବୀ ସୁଭଦ୍ରାଙ୍କୁ ଦୁଇ ଦେବତାଙ୍କ ସହିତ ସ୍ଥାପନ କଲେ। ପୁରୀ ଶ୍ରୀ ମନ୍ଦିରରେ ମଧ୍ୟ ଏହି ନୀତି ଗ୍ରହଣ କରାଯାଇଥିଲା। ମନ୍ଦିର କାହାଣୀ ଅନୁସାରେ, ଏହି ଅଞ୍ଚଳର ଶକ୍ତିଶାଳୀ ତନ୍ତ୍ର ପ୍ରଭାବ ସୁଭଦ୍ରାଙ୍କ ରଙ୍ଗକୁ ହଳଦିଆରୁ ରକ୍ତିମ ଲାଲ କରିଦେଇଥିଲା, ଯାହା ସେହି ସମୟରୁ ସଂରକ୍ଷିତ ହୋଇ ରହିଛି ଏବଂ ମନ୍ଦିରର ପରିଭାଷିତ ପ୍ରତିମାଗତ ବୈଶିଷ୍ଟ୍ୟ ବଜାୟ ରଖିଛି।

ରଥଯାତ୍ରା କେନ୍ଦୁଝରର ଆଦିବାସୀ ଐତିହ୍ୟକୁ ମଧ୍ୟ ପ୍ରତିଫଳିତ କରେ। ଐତିହାସିକ ଭାବରେ ପୂର୍ବତନ ରାଜପରିବାର ସହିତ ଜଡିତ ଭୂୟାଁ ସମ୍ପ୍ରଦାୟ ଏହି ପର୍ବରେ ଏକ ଆନୁଷ୍ଠାନିକ ଭୂମିକା ଗ୍ରହଣ କରିଆସୁଛନ୍ତି। ଜନଜାତିର ସଦସ୍ୟମାନେ ପାରମ୍ପରିକ ଭାବରେ ରଥ ଟାଣିବା ପାଇଁ ସିଆଲି ଲତାରୁ ବୁଣା ହୋଇଥିବା ଏକ ରଶି ପ୍ରଦାନ କରନ୍ତି, ଯାହା ଶହ ଶହ ବର୍ଷ ପୁରୁଣା ଏକ ପ୍ରଥାକୁ ବଜାୟ ରଖେ। ଏହି ପର୍ବ ସମୟରେ, ଚାରିପାଖରେ ଥିବା ପାହାଡ଼ ଏବଂ ଜଙ୍ଗଲର ଆଦିବାସୀ ସମ୍ପ୍ରଦାୟ 'ବଡ଼ ଦଣ୍ଡ'ରେ ଏକତ୍ରିତ ହୁଅନ୍ତି, ଯେଉଁଠାରେ ସେମାନେ ଭଗବାନ ଶ୍ରୀ ଶ୍ରୀ ବଳଦେବଜୀଉଙ୍କୁ ଭକ୍ତିରେ ଦିନରାତି ପାରମ୍ପରିକ ଗୀତ ଏବଂ ନୃତ୍ୟ ପରିବେଷଣ କରି ଉପାସନା କରିଥାଆନ୍ତି। ସେମାନେ ଫଳ, ପନିପରିବା ଏବଂ ବାଦାମ ସମେତ ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟ ବିକ୍ରୟ କରନ୍ତି, ଯାହା ଏହି ପର୍ବକୁ ଏକ ପ୍ରମୁଖ ଧାର୍ମିକ ଉତ୍ସବ ଏବଂ ଅଞ୍ଚଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଏବଂ ଅର୍ଥନୈତିକ ସମାବେଶରେ ପରିଣତ କରିଥାଏ।

ଚଳିତ ବର୍ଷ ମଧ୍ୟ ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ଘୋଷଯାତ୍ରା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ଶାନ୍ତି ଓ ଶୃଙ୍ଖଳା ସହିତ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପାରମ୍ପରିକ ରୀତି ନୀତି ଅନୁଯାୟୀ ଅପରାହ୍ନ ୫ ଘଟିକାରେ ପହଣ୍ଡି କରାଯାଇ ଶ୍ରୀଜିଉମାନଙ୍କୁ ରଥାରୂଢ଼ କରାଯାଇଥିଲା। ଏହାପରେ ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉ ସାନଭାଇ ପ୍ରଭୁ ଶ୍ରୀ ଜଗନ୍ନାଥ, ଭଉଣୀ ଦେବୀ ସୁଭଦ୍ରା ଏବଂ ସୁଦର୍ଶନଙ୍କୁ ସାଙ୍ଗରେ ନେଇ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ବିଶ୍ୱର ସୁଉଚ୍ଚ ରଥ ନନ୍ଦିଘୋଷରେ ମାଉସୀମା ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୋଲିସ ପକ୍ଷରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଭିନ୍ନ ସଂସ୍ଥା, ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପାନୀୟ ଏବଂ ପ୍ରାସାଦ ବଣ୍ଟନ କରାଯାଉଥିବା ଦେଖିବାକୁ ମିଳିଥିଲା। ମାଉସୀମା ମନ୍ଦିର ପାଖରେ ରଥଯାତ୍ରା ଉପଭୋଗ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ଅତ୍ୟାଧୁନିକ ଦୋଳି, ମନୋରଞ୍ଜନ କାର୍ଯ୍ୟକ୍ରମ, ମୀନାବଜାର, ଫୁଡକୋର୍ଟ ଆଦିରେ ମଧ୍ୟ ପ୍ରବଳ ଜନସମାଗମ ହୋଇଥିଲା। ଏହି ମେଳା ନୀଳାଦ୍ରି ବିଜେ ଦିନ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାପଡ଼ିଛି। ସେହିଭଳି ଜିଲ୍ଲା ପ୍ରଶାସନ ପକ୍ଷରୁ ନଅଦିନ ବ୍ୟାପୀ ବଡ଼ଦାଣ୍ଡର ବିଭିନ୍ନ ମଞ୍ଚରେ ବିଭିନ୍ନ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

କେନ୍ଦୁଝର ଜିଲ୍ଲା ଜଳ ଓ ପରିମଳ କମିଟିର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ

କେନ୍ଦୁଝର:୧୭/୦୭(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ପରିଷଦ ଆନୁକୂଲ୍ୟରେ ଜିଲ୍ଲା ଜଳ ଓ ପରିମଳ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ସାଂସଦ ଅନନ୍ତ ନାଏକଙ୍କ ସଭାପତିତ୍ୱ ଏବଂ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ କ୍ଷୁଦ୍ର ସମ୍ମିଳନୀ କକ୍ଷଠାରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାର ପ୍ରତ୍ୟେକ ପରିବାର, ସମସ୍ତ ସାଧାରଣ ସ୍ଥାନ ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପାଇପ୍ ଯୋଗେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇ ଦେବା ପାଇଁ ତୃଣମୂଳ ସ୍ତରରେ ଜାରି ରହିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଜିଲ୍ଲାରେ ଚାଲିଥିବା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ବର୍ତ୍ତମାନର ସ୍ଥିତି ଏବଂ ଏହାର ସଫଳ ରୂପାୟନ ପାଇଁ ନିୟମିତ ସମୀକ୍ଷା କରିବା ଉପରେ ଆଲୋଚନା କରିଥିଲେ। ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ସହିତ ଜଡ଼ିତ ବିଦ୍ୟୁତ, ବନ, ପୂର୍ତ୍ତ, ଶିକ୍ଷା, ଗୃହ ନିର୍ମାଣ, ରାଜସ୍ୱ ଏବଂ ଜାତୀୟ ରାଜପଥ ନିର୍ମାଣ ଭଳି ବିଭିନ୍ନ ବିଭାଗର ଅଧିକାରୀମାନେ ଏହି କାର୍ଯ୍ୟକାରୀ ବୈଠକରେ ଯୋଗ ଦେଇ କ୍ଷେତ୍ର ସ୍ତରରେ ଦେଖା ଦେଉଥିବା ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ନେଇ ନିଜ ନିଜର ମତ ପ୍ରକାଶ କରିଥିଲେ।ଜିଲ୍ଲାପାଳ ଶ୍ରୀ ସିଂହ ଏହି କାର୍ଯ୍ୟନିର୍ବାହୀ କମିଟି ବୈଠକକୁ ପ୍ରତ୍ୟେକ ଉପଖଣ୍ଡ ଓ ବ୍ଲକ ସ୍ତରରେ ମଧ୍ୟ ନିୟମିତ ଭାବେ ଆୟୋଜନ କରି କାର୍ଯ୍ୟର ଅଗ୍ରଗତି ତଦାରଖ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଜିଲ୍ଲାର ସମସ୍ତ ବିଭାଗୀୟ ଓ ଉପବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

ଖୁଣ୍ଟାପଡ଼ାରେ ରଥଯାତ୍ରା ଅନୁଷ୍ଠିତ

କେନ୍ଦୁଝର/ଘଟଗାଁ:୧୭/୦୭(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଖୁଣ୍ଟାପଡା ଗ୍ରାମରେ ଅଞ୍ଚଳର ସର୍ବ ପୁରାତନ ରଥଯାତ୍ରା ଅତୀବ ଆନନ୍ଦ ଉଲ୍ଲାସ ମଧ୍ୟରେ ଶେଷ ହୋଇଛି। ଗତ ଗୁରୁବାର ପ୍ରାତଃକାଳରୁ ମନ୍ଦିର ପରିସର ଶ୍ରଦ୍ଧାଳୁଙ୍କ ଆଗମନରେ ଚଳଚଞ୍ଚଳ ହୋଇ ଉଠିଥିଲା ।ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ତଥା ପାର୍ଶ୍ୱ ଦେବତାଙ୍କ ଯଥା ବିଧି ପୂଜା ପରେ ବହୁ ନରନାରୀଙ୍କ ଗହଣରେ ଅପରାହ୍ନ ୪ ଘଟିକା ବେଳେ ଗ୍ରାମର ବ୍ରାହ୍ମଣ ଯୁବକ ଏବଂ

ଶ୍ରଦ୍ଧାଳୁ ନରନାରୀଙ୍କ ଗହଣରେ ପହଣ୍ଡି କରି ଚତୁର୍ଦ୍ଧାମୂର୍ତ୍ତିକୁ ରଥାରଢ କରାଗଲା ।ଶ୍ରୀ ଭିଷ୍ମସେନ ନାୟକ ଅପରାହ୍ନ ୫ ଘଟିକା ବେଳେ ଛେରାପହଁରା କରିଲେ। ଘଣ୍ଟ, ମୃଦଙ୍ଗ, ଗିନି, ଶଙ୍ଖ, ବେଦମନ୍ତ୍ର ପାଠ 'ଜୟ ଜଗନ୍ନାଥ' ଶବ୍ଦରେ ରଥ ପଡିଆକୁ ପ୍ରକମ୍ପିତ କରି ରଥ ଟଣା ଆରମ୍ଭ ହେଲା। ପ୍ରତିବର୍ଷ ପରି ଗୋଟିଏ ଦଉଡିରେ ପୁରୁଷ, ଏବଂ ଅନ୍ୟ ଦଉଡିରେ ମହିଳା ମାନେ ରଥ ଟାଣିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ପରିଚାଳନା କମିଟି, ଭାଗବତଟୁଙ୍ଗୀ ଏବଂ ରଥ କମିଟି ସଭ୍ୟ ସଭ୍ୟା ମାନେ ଏବଂ ପୋଲିସ ଭାଇ ମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଅଞ୍ଚଳର ସର୍ବ ପୁରାତନ ରଥଯାତ୍ରା ହୋଇଥିଲେ ମଧ୍ୟ ଏଠାରେ ଗୁଣ୍ଡିଚା ଘର, ସ୍ଥାୟୀ ପକ୍କା ରଥଦାଣ୍ଡ, ଶୌଚାଳୟ ର ଅଭାବ ଅନୁଭବ କରି ଉପସ୍ଥିତ ଶ୍ରଦ୍ଧାଳୁ ମାନେ କ୍ଷୋଭ ପ୍ରକାଶ କରିଥିଲେ । ମନ୍ଦିର କମିଟି ତରଫରୁ ପ୍ରସାଦ ବଣ୍ଟନ କରାଯାଇଥିଲା ।

ଭକ୍ତିମୟ ପରିବେଶରେ ଶ୍ରୀଜୀଉଙ୍କ ଘୋଷଯାତ୍ରା

ଚମ୍ପୁଆ, ୧୭/୭(ରାମକୃଷ୍ଣ ଜିତ):- ଚମ୍ପୁଆ ଅଞ୍ଚଳରେ ଶ୍ରୀବଳଦେବ ଜୀଉଙ୍କ ଘୋଷଯାତ୍ରା ଅତ୍ୟନ୍ତ ଭକ୍ତିମୟ ଓ ଉତ୍ସାହଜନକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପୁଅ ଛୁଟିଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ତେବେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ରଥଟି ବଳଗଣ୍ଡି ନିକଟରେ ଅଟକି ରହିଥିବା ସୂଚନା ମିଳିଛି। ଭୋର ସକାଳୁ ଚତୁର୍ଦ୍ଧା ମୂର୍ତ୍ତିଙ୍କର ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ପଳସା ମାମୁଁ ଘରୁ ଭାର ଆସିବା ପରେ ଜଗନ୍ନାଥଙ୍କ ନିକଟରେ ଭୋଗ ଲାଗି କରାଯାଇଥିଲା, ଯାହା ପରେ ସର୍ବସାଧାରଣଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଦିନ ପ୍ରାୟ ୩ଟା ସମୟରେ ଗୋଟି ପହଣ୍ଡି କରାଯାଇ ଶ୍ରୀ ଜୀଉ ମାନଙ୍କୁ ରଥାରୁଢ଼ କରାଯାଇଥିଲା। ଏହାପରେ ଚମ୍ପୁଆ ଉପ- ଜିଲ୍ଲାପାଳ ଉମାକାନ୍ତ ପରିଡ଼ା ରୀତିନୀତି ଅନୁସାରେ ଛେରାପହଁରା କରିଥିଲେ। ହରିବୋଲ ଓ ହୁଳହୁଳି ଧ୍ୱନିରେ ଚାରିଦିଗ ପ୍ରକମ୍ପିତ ହୋଇଉଠିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏସଡିପିଓ ରଶ୍ମିରଞ୍ଜନ ସାହୁ, ଚମ୍ପୁଆ ଏସଡିଏମଓ ଡଃ ବିଜୟ କେତନ ଦାସ, ଥାନା ଆଇଆଇସି ସରୂପ ରଞ୍ଜନ ନାୟକ, ତହସିଲଦାର ସତ୍ୟବ୍ରତ ସାହୁ, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ ଏବଂ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା ପ୍ରମୁଖ ତଦାରଖ କରିଥିଲେ। ଭକ୍ତଙ୍କ ସୁବିଧା ପାଇଁ ପାନୀୟ ଜଳ, ଚିକିତ୍ସା ଓ ଭୋଗ ବ୍ୟବସ୍ଥା କରାଯାଇଥିଲା। ଏହି ସେବା କାର୍ଯ୍ୟରେ ପୁଲିସ, ଏନସିସି କ୍ୟାଡେଟ୍, ବ୍ରହ୍ମକୁମାରୀ ଭାଇଭଉଣୀ ଓ ସେଚ୍ଛାସେବୀ ମାନେ ନିୟୋଜିତ ଥିଲେ। କେବଳ ଚମ୍ପୁଆ ନୁହେଁ, ବ୍ଲକ ଅଧୀନସ୍ଥ ରିମୁଳି, ସିଳିପୁଞ୍ଜି, ଚନ୍ଦ୍ରଶେଖରପୁର, ଭଣ୍ଡା, ଜ୍ୟୋତିପୁର, ନିଉଣ୍ଡି ଓ କାଟୁଳିକନା ଆଦି ସ୍ଥାନରେ ମଧ୍ୟ ରଥଯାତ୍ରା ସୁରୁଖୁରୁରେ ଅନୁଷ୍ଠିତ ହୋଇଛି। ଆସନ୍ତା ୯ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

ବଳଗଣ୍ଡିରେ ଅଟକିଲା ରଥ

ବିଦ୍ୟୁତ୍ ଆଘାତରେ ଯୁବକ ମୃତ

କେନ୍ଦୁଝର/ସାହାରପଡ଼ା:୧୭/୦୭ (ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ଫାଣ୍ଡି ଅନ୍ତର୍ଗତ ବଡ଼ବିଲ ଗ୍ରାମ ପଞ୍ଚାୟତର ବାରତୁଣିଆ ଗ୍ରାମ ନୁଆଣ୍ଡି ସାହିରେ ଏକ ଦୁଃଖଦ ଘଟଣା ଘଟି ଯାଇଛି। ବିଦ୍ୟୁତ୍ ଆଘାତ ଲାଗିବାରୁ ଗ୍ରାମର ସର୍ଗତ ସୁରେନ୍ଦ୍ର ମହାନ୍ତଙ୍କ ପୁଅ ଟୁନା ମହାନ୍ତ (୩୭)ଙ୍କ ଅକାଳ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗତ ଗୁରୁବାର ପୂର୍ବାହ୍ନରେ ଲଘୁଚାପଜନିତ ବର୍ଷା ସମୟରେ ଘରେ ଥିବା ବିଦ୍ୟୁତ୍ ମିଟର ପାଖରେ ସର୍ଭିସ୍ ତାରକୁ ସାଇଡ୍ କରୁଥିବା ବେଳେ ଟୁନା ହଠାତ୍ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ ପରିବାର ଲୋକେ ଓ ସ୍ଥାନୀୟ ବାସିନ୍ଦା ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ତୁରନ୍ତ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଦାୟୀତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ଘରର ରୋଜଗାରିଆ ସଦସ୍ୟ ଟୁନାଙ୍କ

ତିନି କିଲୋମିଟର ରଥ ଟାଣିଲେ ଶ୍ରଦ୍ଧାଳୁ

ନଅ ଦିନ ଧରି ଚାଲିବ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଅନୁଗୋଳ, ୧୭/୭:(ଅଜିତ) ବଅଁରପାଳ ବ୍ଲକ ନିକଟସ୍ଥ ଗଡ଼ସନ୍ତୀ ଗ୍ରାମରେ ପବିତ୍ର ରଥଯାତ୍ରା ମହୋତ୍ସବ ଭକ୍ତି, ଆଧ୍ୟାତ୍ମିକ ପରିବେଶ ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦିବ୍ୟ ଦର୍ଶନ ପାଇଁ ସକାଳୁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଭକ୍ତିମୟ ପରିବେଶ ମଧ୍ୟରେ ବେଦମନ୍ତ୍ର, ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଗ୍ରାମ ପ୍ରକମ୍ପିତ ହୋଇଉଠିଥିଲା ।ଗ୍ରାମବାସୀଙ୍କ କହିବାନୁସାରେ, ଜଣ ଶିଶୁ ସାଇ ଆସ୍ତିକ୍ ଅମାନ୍ତ ଓ ଅନ୍ୟମାନେ ହେଲେ ଓମ୍ ଭୂଷଣ,ପ୍ରମୋଦ,ଅସିତ୍ , ଶୁଭେନ୍ଦୁ ଅଜୟ, ସିପୁନ, ଶ୍ରୀତମ, ଅଂଶୁମାନ, ମାନସ, ବାବୁ, ବିପ୍ଲବ, କାରିଗର ଅଚ୍ୟୁତାନନ୍ଦ ସାହୁ । ସହଯୋଗ ଯଶୋବନ୍ତ ଅମାନ୍ତ,ତପନ କୁମାର ଅମାନ୍ତ । ଅରୁଣ ସାହୁ, ପର୍ଥବାସି ଅମାନ୍ତ, କମ୍ପାନୀ ସାମଲ, ବଳିଆ ଅମାନ୍ତ । ଅନ୍ୟମାନଙ୍କ ଉଦ୍ୟମରେ କିଛି ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ରଥଯାତ୍ରା ଆଜି ଏକ ବିଶାଳ ସାମୂହିକ ଧାର୍ମିକ ମହୋତ୍ସବରେ ପରିଣତ ହୋଇଛି । ପ୍ରତିବର୍ଷ ଗ୍ରାମବାସୀଙ୍କ ସହଯୋଗ ଓ ଶ୍ରଦ୍ଧାଳୁଙ୍କ ଭକ୍ତିଭାବ ଯୋଗୁଁ ଏହାର ପରିସର ଓ ଲୋକପ୍ରିୟତା ବୃଦ୍ଧି ପାଉଛି ।ମହାପ୍ରଭୁଙ୍କ ନୀତିକାନ୍ତି, ପୂଜାର୍ଚ୍ଚନା ଓ ପାରମ୍ପରିକ ବିଧିବିଧାନ ସମାପ୍ତ ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ହଜାର ହଜାର ଭକ୍ତ ''ଜୟ ଜଗନ୍ନାଥ'' ଧ୍ୱନି ଦେଇ ପ୍ରାୟ ତିନି କିଲୋମିଟର ଦୂର ପର୍ଯ୍ୟନ୍ତ ରଥ ଟାଣିଥିଲେ । ମହିଳା, ପୁରୁଷ, ଶିଶୁ ଓ ବୟସ୍କ ସମସ୍ତେ ଭକ୍ତିଭାବର ସହ ରଥଟଣାରେ ସାମିଲ ହୋଇଥିବାରୁ ସମଗ୍ର ଅଞ୍ଚଳ ଏକ ଆଧ୍ୟାତ୍ମିକ ପରିବେଶରେ ପରିଣତ ହୋଇଥିଲା ।

୮୦ ବର୍ଷ ପାର, ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ବୃଦ୍ଧା

ପାପଡାହାଣ୍ଡି,୧୭ ।୭(କୈଳାସ ଚନ୍ଦ୍ର ବିଷୋୟୀ)ଓଡ଼ିଶାରେ ସରକାର ପରିବର୍ତ୍ତନ ହେବା ପରେ ରାଜ୍ୟ ସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱ ଭତ୍ତା ପାଉଥିବା ହିତାଧୀକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୩୫ଶହ ଟଙ୍କା ପ୍ରଦାନ କରୁଛନ୍ତି ସତ୍ କିନ୍ତୁ ଆଜି ପର୍ଯ୍ୟନ୍ତ ଅନେକ ହିତାଧୀକାରୀ ଏହି ମହତ ଯୋଜନାରୁ ବଞ୍ଚିତ ହେଉଥିବା ପରିଲକ୍ଷିତ ହେଉଛି । ଏପରି ଏକ ଦୃଶ୍ୟ ସାମ୍ନାକୁ ଆସିଛି ଖୋଦ୍ ସାମଜିକ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀଙ୍କ ଜିଲ୍ଲା ନବରଙ୍ଗପୁରରୁ ।ପାପଡାହାଣ୍ଡି ବ୍ଲକ ସାନବାର୍ଲି ପଂଚାୟତ ଅଧିନ ବଡ଼ବାର୍ଲି ଗାଁର ହିତାଧୀକାରୀ ଧନାଏ ଜାନୀ(୮୧) ଙ୍କୁ ବର୍ଦ୍ଧିତ ବୟସହୋଇଥିଲେ ହେଁ ତାଙ୍କ ଭାଗ୍ୟରେ ଜୁଟିନାହିଁ ବର୍ଦ୍ଧିତ ଭତ୍ତା । ସାମୀ ମୃତୁ ହୋଇ ୨୦ବର୍ଷ ପୂରିଲା । ଦେହରେ ବଳ ନାହିଁ । ସାନ ପୁଅ ଘରେ ରୁହନ୍ତୁ ।ମଧୁବାବୁ ପେନସନ ଯୋଜନା ମାଧ୍ୟମରେ ମାସିକ ହଜାରେ ଟଙ୍କା ଲେଖାଏଁ ହିଁ ମିଳୁଛି । ତାଙ୍କର ୮୦ ବର୍ଷପାର୍ ହୋଇଥିଲେ ମଧ୍ୟ ବର୍ଦ୍ଧିତ ଭତ୍ତା ବାଇବାରୁ ବଞ୍ଚିତ ଅଛନ୍ତି । ବର୍ଦ୍ଧିତ ଭତ୍ତା ବାବଦକୁ ୩୫୦୦ ଶହ ଟଙ୍କା ଲାଗୁ ହେବା ଜାଣିବହୁ ଥର ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧାମାସ ପରେ ମାସ ବିତି ଯାଇଥିଲେ ସୁଦ୍ଧା ତାଙ୍କ ଭାଗ୍ୟରେ ଯୁଟୁନାହି । ଏଭଳି ଅନେକ ହିତାଧୀକାରୀ ବ୍ଲକ ମଧ୍ୟରେ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ରହିଥିବାରୁ ସରକାରୀ ଯୋଜନା କାହା ପାଇଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ସରକାର ୮୦ ବର୍ଷରୁ ଅଧିକ ଓ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀ ଚିହ୍ନଟ କରି ବର୍ଦ୍ଧିତ ଭତ୍ତା ଯୋଜନାରେ ସାମିଲ କରିବା ପାଇଁ ବିଭାଗ ତରଫରୁ ନିର୍ଦ୍ଦେଶ ଥିଲେ ସୁଦ୍ଧା ବ୍ଲକ ସାମାଜିକ ସୁରକ୍ଷା ବିଭାଗ ବର୍ଦ୍ଧିତ ହିତାଧୀକାରୀଙ୍କ ତାଲିକା ମାସ ମାସ ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ଚିହ୍ନଟ କରିପାରୁନାହିଁ । ବ୍ଲକ ସାମାଜିକ ସୁରକ୍ଷା ବିଭାଗର ଚରମ ଅବହେଳା ଯୋଗୁଁ ଅନେକ ଯୋଗ୍ୟ ହିତାଧୀକାରୀ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହେଉଛନ୍ତି । ୩୫ ଶହ ଟଙ୍କା ଭତ୍ତା ପାଇବାରୁ ବହୁ ଯୋଗ୍ୟ ହିତାଧିକାରୀ ଏବେ ବି ଯୋଜନାରେ ସାମିଲ ହୋଇନଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ତେବେ ଜିଲ୍ଲା ଓ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇ ଧନାଏ ଙ୍କୁ ବର୍ଦ୍ଧିତ ଭତ୍ତା ଯୋଜନାରେ ସାମିଲ କରିବା ପାଇଁ ସାଧାରଣରେ ଦାବି ହେଉଛି ।

ବହୁ ଭକ୍ତଙ୍କ ସମାଗମରେ ରଥଯାତ୍ରା ଧୂମଧାମରେ ସମ୍ପନ୍ନ

ରାଇକିଆ, ୧୭/୦୭ (ଜଗଦୀଶ ଦାଶ), ରାଇକିଆ ବ୍ଲକ ସମେତ ବିଭିନ୍ନ ଜାଗାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅତ୍ୟନ୍ତ ଧୂମଧାମ ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି । ବିଶେଷକରି ରାଇକିଆ ଗ୍ରାମର ପାରମ୍ପରିକ ରଥ ଯାତ୍ରା ଦେଖିବା ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲେ । ସକାଳର ପୂଜା ହୋମ କାର୍ଯ୍ୟ ସବୁ କିଛି ସରିଗଲା ପରେ ରଥ ଉପରେ ଛେରାପହଁରା କାର୍ଯ୍ୟ ଦେଇ ଥିଲେ କନ୍ଧ ମାଳ ଏ ମପି ସୁକାନ୍ତ ପାଣଗ୍ରାହୀ କରିଥିଲେ । ସନ୍ଧ୍ୟା ପ୍ରାୟ ୫ଟା ପରେ ଭକ୍ତମାନଙ୍କ 'ହରିବୋଲ' ଓ 'ଜୟ ଜଗନ୍ନାଥ' ଧ୍ୱନି ମଧ୍ୟରେ ରଥଟଣା ନୀତି ଅନୁଷ୍ଠିତ ହୋଇଥିଲା । ଓରଥ ମାଉସୀ ମା ମନ୍ଦିରରେ ଯାଇ ରହିଥିଲା ଏହି ଅବସରରେମନ୍ଦିର ପୂଜକ ସମେତ କମିଟିର ସମସ୍ତ ସଦସ୍ୟ ନୀତିକାନ୍ତି ସୁଚାରୁ ରୂପେ ସମ୍ପନ୍ନ କରିବାରେ ସହଯୋଗ କରିଥିଲେ । ଘୋଷଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଫଳରେ ସମସ୍ତ ନୀତିକାନ୍ତି ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

ପାରଳା ରଥଯାତ୍ରାରେ ଅଘଟଣ

ବିଦ୍ୟୁତ୍ ଆଘାତରେ ରାମଦୋଳିରେ ବସିଥିବା ନାବାଳକ ମୃତ

ପାରଳାଖେମୁଣ୍ଡି, ୧୭/୦୭ (ତାରିଣୀ ପ୍ରସାଦ ପଣ୍ଡା): ପାରଳାଖେମୁଣ୍ଡି ରଥଯାତ୍ରାରେ ଅଘଟଣ ଘଟିଛି. ଗୁଣ୍ଡିଚା ମନ୍ଦିର ନିକଟରେ ରଥଯାତ୍ରାରେ ଜନ ସାଧାରଣଙ୍କ ଚିତ୍ତ ବିନୋଦିନ ପାଇଁ ଖୋଲା ଯାଇଥିବା ମିନାବଜାରର ରାମଦୋଳିରେ ବସିଥିବା ଜଣେ ନାବାଳକ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛନ୍ତି । ମୃତକ ଜଣକ ହେଲେ ପାରଳାଖେମୁଣ୍ଡି ଫ୍ରେଣ୍ଡସ କଲୋନୀ ତୃତୀୟ ଲାଇନର ବିନୋଦ ବେହେରା (୧୫) । ବିନୋଦ ତାର ସାଙ୍ଗମାନଙ୍କ ସହ ଗତକାଲି ସନ୍ଧ୍ୟାରେ ମିନାବଜାର ରାମଦୋଳିରେ ବସିଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଅଚେତ ହେବା ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ହେଲେ ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାକୁ କେନ୍ଦ୍ର କରି ଗତକାଲି ରାତିରେ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଶବ ବ୍ୟବଚ୍ଛେଦ ପରେ ଆଜି ନାବାଳକଙ୍କ ମର ଶରୀରକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ପରେ ଶୋକାକୂଳ ପରିବେଶରେ ନାବାଳକର ଅନ୍ତିମ ସଂସ୍କାର କରାଯାଇଛି । ଘଟଣା ନେଇ ପାରଳା ଥାନାରେ ଏକ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି ।

ଅସମ୍ପୂର୍ଣ୍ଣ ପୋଲ ପାଇଁ ଶବ ସତ୍କାରରେ ବାଧା

ବଅଁରପାଳ: ୧୭/୦୭ (ଅକ୍ଷର ଓଡିଶା)ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅନ୍ତର୍ଗତ ନୂଆହତା ଗ୍ରାମରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ନୂଆହତାପଞ୍ଚାୟତର ବାଲିସାହି ହରିଜନ ବସ୍ତିର ବାସିନ୍ଦା କାଳିଆ ଗୋଟ୍ଟାୟତ କିଛିଦିନ ଧରି ଅସୁସ୍ଥ ଥିବା ପରେ ଗତକାଲି ସକାଳେ ପରଲୋକ ଗମନ କରିଥିଲେ ।ପରିବାର ଲୋକ ଓ ଗ୍ରାମବାସୀ ତାଙ୍କର ଶବ ସତ୍କାର ପାଇଁ ନୂଆହତା ଜାଲ ଗୁଟିଆ ଶ୍ମଶାନକୁ ନେଇଯାଉଥିବା ବେଳେ ଅସମ୍ପୂର୍ଣ୍ଣ ପୋଲ ଯୋଗୁଁ ବଡ଼ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ନୂତନ ଭାବେ ନିର୍ମାଣାଧୀନ ପୋଲଟି ଠିକ୍ ଭାବେ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ନିକଟରେ ହୋଇଥିବା ଲଗାଣ ବର୍ଷାରେ ଏହାର କିଛି ଅଂଶ ଭାସିଯାଇଥିଲା । ଫଳରେ ସେହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି ।ଘଟଣା ସମୟରେ ଜୁରରେ ପ୍ରବଳ ପାଣି ସ୍ରୋତ ଚାଲିଥିବାରୁ ଶବ ସତ୍କାର କରିବା ପାଇଁ ଶ୍ମଶାନକୁ ପହଞ୍ଚିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼ିଥିଲା । ଶେଷରେ ନିରୁପାୟ ହୋଇ ସ୍ଥାନୀୟ ଲୋକମାନେ ଦୁଇ ପାର୍ଶ୍ୱର ଗଛରେ ଦଉଡି ବାନ୍ଧି, ସେହି ଦଉଡିକୁ ଆଶ୍ରୟ କରି ପ୍ରଖର ପାଣି ସ୍ରୋତ ମଧ୍ୟରେ ଜୁର ପାର ହୋଇ ଶବ ସତ୍କାର କରିଥିଲେ । ଏଏହି ଘଟଣା ପୁଣିଥରେ ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମି ସମସ୍ୟାକୁ ପଦାକୁ ଆଣିଛି । ସ୍ଥାନୀୟ ବିଧାୟକ, ପଞ୍ଚାୟତ ପ୍ରତିନିଧି, ସରପଞ୍ଚ ଓ ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବା ସହ ପୋଲ ନିର୍ମାଣ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ଦଉଡ଼ି ବାନ୍ଧି ପ୍ରଖର ସ୍ରୋତ ପାର କଲେ ଗ୍ରାମବାସୀ

ପୁଣି ବିଭ୍ରାଟ, ମିଲକୁ ମାଡ଼ିଲା ରଥ

ନନ୍ଦପୁର,୧୭/୦୭ (ଶ୍ରୀରାମ ଖରା)ନନ୍ଦପୁର କୋରାପୁଟ ଜିଲ୍ଲା ଐତିହାସିକ ନନ୍ଦପୁର ରଥଯାତ୍ରାରେ ଚଳିତ ବର୍ଷ ପୁଣି ବିଭ୍ରାନ୍ତି ଦେଖା ଦେଇଛି । ଲଗାଣ ବର୍ଷା ସର୍ତ୍ତେ ହଜାର ହଜାର ଶ୍ରଦ୍ଧାଳୁ ରାଜଦାଣ୍ଡରେ ମହାପ୍ରଭୁଙ୍କ ଦର୍ଶନ ଓ ରଥଟଣାର ସୌଭାଗ୍ୟ ପାଇଁ ଅପେକ୍ଷା କରିଥିବା ବେଳେ, ପାହୁଣ୍ଡେ ଗଡୁଶୁ ରଥଟି ଏକ ମିଲ ଗୃହ ଉପରକୁ ମାଡ଼ିଯାଇଥିଲା । ଏଇ ଅଘଟଣ ଜଗୁଁ ରଥଯାତ୍ରା ର ସମସ୍ତ ଆୟୋଜନ ପିକାପଡ଼ିଯିବା ସହ ଭକ୍ତ ମାନେ ନିରାଶ ହୋଇଛନ୍ତି । ପୂର୍ବରୁ ସ୍ଥାନୀୟ ତହସିଲଦାର ତଥା ଦେବୋର୍ତ୍ତର କୋମଟି ଅଧ୍ୟକ୍ଷ ଦେବବ୍ରତ ମହାରଣା ରାଜା ବେଶରେ ସୁସଜ୍ଜିତ ହୋଇ ପବିତ୍ର ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ମଲ୍ଲିକ ଏବଂ ଥାନା ଅଧିକାରୀ ତ୍ରିନାଥ ତୋଟା ପାଡ଼ିଆଙ୍କ ନେତୃତ୍ୱରେ ପଲିସ କଡ଼ା ଟ୍ରାପିକ ନିୟନ୍ତ୍ରଣ କରିଥିଲେ । ପୁଲିସ ପକ୍ଷରୁ ଦୁଇ ଦିନ ପୂର୍ବ ପ୍ରସ୍ତୁତି ଭୌଠକରେ ଏଭଳି ସମ୍ଭାବ୍ୟ ଅଘଟଣ ନେଇ ଚେତାବନୀ ଦିଆଯାଇଥିଲେ ମଧ୍ୟ କାହିଁକି ଆଗୁଆ ସତର୍କତାମୂଳକ ପଦକ୍ଷେପ ନିଆଗଲା ନାହିଁ, ତାହାକୁ ନେଇ ଜନସାଦାରଣ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଗତବର୍ଷର ପୁନରାବୃତ୍ତି ନିରାଶ ହେଲେ ଶ୍ରଦ୍ଧାଳୁ

ଲଗାଣ ବର୍ଷାରେ ବନ୍ୟା ଜଳ ପସିଲା ଆଠଗଡ଼ ସହର ଭିତରେ

ଆଠଗଡ଼,୧୭/୭(ଅକ୍ଷର ଓଡ଼ିଶା) ଆଠଗଡ଼ରେ ଲଗାଣ ବର୍ଷା ଯୋଗୁ ସାପୁଆ ନଦୀରେ ବନ୍ୟାଜଳ ପ୍ରଭାହିତ ହେଇଛି ।ଏହି ବନ୍ୟାଜଳ ପ୍ରଭାହିତ ହୋଇ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ୧,୨,୩,୪,୧୧,୧୨,୧୩ ନଂ ୱାର୍ଡର ବାସିନ୍ଦା ମାନେ ପ୍ରଭାବିତ ହେଇଛନ୍ତି ।ଜନଜୀବନ ଅସ୍ତବ୍ୟସ୍ତ ହେଉଛି ଲୋକମାନେ ବନ୍ୟାଜଳରେ ରହୁଥିବା ବେଳେ ସାହାଯ୍ୟର ହାତ ବଢ଼ିଛି ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ବିପର୍ଣ୍ଣଙ୍କୁ ସାହାଯ୍ୟ କରିବାକୁ ଯାଇ ବିଭିନ୍ନ ୱାର୍ଡରେ ଶୁଖିଲା ଏବଂ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି ।

ବିଶ୍ୱାବସୁ ସ୍ମୃତିପୀଠରେ ଜଗନ୍ନାଥ ପ୍ରେମ

କଣ୍ଢିଲୋ ୧୭/୭(ରଜତ୍ ଦାସ)-ଶ୍ରୀ ଜଗନ୍ନାଥ ମହାପ୍ରଭୁ ଙ୍କ ଆଦିପୀଠ କଣ୍ଢିଲୋ ପ୍ରଭୁ ଶ୍ରୀ ନୀଳମାଧବ ଜୀଉଙ୍କ ଆଦ୍ୟ ସେବକ ଶବର ରାଜା ବିଶ୍ୱାବସୁଙ୍କ ବାସସ୍ଥଳୀ ଶବର ଗ୍ରାମ କାଳିଆ ପଲ୍ଲୀର ଶିଆଲିଲତା ଓ ଶ୍ରୀଜଗନ୍ନାଥଙ୍କ ପୂଜାପୀଠରେ ଗତ କିଛି ବର୍ଷଧରି ଅଣସର ଦଶମୀରେ କ୍ଷୀରି ଭୋଗ ପୂଜା କରାଯାଉଅଛି । ସେହି କ୍ଷୀରି ଭୋଗ କୁ ପୂଜାରେ ବିଶ୍ୱାବସୁ ଓ ଲଳିତା ଦେବୀଙ୍କୁ ସମର୍ପଣ କରାଯିବାପରେ ଗ୍ରାମବାସୀ ପ୍ରସାଦ ସେବନ କରି ଥାନ୍ତି ।ଏ ଠାରେ ପ୍ରକାଶ କରାଯାଇ ପାରେ କଣ୍ଢିଲୋ ଗ୍ରାମର ପ୍ରକୃତି ଓ ସଂସ୍କୃତି ପ୍ରେମୀ (ଗଛ ସାର୍)ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ ୧୯୯୬ ମସିହାରେ ଧନୁସଂକ୍ରାନ୍ତି ବିଶ୍ୱାବସୁଙ୍କ ପ୍ରତିମା ସ୍ଥାପନ କରି ପୂଜାର୍ଚନା କରି ପରବର୍ତ୍ତୀ ସମୟରେ ରଥଯାତ୍ରା ଅଣସର ଦଶମୀରେ କ୍ଷୀରୀ ଭୋଗ ଆରମ୍ଭ କରିଥିଲେ । କାଳିଆ ପଲ୍ଲୀର ଶବରମାନେ ଅଣସର ଦଶମୀରେ କ୍ଷୀରୀ ଭୋଗ କରି ଜଗନ୍ନାଥଙ୍କ ନାମରେ ପୂଜା ଲଗାଇ ପରେ ଗ୍ରାମ ର ପିଲା ଓ ଗ୍ରାମ ବାସି ଭୋଗ ଖିରି ସେବନ କରିଥାନ୍ତି ଚଳିତ ବର୍ଷ ଗ୍ରାମ ର ମୁରଲୀ ଧର ନାୟକ ଙ୍କ ଉଦ୍ୟମ ରେ ଖିରି ଭୋଗ କରାଯାଇଥିଲା । ଏଥିରେ ତାରା ଦେବି, ସୁଦର, ପ୍ରତାପ ଓ ଲତା ବେହେରା ପ୍ରମୁଖ ସହଯୋଗ କରିଥିଲେ । ରଥଯାତ୍ରା ୧୬/୦୭/୨୬ ରେ ମଧ୍ୟ କଣ୍ଢିଲୋ ର ଗଛ ସାରେ ଓ କାଳିଆ ପଲ୍ଲୀ ମହିଳା ପୁରୁଷ ମାନେ ଶିଆଳି ଲତା ପୂଜା ପୀଠରେ ଏକତ୍ରିତ ହୋଇ ଜଗନ୍ନାଥ ,ବିସାବସୁ ଓ ଲଳିତା ଦେବି ଙ୍କୁ ପୂଜା ଅର୍ଚନା କରିଛନ୍ତି ।ଖୁସିର କଥା କଣ୍ଢିଲୋ ତଥା ପ୍ରଭୁ ନୀଳମାଧବ ଜୀଉ ଐତିହ ପୂର୍ଣ୍ଣ ପୀଠ ସହିତ ସବର ରାଜା ବିସାବସୁ ପୀଠର ଗୁରୁତ୍ୱ ବୃଦ୍ଧି ହୋଇ ଅଛି ।ବିସାବସୁ ସ୍ମୃତି ପୀଠର ଅଧିକ ବିକାଶ ପାଇଁ ସ୍ଥାନିୟ ଅଂଚଳବାସି ଙ୍କର ଦୃଷ୍ଟି ରହିବା ଦରକାର ।

ରଥରେ ବିଜେ କାଳିଆ ସାଆନ୍ତ

ସେମିଲିଗୁଡା, ୧୭/୦୭(ଜୟ ରାମ ଚୌଧୁରୀ):- ସେମିଲିଗୁଡା ଅଞ୍ଚଳରେ ପବିତ୍ର ରଥ ଯାତ୍ରା ଆଜକୁ ଶହ ଶହ ବର୍ଷରୁ ଉର୍ଦ୍ଧ୍ୱ ହବ ପାଳିତ ହୋଇ ଆସୁଅଛି । ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ଏହି ପବିତ୍ର ରଥ ଯାତ୍ରା ପାଳିତ ହୋଇଛି । ଏହି ପବିତ୍ର ଯାତ୍ରା ଦେଖିବା ପାଇଁ ପ୍ରଭୁ ଜଗନ୍ନାଥଙ୍କ କୃପା ପାଇବା ପାଇଁ କଳା ସାଆନ୍ତଙ୍କ ରଥ ଦୌଡ଼ିକୁ ଟିକେ ଛୁଇଁବା ପାଇଁ ମନକୁ ପବିତ୍ର କରିବା ପାଇଁ ସେମିଲିଗୁଡା ଅଞ୍ଚଳକୁ ଲାଗି ଥିବା ସୁନାବେଡା ଦାମନଯୋଡି ସେମିଲିଗୁଡା ଅଞ୍ଚଳରୁ ଶହ ଶହ ଭକ୍ତ ପ୍ରଭୁଙ୍କ ବଡ଼ ଦାଣ୍ଡରେ ଉପସ୍ଥିତ ହୋଇଛନ୍ତି । କାଳିଆ ସାଆନ୍ତଙ୍କ ଦର୍ଶନ ପାଇଁ ସମସ୍ତେ ମନ ବ୍ୟାକୁଳ ।- ହରିବୋଲ ହୁଳହୁଳିରେ ପ୍ରଭୁଙ୍କ ସ୍ନାନ ଉତ୍ସୁଳି ପଡୁଥାଏ ।ଚାରିଟା ସମୟ ପରେ ପ୍ରଭୁଙ୍କ ରଥ ଟଣା ଆରମ୍ଭ ହେଲା । ଛୋଟ ପିଲାଠାରୁ ବୁଢା ସମସ୍ତେ ପ୍ରଭୁଙ୍କ ରଥକୁ ଟାଣିବା ପାଇଁ ବ୍ୟାକୁଳ । ପ୍ରଭୁଙ୍କ ରଥକୁ ଶହ ଶହ ଭକ୍ତ ମନ୍ଦିର ପାଖରୁ ଟାଣି ଟାଣି ମାଉସୀମା ମନ୍ଦିର ପାଖରେ ପ୍ରଭୁଙ୍କ ରଥ ଲାଗିଲା । ମାଉସୀ ମା ମନ୍ଦିର ପାଖରେ ଭକ୍ତ ମାନେ ପ୍ରଭୁ କାଳିଆ ସାନ୍ତଙ୍କ ଦର୍ଶନ କରି ଜୀବନକୁ ଧନ୍ୟମନେ କଲେ ।

ଗଜପତିରେ ତେଜିଲେ ମହିଳା, ନଷ୍ଟ କଲେ ମହୁଲୀ ମଦ

ପାରଳାଖେମୁଣ୍ଡି, ୧୭/୭(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାରେ ବେଆଇନ ମଦ ବିକ୍ରି ବିରୁଦ୍ଧରେ ମହିଳାମାନେ ଏକତ୍ରିତ ଭାବେ ତେଜିଲେ । ମଦ ବେପାରୀଙ୍କ ଘରେ ପଶି ବେଆଇନ ବିକ୍ରି ପାଇଁ ଥିବା ମହୁଲି ମଦକୁ ମହିଳାମାନେ ନଷ୍ଟ କରିଥିବା ସୂଚନା ମିଳିଛି । ଘଟଣାଟି ଏହି ଜିଲ୍ଲାର ଅଡବା ଥାନା ଅନ୍ତର୍ଗତ ଗମ୍ଭାରୀ ଗ୍ରାମରେ ଘଟିଛି । ଏହି ଗ୍ରାମରେ ଗତ କିଛି ମାସ ହେବ ମଦ ବିକ୍ରୀ ବଢିବାରେ ଲାଗିଥିଲା । ଯାହାକୁ ନେଇ ଇତି ମଧ୍ୟରେ ଗମ୍ଭାରୀ ଓ କମ୍ଯାକୁ ଦୁଇ ଗ୍ରାମର ଶତାଧିକ ମହିଳା ଅଡବା ଥାନାର ଦ୍ୱାରସ୍ଥ ହୋଇ ମଦ ବିକ୍ରୀ ବନ୍ଦ କରିବା ପାଇଁ ଅଭିଯୋଗ କରିଥିଲେ । କିନ୍ତୁ ପୁଣି ମଦ ବିକ୍ରି ଚାଲୁଥିବା ବେଳେ ମଦ ବେପାରୀଙ୍କ ଘରେ ମହିଳାମାନେ ଏକତ୍ରିତ ହୋଇ ପ୍ରବେଶ କରି ବିକ୍ରୀ କରିବା ପାଇଁ ରଖା ଯାଇଥିବା ମଦକୁ ବାହାର କରି ମହିଳାମାନେ ନଷ୍ଟ କରିଥିଲେଓ ଆଗାମୀ ଦିନରେ ଯଦି ଏମିତି ଭାବେ ଗ୍ରାମରେ ବେଆଇନ୍ ଭାବେ ବିକ୍ରି କରିବେ ତାହେଲେ ଆଇନ୍ ହାତକୁ ନେବାକୁ ବାଧ ହେବୁ ବୋଲି ଦୁଇ ଗାଁର ମହିଳାମାନେ ଚେତାବନୀ ଦେଇଛନ୍ତି ।

ମୌଳିକ ସୁବିଧାରୁ ବଞ୍ଚିତ ଗୁଦାଦଣି ସମେତ ୪ ରୁ ଊର୍ଦ୍ଧ୍ୱ ଗ୍ରାମବାସୀ



ଶନିବାର ୧୮ ।୦୭ ।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ନୂଆପଡ଼ାରେ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକଙ୍କ ଦୁଇ ଦିନିଆ ଗସ୍ତ

ଖରିଆର ବ୍ଲକରେ ଜଳସଂରକ୍ଷଣ ଓ ଜୀବିକାଭିତ୍ତିକ ପ୍ରକଳ୍ପର ସ୍ଥଳ ପରିଦର୍ଶନ

ନୂଆପଡ଼ା, ୧୭/୦୭(ଅକ୍ଷର ଓଡିଶା)ଦୁଇ ଦିନିଆ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସିଥିବା ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ବିକାଶ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଆଜି ଖରିଆର ବ୍ଲକର ବିଭିନ୍ନ ପଞ୍ଚାୟତରେ ପରିଦର୍ଶନ କରି ମୃତ୍ତିକା ସଂରକ୍ଷଣ, ଜଳସଂରକ୍ଷଣ, କୃଷି ଓ ଜୀବିକାଭିତ୍ତିକ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଗସ୍ତ ଅବସରରେ ସେ ପ୍ରଥମେ ଦାବରୀ ପଞ୍ଚାୟତର ଭୈରାଜପୁର ଗ୍ରାମକୁ ଯାଇ ପ୍ରଧାନମନ୍ତ୍ରୀ କୃଷି ଶିଞ୍ଚାୟୀ ଯୋଜନା (PMKSY) ଅଧୀନରେ ବତକ ପାଳନ ପାଇଁ ସହାୟତା ପାଇଥିବା ଗୋମାତା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କର ବାର୍ଷିକ ଆୟ, ଜୀବିକାରେ ଆସିଥିବା ପରିବର୍ତ୍ତନ ଏବଂ ଯୋଜନାର ସଫଳତା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ସେ ସ୍ଥାନୀୟ ଚାଷୀ ଶରଣ ବଛାଙ୍କ ଜମିରେ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ମିଶି ଆମ୍ବ ଓ ନଡ଼ିଆ ଚାରା ରୋପଣ କରି ପରିବେଶ ସୁରକ୍ଷା ଓ ଫଳଚାଷକୁ ପ୍ରୋତ୍ସାହିତ କରିଥିଲେ।ପରବର୍ତ୍ତୀ ପର୍ଯ୍ୟାୟରେ ସେ ଚାଷୀ ଅଜିତ ହେର୍ଣ୍ଣା ଓ ଭାସ୍କର ହେର୍ଣ୍ଣାଙ୍କ ଖେତ ପୋଖରୀ ପରିଦର୍ଶନ କରିବା ସହ ନାରୀଶକ୍ତି ସଂଘ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ କୁକୁଡ଼ା ପାଳନ ପ୍ରକଳ୍ପ ବୁଲି ଦେଖିଥିଲେ। ଏଥିସହ ଚାଷ ଜମିରେ ନିର୍ମିତ ସ୍କିଲଓ୍ୱେ, ଟିଓ୍ୱେଲ୍ ଓ ଅନ୍ୟାନ୍ୟ ଜଳସଂରକ୍ଷଣ ଭିତ୍ତିଭୂମିର କାର୍ଯ୍ୟର ମଧ୍ୟ ସ୍ଥଳ ପରିଦର୍ଶନ କରିଥିଲେ। ଏହାପରେ ସେ ଦାବରୀ ପଞ୍ଚାୟତର ଜୁଗୁରାମ ମାଝୀ, ବିରଘାଟ ପଞ୍ଚାୟତର ହୃଦୟ ଶୁନାନୀ ଏବଂ ବାଦି ପଞ୍ଚାୟତର ପ୍ରସନ୍ନ ମାଝୀଙ୍କ ଜମିରେ ଜଳଧାରା ଯୋଜନା ଅଧୀନରେ ନିର୍ମିତ ଖେତ ପୋଖରୀ ପରିଦର୍ଶନ କରି କୃଷିରେ ଜଳ ସଂରକ୍ଷଣର ପ୍ରଭାବ ସମ୍ପର୍କରେ ଅବଗତ ହୋଇଥିଲେ। ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ପଣ୍ଡା ଅରେଡା ପଞ୍ଚାୟତରେ ମନରେଗା ଯୋଜନାରେ ସୃଷ୍ଟି ହୋଇଥିବା ୩ ହେକ୍ଟର ପରିମିତ ଆମ୍ବ ବଗିଚା ପରିଦର୍ଶନ କରି କାର୍ଯ୍ୟର ଗୁଣାତ୍ମକ ମାନ ଓ ଏହାର ଦୀର୍ଘମିଆଦି ଜୀବିକା ସୃଷ୍ଟି ସମ୍ଭାବନାକୁ ପ୍ରଶଂସା କରିଥିଲେ।ପରିଦର୍ଶନ ସମୟରେ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ। ନିର୍ଦ୍ଦେଶକ ଜଳସଂରକ୍ଷଣ, ମୃତ୍ତିକା ସଂରକ୍ଷଣ ଓ ଜୀବିକାଭିତ୍ତିକ ଯୋଜନାଗୁଡ଼ିକୁ ସମନ୍ୱିତ ଭାବେ କାର୍ଯ୍ୟକାରୀ କରି କୃଷକଙ୍କ ଆୟବୃଦ୍ଧି ଓ ସ୍ଥାୟୀ ଜୀବିକା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ବାଲିଗୁଡାରେ ଭକ୍ତିମୟ ପରିବେଶରେ ପାଳିତ ରଥଯାତ୍ରା

ବାଲିଗୁଡା ୧୭/୭ (ଅକ୍ଷର ଓଡିଶା): ଦିନ ସାରା ବର୍ଷା ସତ୍ତ୍ୱେ କନ୍ଧମାଳ ଜିଲ୍ଲାର ବାଲିଗୁଡା ଶ୍ରୀଜଗନ୍ନାଥ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁସାରେ ପବିତ୍ର ରଥଯାତ୍ରା ଭକ୍ତିମୟ ପରିବେଶ ସହ ପାଳିତ ହୋଇଛି। ହିନ୍ଦୁ ଧର୍ମରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ବିଶେଷ ମହତ୍ତ୍ୱ ରହିଥିବାବେଳେ ବଡ଼ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ମହାପ୍ରଭୁଙ୍କ ଏହି ଘୋଷଯାତ୍ରା ପ୍ରତିବର୍ଷ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ସହିତ ମାଉସୀ ଘରକୁ ଯାଇ ଥାନ୍ତି । ସକାଳୁ ସମସ୍ତ ନୀତିକାନ୍ତି ଓ ପୂଜାର୍ଚ୍ଚନା ସମ୍ପନ୍ନ ହେବା ପରେ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ପରେ ବାଲିଗୁଡା ଉପ ଜିଲ୍ଲାପାଳ ଶ୍ରୀମତୀ ପ୍ରଣୀତା ଦାସ ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ। ଏହି ଅବସରରେ ବାଲିଗୁଡା ତହସିଲଦାର ଦିପ୍ତି ପ୍ରକାଶ ବେହେରା ଥାନା ଅଧିକାରୀ ସମୀର କୁମାର ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ। ଅପରାହ୍ନରେ ବର୍ଷା ସତ୍ତ୍ୱେ ଆଖପାଖ ଅଞ୍ଚଳରୁ ପ୍ରାୟ ପାଞ୍ଚ ହଜାରରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯାତ୍ରା ଦର୍ଶନ ପାଇଁ ସମବେତ ହୋଇଥିଲେ। ରଥଯାତ୍ରାକୁ ସୁଚାରୁ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଗୁରୁବାର ସନ୍ଧ୍ୟା ପ୍ରାୟ ୭ ରେ ରଥ ଷ୍ଟାଡିଅମ ନିକଟ ମାଉସୀ ମନ୍ଦିର ପହଞ୍ଚିଥିଲା। ସେଠାରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ରଥଯାତ୍ରା ଦେଖିବା ପାଇଁ ବାଲିଗୁଡା ସହର ସମେତ ଆଖ ପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ରଥଯାତ୍ରା କୁ ଦର୍ଶକ କରିଥିଲେ।

ଦ୍ୱିତୀୟ ଦିନରେ ମାଉସୀମା ମନ୍ଦିର ପହଞ୍ଚିଲା ରଥ

ନନ୍ଦପୁର ୧୭/୭ , (ଶ୍ରୀରାମ ଖରା) ଐତିହାସିକ ନନ୍ଦପୁର ଜଗନ୍ନାଥ ମନ୍ଦିରର ରଥଯାତ୍ରା ବେଳେ ଗୁରୁବାର ରାସ୍ତାରେ ଅଟକି ରହିଥିବା ରଥ ଶୁକ୍ରବାର ୪ ଟା ସମୟରେ ମାଉସୀମା ମନ୍ଦିର ପହଞ୍ଚିଛି। ଗୁରୁବାର ପୁରୋହିତ ରାଜକିଶୋର ରଥଙ୍କ ଦ୍ୱାରା ରଥ ପ୍ରତିଷ୍ଠା ପରେ ବ୍ରାହ୍ମଣ ନିଯୋଗ ପହଣ୍ଡି ବିଜେ ନୀତି ସମ୍ପନ୍ନ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ କରିଥିଲେ।ଶୁକ୍ରବାର ଅପରାହ୍ନରେ ସଙ୍କ ଭକ୍ତ ଓ ପୋଲିସ କର୍ମଚାରୀଙ୍କ ଦ୍ୱାରା ପୁନଃ ରଥଟଣା ଯାଇଥିଲା। ରଥ ବିନା ବାଧାରେ ମାଉସୀମା ମନ୍ଦିର ପହଞ୍ଚିଥିଲା। ଗତକାଲି ରଥ ଉପରେ ଠାକୁର ଓ ତଳେ ପୋଲିସ, ତହସିଲ, ବ୍ଲକ ପ୍ରଶାସନ, ଦେବୋତ୍ତର କମିଟି ସଦସ୍ୟ ଓ ପୂଜକ ହଇରାଣ ହୋଇଥିଲେ। ଆଜି ରଥ ଓ ଠାକୁରଙ୍କୁ ମାଉସୀ ମା ମନ୍ଦିରରେ ପହଞ୍ଚିବା ପରେ ସମସ୍ତେ ଭାବବିହ୍ୱଳ ହେବା ସହ ଆସସ୍ଥ ହୋଇଥିଲେ। ପହଣ୍ଡି ପରେ ତିନି ଠାକୁର ଆଡ଼ପ ମଣ୍ଡପରେ ବିଜେ କରିଥିଲେ। ସନ୍ଧ୍ୟାରେ ଭକ୍ତଙ୍କୁ ମହ୍ୟ ଅବତାରରେ ଦର୍ଶନ ଦେଇଛନ୍ତି। ଦିତୀୟ ଦିନର ରଥଟଣା ସମୟରେ ତହସିଲଦାର ମହାରଣା, ଏସଡିପିଓ ଦେବେନ୍ଦ୍ର ମଲ୍ଲିକ, ଥାନାଧିକାରୀ ତ୍ରିନାଥ ତୋଟା ପାଡ଼ିଆ, ଏସଆଇ ବେଦୋବର ସାହୁ, ଏଏସଆଇ ଗୁପ୍ତେଶ୍ୱର ଗଉଡ, ରାଜସ ସୁପର ଭାଇଜର ସୋମନାଥ ମୁଦୁଲି, ନୀରିକ୍ଷକ ମଧୁ ସୁଦନ ଖେମୁଣ୍ଡୁ, ଦେବୋତ୍ତର କମିଟି ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ।

ଆଦିମ ଶ୍ରୀକ୍ଷେତ୍ର କୋଟିଆରେ ଦିନକ ପରେ ଗଡ଼ିଲା ରଥ

କୋରାପୁଟ ୧୭/୦୭/(ସମୀର)ଓଡ଼ିଶାର ଅଭିଛେଦ ଅଙ୍ଗ କୁହାଯାଉଥିବା କୋଟିଆ ରେ ଏକ ନିଆରା ରଥ ଯାତ୍ରା ପ୍ରତିବର୍ଷ ଦେଖିବାକୁ ମିଳିଥାଏ। ଯାହାକି ଆଦିମ ଶ୍ରୀକ୍ଷେତ୍ର କୁହାଯାଉଥିବା କୋଟିଆ ରେ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ର ମିଳିତ ଉଦ୍ୟମରେ ଏହି ରଥ ଯାତ୍ରା ପାଳନ କରାଯାଇଥାଏ ଏବଂ ସବୁଠାରୁ ବଡ଼ କଥା ହେଲା ରଥ ଯାତ୍ରା ଦିନ କେବଳ ଚତୁର୍ଦ୍ଧା

ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା କୋଟିଆ

ମୂର୍ତ୍ତିଙ୍କୁ ପହଣ୍ଡି ବିଜେକରି ରଥ ରୁଢା କରାଯାଇଥାଏ ଓ ତା ପରଦିନ ରଥ ଟଣାଯାଇଥାଏ । ସମ୍ପୂର୍ଣ୍ଣ ଆଦିବାସୀ ପରମ୍ପରା ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥାଏ। ରଥ ଟଣାଯାଇ ମାଉସୀ ମାଁ ମନ୍ଦିର ରେ ଚତୁର୍ଦ୍ଧା ମୂର୍ତ୍ତି ପହଞ୍ଚି ଥିବା ଜଣାପଡିଛି।ଶାବର ଶ୍ରୀକ୍ଷେତ୍ର ପୂଜକ ପ୍ରଶାନ୍ତ କୁମାର ପଣ୍ଡା ଏବଂ କୋଟିଆ ଜଗନ୍ନାଥ ଙ୍କ ପୂଜକ ମୁଗୁରୀ ତାଡିଙ୍ଗିଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ୍ , କୋରାପୁଟ ବିଧାୟକ ରଘୁରାମ ମାଛ , ପୁର୍ବତନ ସାଂସଦ ଜୟରାମ ପାଙ୍ଗି , ପୁର୍ବତନ ବିଧାୟକ ପ୍ରୀତମ ପାତ୍ରୀ , ବ୍ଲକ୍ ଅଧକ୍ଷା କଳ୍ପନା ପାଙ୍ଗି , କୋଟିଆ ସରପଞ୍ଚ ଲିଉ ଗେମେଲ୍ , ଜିଲ୍ଲା ପରିଷଦ ସଭ୍ୟ ଲଇଚନ ଖରା , ସମିତି ସଭ୍ୟା ଅମ୍ବିକା ପାଙ୍ଗି , ଅବସରପ୍ରାପ୍ତ ଜିଲ୍ଲାପାଳ ଗଦାଧର ପରିଡ଼ା ଙ୍କ ସମେତ ଜିଲ୍ଲାପାଳ ମନୋଜ୍ ସତ୍ୟବାନ ମହାଜନ , ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା , ସିଡିପିଓ ବେଣୁଧର ଶବର , ଏ ଡି ଏମ୍ , ସୁନାବେଡା ଏସଡିପିଓ ସୁମିତ୍ରା ଜେନା ,ପଟାଙ୍ଗି ବିଡ଼ିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ପ୍ରମୁଖ ଙ୍କ ସହ ବ୍ଲକ୍ କାର୍ଯ୍ୟାଳୟ କର୍ମଚାରୀ ଏବଂ ସୀମାନ୍ତ ବାସି ମିଳିମିଶି ରଥ ଟାଣି ଥିଲେ । ପୂର୍ବତ୍ତନ ସରପଞ୍ଚ ସିଧେଶ୍ୱର ଗେମେଲ ଛେରା ଫଁହରା କରିଥିବା ଜଣାପଡିଛି । କୋଟିଆ ର ଅଙ୍ଗନ ବାଦ କେନ୍ଦ୍ର ନିକଟରେ ରହିଥିବା ମାଉଁସିମା ମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ପଞ୍ଚାୟତରେ ରଥଟଣା କାର୍ଯ୍ୟକ୍ରମ କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ କୋଟିଆ , ପଟାଙ୍ଗି , ସେମିଳିଗୁଡା , ସୁନାବେଡା ଥାନାଧିକାରୀ ଯୋଗଦେଇ ସୁରକ୍ଷା ବ୍ୟବସ୍ଥା କୁ କଡାକଡି କରିଥିଲେ ।

ନଅ ଜଣ ଗଞ୍ଜେଇ ମାଫିଆ ଗିରଫ

ସୁବର୍ଣ୍ଣପୁର, ୧୭।୭(ଅକ୍ଷରଓଡିଶା) ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ତରଭା ଥାନା ଅଞ୍ଚଳ ଦେଇ ପ୍ରତିଦିନ ଗଞ୍ଜେଇ ଚୋରା ଚାଲାଣର ମୁଖ୍ୟ ରାସ୍ତା ତଥା ନିରାପଦ ରାସ୍ତା ଭାବୁଛନ୍ତି ଗଞ୍ଜେଇ ମାଫିଆ। କିନ୍ତୁ ଏହି ରାସ୍ତା ମଧ୍ୟ ନିରାପଦ ନୁହେଁ। କାରଣ ବାଟରେ ଜଗି ବସିଛି ତରଭା ପୋଲିସ। ତରଭା ପୋଲିସ ହାତରୁ ଖସି ପାରୁ ନାହାନ୍ତି ଗଞ୍ଜେଇ ମାଫିଆ। ଦୁଇଟି କାର୍ ଆଗପଛ ହୋଇ ଆସୁଥିବା ଦେଖି ପୋଲିସ ବାହିନୀ ଅଟକାଇ ଯାଞ୍ଚ କରିବାରୁ ଜରିବସ୍ତାରେ ୨୩କେ. ଜି. ୯୦୦ ଗ୍ରାମ୍ ଗଞ୍ଜେଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରି ଝାରଖଣ୍ଡ , ଲତେହାର୍ ଜିଲ୍ଲା ବରିଆତୁ ଗ୍ରାମର ଗୌତମ କୁମାର ପଶୱାନ୍ (୨୦) , ଛୋଟେଲାଲ ଠାକୁର (୨୧) , ଝାରଖଣ୍ଡ ରାଜ୍ୟର ମୋନାତୁ ଦିପଲାମୁ ପୋଲିସ ଷ୍ଟେସନ ଅଧିନସ୍ଥ ପ୍ରିନ୍ସ କୁମାର (୨୬), ଝାରଖଣ୍ଡ ପଲାମୁ ଜିଲ୍ଲା ଅନ୍ତର୍ଗତ ନଓ୍ୱାଜାଇପୁରମ ଥାନା ଅଧିନସ୍ଥ ମଦୁଲିଆ ଗ୍ରାମର ପଙ୍କଜ ପ୍ରସାଦ (୨୯) , ଝାରଖଣ୍ଡ ନଓ୍ୱାଗଡ ଥାନା ଲତେହାର ଗ୍ରାମର ଚନ୍ଦନ କୁମାର, ରାଉରକେଲା ସେକ୍ଟର ଦୁଇ ଅଞ୍ଚଳର ସୁମନ୍ତ ବିଶ୍ୱାଳ ଓ ବସଷ୍ଟାଣ୍ଡ ଅଞ୍ଚଳର ବଳାରଙ୍ଗି ସହିତ ଦୁଇଟି କାର୍ ଯାହାର ନମ୍ବର JH 01GN 6897,OD 02CF 572୪କୁ ଜବତ୍ କରିଥିଲେ। ପୁଣି ଗୁଞ୍ଜିମୁଣ୍ଡା ଛକ ପାଖରେ ଗୋଟିଏ ଧଳାରଙ୍ଗର କାର୍ ଯାର ନମ୍ବର OD 02CD 7402କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ସେଥିରେ ମଧ୍ୟ ୩୨ କେ.ଜି. ଗଞ୍ଜେଇଥିବା ଜାଣି ବିହାର ରାଜ୍ୟର ଆରା ଜିଲ୍ଲା ଚୌଧୁରିଆନା ଅଞ୍ଚଳର ଛୋଟୁଆଲିଅସ୍ ମହମ୍ମଦ୍ ଅଜିମ୍ (୨୮), ପାଟନା ପାଲିଗଞ୍ଜର ବିଶାଳ କୁମାର (୨୧) କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

ସୁରଙ୍ଗୀ ଗଡ଼ରେ ପାରମ୍ପରିକ ରଥଯାତ୍ରା ଅନୁଷ୍ଠିତ

ପାତ୍ରପୁର, ୧୭/୦୭:(ଅକ୍ଷର ଓଡିଶା) ପୁରୀ ସମେତ ଦେଶର ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳିତ ହୋଇଥିବା ବେଳେ, ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ସୁରଙ୍ଗୀ ଗଡ଼ରେ ଶୁକ୍ରବାର ପାରମ୍ପରିକ ବାସି ରଥଯାତ୍ରା ଭକ୍ତିମୟ ପରିବେଶ ମଧ୍ୟରେ ମହାଆଡ଼ମ୍ବରର ସହ ଅନୁଷ୍ଠିତ ହୋଇଯାଇଛି। ବର୍ଷ ବର୍ଷ ଧରି ଚାଲିଆସୁଥିବା ପରମ୍ପରା ଅନୁଯାୟୀ, ସୁରଙ୍ଗୀ ଗଡ଼ରେ ମୁଖ୍ୟ ରଥଯାତ୍ରାର ପରଦିନ ବାସି ରଥଯାତ୍ରା ପାଳନ କରାଯାଏ। ଚଳିତ ବର୍ଷ ମଧ୍ୟ ସେହି ପରମ୍ପରାକୁ ଅକ୍ଷୁଣ୍ଣ ରଖି ଶୁକ୍ରବାର ଅପରାହ୍ନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣାଯାଇ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିଥିଲା।ରଥ ଟାଣିବା ପାଇଁ ଶହ ଶହ ଶ୍ରଦ୍ଧାଳୁ ଉତ୍ସାହର ସହ ଯୋଗଦେଇଥିବା ବେଳେ, 'ଜୟ ଜଗନ୍ନାଥ' ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ସ୍ଥାନୀୟ ଅଞ୍ଚଳ ସମେତ ଆଖପାଖ ଗ୍ରାମରୁ ବହୁ ସଂଖ୍ୟକ ଭକ୍ତ ରଥଯାତ୍ରା ଦର୍ଶନ ପାଇଁ ସମବେତ ହୋଇଥିଲେ।ଭକ୍ତଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଜରଡ଼ା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବା ସହ ପର୍ଯ୍ୟାପ୍ତ ପୋଲିସ ବଳ ମୁତୟନ କରାଯାଇଥିଲା।ପରମ୍ପରା, ଭକ୍ତି ଓ ଆଧ୍ୟତ୍ମିକତାର ଅନନ୍ୟ ସମନ୍ୱୟରେ ସୁରଙ୍ଗୀ ଗଡ଼ର ବାସି ରଥଯାତ୍ରା ସମ୍ପନ୍ନ ହୋଇଥିଲା।

ସମୁଦ୍ରରେ ଭାସିଯାଇ ଯୁବକଙ୍କ ମୃତ୍ୟୁ

ଅନ୍ତରଙ୍ଗ ୧୭/୭:(ଅକ୍ଷର ଓଡ଼ିଶା) କେଳୁଣୀ ମୁହାଣ ନିକଟରେ ସମୁଦ୍ରରେ ଭାସିଯାଇ ମାଲକାନଗିରି ଜିଲ୍ଲା ମାଥିଲ୍ ଅଞ୍ଚଳର ରାମ ଭୋମିଆ(୨୨) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଗତକାଲି ଠାରୁ ନିଖୋଜ ଥିଲା ବେଳେ ସ୍ଥାନୀୟ ଲୋକେ କେଳୁଣୀ ମୁହଁ ନିକଟରୁ ଉଦ୍ଧାର କରିଥିଲେ। ଅନ୍ତରଙ୍ଗ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ନେବା ପରେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଛନ୍ତି । ଅନ୍ତରଙ୍ଗ ପୁଲିସ୍ ଖବର ପାଇ ସାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସମେତ ଶବ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ସୂଚନାନୁସାରେ ରାମ ଭୋମିଆ ଓ ଅନ୍ୟଜଣେ ଯୁବକ ୧୫ ଦିନ ତଳେ ଅନ୍ତରଙ୍ଗ ବ୍ଲକ କଣମଣରେ ଜୈନକ ବ୍ୟକ୍ତିଙ୍କ ଚିଙ୍ଗୁଡ଼ି ଘେରିରେ କାମ କରିବାକୁ କାମ କରିବାକୁ ଆସିଥିଲେ ।ଏ ଦୁଇଜଣ ପାଣିରେ ପଶି ଗଲା ବେଳେ ପାଣି ଅଧିକ ଥିବାରୁ ସାଥିରେ ଥିବା ଯୁବକ ପହଁରି ପଳାଇଥିଲା । କିନ୍ତୁ ରାମକୁ ଜମ ଜଗିବସିଲା ଭଳି ମୁହାଣରେ ପ୍ରବାହିତ ହେଉଥିବା ସ୍ରୋତ ଗଭୀର ପାଣି ଭିତରୁ ଟାଣିନେଇଥିଲା । ଫଳରେ ସେ ଟୁବିଯାଇ ଆଉ ଫେରିନଥିଲେ । ପାରିହୋଇଥିବା ଯୁବକ ଏ ବିଷୟରେ ଜାଣି ସ୍ଥାନୀୟ ଲୋକଙ୍କୁ କହିବା ପରେ ଗତକାଲି ରାତିସାରା ବହୁ ଖୋଜାଖୋଜି ବୁଡିଯାଇଥିବା ଯୁବକ କୌଣସିମତେ ଠାବ ହୋଇପାରିନଥିଲା । କେଳୁଣୀ ମୁହାଣର କିଛି ଦୂରରେ ମୃତ ଅବସ୍ଥାରେ ମିଳିଥିଲା ।

ଏନ୍ ଟି ପି ସି ତାଳଚେର ଥର୍ମାଲ୍‌ରେ ରଥଯାତ୍ରା

ଅନୁଗୋଳ ୧୭/୦୭ (ଅଜିତ)ଏନ୍ ଟି ପି ସି/ତାଳଚେର-ଏନ୍ ଟି ପି ସି ତାଳଚେର ଥର୍ମାଲ୍ ଟି ଟି ପି ସି ଟାଉନସିପ୍‌ରେ ଗଭୀର ଭକ୍ତି ଏବଂ ପାରମ୍ପରିକ ଉତ୍ସାହ ସହିତ ପବିତ୍ର ରଥଯାତ୍ରା ପର୍ବ ପାଳନ କରିଛି। ଏହି ମହାନ ଉତ୍ସବରେ କର୍ମଚାରୀ, ସେମାନଙ୍କ ପରିବାର, CISF କର୍ମଚାରୀ, ଠିକା କର୍ମଚାରୀ ଏବଂ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ, ଯାହା ବିଶ୍ୱାସ, ଭକ୍ତି ଏବଂ ଏକତାର ଏକ ସ୍ପନ୍ଦନଶୀଳ ପରିବେଶ ସୃଷ୍ଟି କରିଥିଲା।ପୂର୍ବାହ୍ନ ୧୧:୦୦ ଟାରେ ପବିତ୍ର ପହଣ୍ଡି ବିଜେ ସହିତ ଉତ୍ସବ ଆରମ୍ଭ ହୋଇଥିଲା, ଯେଉଁ ସମୟରେ ତିନି ଠାକୁରଙ୍କୁ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଭକ୍ତି ସଙ୍ଗୀତ ଏବଂ ''ଜୟ ଜଗନ୍ନାଥ'' ଧ୍ୱନି ମଧ୍ୟରେ ମନ୍ଦିରରୁ ସୁନ୍ଦର ଭାବରେ ସଜ୍ଜିତ ରଥରେ ବିଜେ କରାଇଥିଲେ। ଘଞ୍ଚଚଉ ତାଳଚେର ଥର୍ମାଲ୍‌ର ପ୍ରକଳ୍ପ ମୁଖ୍ୟ ବିଜୟ ଚାନ୍ଦ, ପ୍ରଭୁଙ୍କ ସମ୍ମୁଖରେ ନମ୍ରତା, ସମାନତା ଏବଂ ନିଃସାର୍ଥପର ସେବାର ପ୍ରତୀକ ପବିତ୍ର ଛେରା ପହଁରା କରିଥିଲେ। ରଥଯାତ୍ରା ଅପରାହ୍ନ ୩:୩୦ ରେ ଆରମ୍ଭ ହୋଇଥିଲା, ହଜାର ହଜାର ଭକ୍ତ ରଥକୁ ପ୍ରାୟ ୧.୫ କିଲୋମିଟର ଦୂରତାରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର TTPSରୁ ମାଉସୀମା ମନ୍ଦିର (TTPS ର ମନ୍ଦିର ପରିସର) ପର୍ଯ୍ୟନ୍ତ ଟାଣି ଟାଣି ନେଇଥିଲେ, ଯେଉଁଠାରେ ଦେବତାମାନେ ବାହୁଡା ଯାତ୍ରା ପର୍ଯ୍ୟନ୍ତ ବାସ କରିବେ। ସ୍ଥାନୀୟ ପୋଲିସ, CISF କର୍ମଚାରୀ, ସେଚ୍ଛାସେବକ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କ ଉଚ୍ଚୁଷ୍ଟ ସମନ୍ୱୟ ଏବଂ ସମର୍ଥନ ସହିତ ସନ୍ଧ୍ୟା ପ୍ରାୟ ୫:୩୦ ରେ ଶାନ୍ତିପୂର୍ଣ୍ଣ ଭାବରେ ରଥଯାତ୍ରା ଶେଷ ହୋଇଥିଲା।

ନିଟ୍‌ରେ ସଫଳ

ଶନିବାର ୧୮।୦୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ପେଲେଙ୍କ ୧୯୫୮ ବିଶ୍ୱକପ୍ ଜର୍ସି ୪୭ କୋଟି ଟଙ୍କାରେ ବିକ୍ରି

ନ୍ୟୁୟର୍କ, ୧୭/୦୭ :ବ୍ରାଜିଲ କିଂବଦନ୍ତି ପେଲେ ୧୯୫୮ ଫିଫା ବିଶ୍ୱକପ୍ ଫାଇନାଲ୍‌ରେ ପିନ୍ଧିଥିବା ଜର୍ସି ଶୁକ୍ରବାର ନିଲାମରେ ୪.୯ ମିଲିୟନ୍ ଆମେରିକୀୟ ଡଲାର ତଥା ଭାରତୀୟ ମୁଦ୍ରାରେ ୪୭ କୋଟି ଟଙ୍କାରେ ବିକ୍ରି ହୋଇଛି। ଏହା ଫୁଟ୍‌ବଲ୍ କିଂବଦନ୍ତିଙ୍କ ସହ ଜଡ଼ିତ ସ୍ମୃତିର ସବୁଠୁ ଦାମୀ ଜିନିଷ ବୋଲି ସୋଥେବାୟ କହିଛି। ସିଡେନ୍ ବିପକ୍ଷ ଫାଇନାଲ୍‌ରେ ୧୭ ବର୍ଷ ବୟସରେ ପେଲେ ଏହି ୧୦ ନମ୍ବର ଜର୍ସି ପିନ୍ଧିଥିଲେ। ତାଙ୍କ ଦଳ ଏହି ମ୍ୟାଚ୍‌କୁ ୫-୨ ଗୋଲ୍‌ରେ ଜିତି ପ୍ରଥମ ଥର ବିଶ୍ୱକପ୍ କରାୟତ୍ତ କରିଥିଲା। ଏହି ଜର୍ସି ନିଲାମରେ ୫ ଜଣ ବିଡର ୧୦ ବିଡ୍ ପକାଇଥିଲେ ବୋଲି ନିଲାମକାରୀ ସଂସ୍ଥା କହିଛି।

ଫୁଟ୍‌ବଲ୍ ଜର୍ସି ମଧ୍ୟରେ ଏହା ବିକ୍ରି ହେବାରେ ଦ୍ୱିତୀୟ ସର୍ବାଧିକ ଦର। ପୂର୍ବରୁ ୧୯୮୬ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷରେ ଆର୍ଜେଣ୍ଟିନା ପାଇଁ 'ହ୍ୟାଣ୍ଡ ଅଫ୍ ଗଡ୍' ଗୋଲ୍ ବେଳେ ଡିଏଗୋ ମାରାଡୋନା ପିନ୍ଧିଥିବା ଜର୍ସି ୯.୩ ଆମେରିକୀୟ ଡଲାର (ପ୍ରାୟ ୯୦ କୋଟି ଟଙ୍କା)ରେ ବିକ୍ରି ହୋଇଥିଲା। ୨୦୨୨ରେ ୮୨ ବର୍ଷ ବୟସରେ ମୃତ୍ୟୁ ବରଣ କରିଥିବା ପେଲେ ୧୯୫୮ ବିଶ୍ୱକପ୍ ଫାଇନାଲ୍‌ରେ ୨ଟି ଗୋଲ୍ ଦେଇଥିଲେ। ତାଙ୍କ ନାମରେ ବିଶ୍ୱକପ୍ ଫାଇନାଲ୍‌ରେ ଗୋଲ୍ କରିବାରେ ସର୍ବକନିଷ୍ଠ ଖେଳାଳି ରହିଛି। ପୂର୍ବରୁ ଏହି ସାର୍ଟ ୨୦୦୪ରେ ୭୦,୫୦୫ ପାଉଣ୍ଡ ତଥା ୧୦୫.୬୦୦ ଆମେରିକୀୟ ଡଲାରରେ ବିକ୍ରି ହୋଇଥିଲା ବୋଲି ସୋଥେବାୟ ପକ୍ଷରୁ ଜଣାପଡ଼ିଛି।

ଭାରତ-ଇଂଲଣ୍ଡ ଦ୍ୱିତୀୟ ଦିନିକିଆ

୪ ୱିକେଟ୍‌ରେ ଜିତିଲା ଇଂଲଣ୍ଡ

ନୂଆଦିଲ୍ଲୀ, ୧୭/୦୭ : ଦ୍ୱିତୀୟ ଦିନିକିଆରେ ଭାରତକୁ ୪ ୱିକେଟ୍‌ରେ ହରାଇ ଦେଇଛି ଇଂଲଣ୍ଡ। ଏଥି ସହିତ ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ୧-୧ ସ୍ଥିତିକୁ ଚାଲି ଆସିଛି। ଅପ୍ରତ୍ୟାଶିତ ବ୍ୟାଟିଂ ବିପର୍ଯ୍ୟୟ ସହ ୨୩୩ ରନ୍ କରିଥିଲା ଭାରତ। ଜୋ ରୁଟ୍‌ଙ୍କ ଧୈର୍ଯ୍ୟଭରା ପାଳି (୧୩୩ ବଲ୍‌ରୁ ୯୯) ଇଂଲଣ୍ଡ ପାଇଁ ନିର୍ଣ୍ଣାୟକ ହୋଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରିତ ଭାରତ ପାଇଁ ଅଧିନାୟକ ଶୁବମନ ଗିଲ୍ ଏବଂ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ଭାଗୀଦାର ଗଢ଼ିପାରିନଥିଲେ। ଗିଲ ୩୦ ବଲ୍‌ରୁ ୩୧ ରନ୍ ଏବଂ ସଂଘର୍ଷରତ ରୋହିତ ୪୭ ବଲ୍‌ରୁ ୨୬ ରନ୍ କରି ପ୍ୟାଭିଲିଅନ୍ ଫେରିଯାଇଥିଲେ। ଅସୁସ୍ଥ କେଏଲ୍ ରାହୁଲଙ୍କ ବଦଳରେ ଆଉ ଏକ ସୁଯୋଗ ପାଇଥିବା ଇଶାନ କିଶନ୍ (୧) ବି ଫାଇଦା ଉଠାଇ ପାରିନଥିଲେ।

ତେବେ ବିରାଟ କୋହଲି (୬୬ ବଲ୍‌ରୁ ୬୫ ରନ୍) ଏବଂ ଶ୍ରେୟସ ଆୟର (୭୧ ବଲ୍‌ରୁ ୬୬ ରନ୍) ଅର୍ଦ୍ଧଶତକ ହାସଲ କରିବା ଭାରତ ପାଳିକୁ ସମ୍ଭାଳିନେଇଥିଲା। ଉଭୟ ଚତୁର୍ଥ ୱିକେଟ୍ ପାଇଁ ୬୭ ରନ୍ ଯୋଡ଼ିଥିଲେ। ଉଭୟଙ୍କ ବିଦାୟ ପରେ ଭାରତ ଅପ୍ରତ୍ୟାଶିତ ଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୱାଶିଂଟନ୍ ସୁନ୍ଦର (୨), ଅକ୍ଷର ପଟେଲ୍ (୧), ଶିବମ ଦୁବେ (୦)ଙ୍କ ବିଫଳତା କାରଣରୁ ଭାରତ ୨୩୩ ରନ୍‌ରେ ଅଟକିଯାଇଥିଲା। ବୁମ୍ରା (୧୩ ବଲ୍‌ରୁ ୨୦ଟ ରନ୍, ୩ ଚୌକା, ୧ ଛକା) ଏକ ଆକର୍ଷଣୀୟ ତଥା ଛୋଟ ପାଳିଟିଏ ଖେଳି ସମ୍ମାନ ରଖିଥିଲେ।

- ଶୃଙ୍ଖଳା ୧-୧ରେ ବରାବର
- ଇଂଲଣ୍ଡକୁ ଜିତାଇଲେ ରୁଟ୍

ସଂକ୍ଷିପ୍ତ ସ୍କୋର: ଭାରତ ୪୪ ଓଭରରେ ୨୩୩/୧୦ (ଶ୍ରେୟସ ଆୟର-୬୬, ବିରାଟ କୋହଲି-୬୫, ଶୁବମନ ଗିଲ୍-୩୧, ଜୋଫ୍ରା ଆର୍ଚର-୩/୪୭, ଗସ ଆଟକିନ୍‌ସନ୍-୩/୫୦, ସକିବ ମେହମ୍ମୁଦ-୨/୫୨)। ଇଂଲଣ୍ଡ ୪୪.୧ ଓଭରରେ ୨୩୫/୬ (ଜୋ ରୁଟ୍-୯୯ଅ, ୱିଲ୍ ଜ୍ୟାକ୍ସ-୩୦, ଗସ୍ ଆଟକିନ୍‌ସନ୍-୨୩ଅ, ଗୁରନୂର ବ୍ରାର୍-୨/୬୬, ଶିବମ ଦୁବେ-୧/୩୨, ଅକ୍ଷର ପଟେଲ୍-୧/୩୫, ଯଶପ୍ରୀତ୍ ବୁମରା-୧/୪୫, ପ୍ରସିଦ୍ଧ କୃଷ୍ଣ-୧/୫୨)।

ନିନ୍ଦୁକଙ୍କ ମୁହଁ ବନ୍ଦ କଲେ ମେସି

ଆଟଲାଣ୍ଟା, ୧୭/୦୭ : ଚଳିତ ଫିଫା ଫୁଟ୍‌ବଲ୍ ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ୮୪ ମିନିଟ୍ କାଳ ଗୋଟିଏ ଗୋଲ୍‌ରେ ପଛୁଆ ରହିବା ପରେ ନାଟକୀୟ ପ୍ରତ୍ୟାବର୍ତ୍ତନ ସହ ୨-୧ରେ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିବା ପରେ ଆର୍ଜେଣ୍ଟିନାର ମହାନ ଖେଳାଳି ଲିଓନେଲ ମେସି ବଡ଼ ବୟାନ ଦେଇଛନ୍ତି। ଏହି ବିଜୟ ନିନ୍ଦୁକଙ୍କ ମୁହଁ ବନ୍ଦ କରିବାକୁ ଯଥେଷ୍ଟ ବୋଲି କହିବା ସହ ଆର୍ଜେଣ୍ଟିନା ବିରୋଧରେ ଏଣ୍ଡତେଣ୍ଡ କହିବାରୁ ବିରତ ରହିବାକୁ ନିନ୍ଦୁକଙ୍କୁ ପରାପର୍ଶ ଦେଇଛନ୍ତି ସେ। ମେସି କହିଛନ୍ତି, ଏହି ବିଜୟ ମାଧ୍ୟମରେ ଆମ ଦଳ ସମାଲୋଚକଙ୍କ ପାଇଁ ଅର୍ଥହୀନ କଥା କହିବାର ବାଟ ବନ୍ଦ କରି ଦେଇଛୁ। ମ୍ୟାଚ୍ ପରେ ଦେଇଥିବା ସାକ୍ଷାତକାରରେ ମେସି ଆହୁରି କହିଛନ୍ତି, ଆମେ ଆର୍ଜେଣ୍ଟିନାବାସୀ ସବୁବେଳେ ଅଧିକ ଆଶା କରିଥାଉ। ଯଦି ଆଜି ଆମେ ଇଂଲଣ୍ଡଠାରୁ ହାରିଯାଇଥାନ୍ତୁ, ତେବେ ଅନେକ ଲୋକ ଆମକୁ ନେଇ ଅନେକ କଥା କହିଥା'ନ୍ତେ। କିନ୍ତୁ ଆମେ ସେମାନଙ୍କୁ ସେହି ସୁଯୋଗ ଦେଇନୁ।

ବିଶ୍ୱକପ୍ ଫାଇନାଲ୍ ଦେଖିବେ ଟ୍ରମ୍ପ

ନ୍ୟୁୟର୍କ, ୧୭/୦୭ : ରବିବାର ନ୍ୟୁୟର୍କର ନ୍ୟୁଜର୍ସି ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଚଳିତ ଫିଫା ବିଶ୍ୱକପ୍ ଫାଇନାଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯୋଗଦେବେ ବୋଲି ହ୍ୱାଇଟ୍ ହାଉସ୍ ଗଣମାଧ୍ୟମ ସମ୍ପାଦକ କାରୋନିଲ ଲିଆଭିଟ୍ ଶୁକ୍ରବାର ସୂଚନା ଦେଇଛନ୍ତି। ଏହି ଟ୍ରଫି ଲଢ଼େଇରେ ଆର୍ଜେଣ୍ଟିନା ଓ ସ୍ପେନ୍ ମୁହାଁମୁହିଁ ହେବେ। ଏକ ସାମ୍ବାଦିକ ସମ୍ମିଳନୀରେ ଲିଆଭିଟ୍ କହିଛନ୍ତି ଯେ ''ଆମେ ରବିବାରର ଫାଇନାଲ ମ୍ୟାଚ୍‌କୁ ଅପେକ୍ଷା କରିଛୁ। ମୁଁ ଜାଣିଛି ରାଷ୍ଟ୍ରପତି ଏଥିରେ ସାମିଲ ହେବେ। ତାଙ୍କର ଉପସ୍ଥିତିରେ ଆମେରିକା ଇତିହାସରେ ସବୁଠୁ ଅଧିକ ଲୋକ ଦେଖିଥିବା, ସୁରକ୍ଷିତ ଏବଂ ଅଧିକ ସଫଳ ବିଶ୍ୱକପ୍‌ର ପରିସମାପ୍ତି ହେବ।' ଟ୍ରମ୍ପ୍ କେଉଁ ଦଳକୁ ସମର୍ଥନ କରନ୍ତି ପ୍ରଶ୍ନରେ ସେ କହିଥିଲେ, ତାଙ୍କ ପସନ୍ଦ ମୁଁ କହିପାରିବିନି। ସେ ଆପଣମାନଙ୍କୁ ଏହି ମଜାଳିଆ ପ୍ରଶ୍ନର ଉତ୍ତର ଦେଇପାରିବେ।'' ଶନିବାର ନ୍ୟୁୟର୍କ ସିଟି ସ୍ଥିତ ଟ୍ରମ୍ପ ଟାୱରରେ ହେବାକୁଥିବା ଫିଫା ନୈଶ୍ୟଭୋଜିରେ ଆମେରିକା ରାଷ୍ଟ୍ରପତି ଯୋଗ ଦେବେ ବୋଲି ଲିଆଭିଟ୍ ଏହି ଅବସରରେ ସୂଚନା ଦେଇଛନ୍ତି।

ଜାପାନ ଓପନ୍ ସେମିରେ ସିନ୍ଧୁ

ଟୋକିଓ: ଚଳିତ ଜାପାନ ଓପନ୍ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଭାରତୀୟ ମହିଳା ତାରକା ଖେଳାଳି ପିଭି ସିନ୍ଧୁ ସହଜରେ ସ୍ଥାନ ପକ୍କା କରି ନେଇଛନ୍ତି। ଶୁକ୍ରବାର ପୂର୍ବତନ ବିଶ୍ୱ ବିଜୟିନୀ ସ୍ଥାନୀୟ ଖେଳାଳି ନୋଜୋମି ଓକୁହାରାଙ୍କ ବିପକ୍ଷରେ ତାଙ୍କର ମ୍ୟାଚ୍ ଥିଲା। ହେଲେ ଏହି ଜାପାନୀ ଖେଳାଳି ଆହତ ଜନିତ କାରଣ ଯୋଗୁଁ ଓହରି ଯିବାରୁ ସିନ୍ଧୁ ପ୍ରାୟ ୩ ବର୍ଷ ପରେ ସୁପର ୭୫୦ ଟୁର୍ଣ୍ଣାମେଣ୍ଟ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏଥିପୂର୍ବରୁ ସିନ୍ଧୁ ୨୦୨୨ ଇଣ୍ଡିଆ ଓପନ୍ ଫାଇନାଲ୍‌ରେ ପହଞ୍ଚିଥିଲେ। ଦୁଇ ଅଲିମ୍ପିକ୍ସ ପଦକ ବିଜୟିନୀ ସିନ୍ଧୁ ୱାକ୍‌ଓଭର ପାଇ ଡେନ୍ମାର୍କ ଓପନ୍ ୨୦୨୩ ପରେ ପ୍ରଥମ ସୁପର ୭୫୦ର ସେମିଫାଇନାଲ୍ ଏବଂ ଚଳିତ ଋତୁର ତୃତୀୟ ସେମିଫାଇନାଲ୍‌ରେ ପହଞ୍ଚିଥିଲେ। ଏଥିସହ ସିନ୍ଧୁ ମାନ୍ୟତାର ଗୋଟିଏ ସ୍ଥାନ ଉଠି ନବମରେ ପହଞ୍ଚିଛନ୍ତି। ଶନିବାର ସେମିଫାଇନାଲ୍‌ରେ ସେ ପୂର୍ବତନ ଅଲିମ୍ପିକ୍ ବିଜୟିନୀ ବିଶ୍ୱର ୪ ନମ୍ବର ଚୀନ୍ ଖେଳାଳି ଚେନ୍ ୟୁଫେଇଙ୍କୁ ଭେଟିବେ। କ୍ୱାର୍ଟରଫାଇନାଲ୍‌ରେ ୟୁଫେଇ ୨୧-୧୦, ୨୧-୧୨ରେ ଦକ୍ଷିଣ କୋରିଆର ସିମ୍ ୟୁନ୍ ଜିନ୍‌ଙ୍କୁ ପରାସ୍ତ କରିଥିଲେ। ୟୁଫେଇଙ୍କ ବିପକ୍ଷରେ ସିନ୍ଧୁଙ୍କ ବିଜୟବ୍ୟବଧାନ ୬-୮ ରହିଛି। ତାଙ୍କୁ ଭେଟିଥିବା ଶେଷ ୫ ମ୍ୟାଚ୍‌ରେ ସିନ୍ଧୁ ହାରିଛନ୍ତି। ଶନିବାର ଏହି ଧାରା ଭାଙ୍ଗି ସିନ୍ଧୁ ପ୍ରାୟ ୩ ବର୍ଷ ପରେ ସୁପର ୭୫୦ ଟ୍ରଫି ତୋଳିଧରିବାର ଆଶା ରଖିଛନ୍ତି।

୧୭ ବର୍ଷରୁ କମ୍ ଏସିଆ କପ୍ କ୍ୱାଲିଫାୟର୍ସ

କୁଆଲାଲୁମ୍ପୁର, ୧୭/୦୭ : ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ୍ ଦଳ ତା'ର ଏଏଫ୍‌ସି ଏସୀୟ କପ୍ କ୍ୱାଲିଫାୟର୍ସ ଅଭିଯାନ ଇରାକ ବିପକ୍ଷରୁ ଆରମ୍ଭ କରିବ। ଅକ୍ଟୋବର ୫ରୁ ୧୧ ତାରିଖ ପର୍ଯ୍ୟନ୍ତ କୁଆଲାଲୁମ୍ପୁରଠାରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଲାଗି ଗୁରୁବାର ଏସୀୟ ଫୁଟ୍‌ବଲ୍ ମହାସଙ୍ଘ (ଏଏଫ୍‌ସି) ସୂଚୀ ଘୋଷଣା କରିଛି। ଭାରତ ଗ୍ରୁପ୍-ଇ'ରେ ଇରାକ, ମାଲେସିଆଓ ସିରିୟା ସହ ରହିଛି। ଇରାକ ବିପକ୍ଷ ମ୍ୟାଚ୍ ପରେ ସିରିୟା ଓ ମାଲେସିଆ ବିପକ୍ଷରେ ଖେଳିବ ଭାରତ। ଏହି ଗ୍ରୁପ୍ ବିଜେତା ଦଳ ଆସନ୍ତା ବର୍ଷ ମାର୍ଚ୍ଚ ୩୧ରୁ ଏପ୍ରିଲ୍ ୧୭ ତାରିଖ ପର୍ଯ୍ୟନ୍ତ ଚୀନ୍‌ର ସୁଝୌରେ ହେବାକୁ ଥିବା ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍ ଲାଗି ଯୋଗ୍ୟତା ଅର୍ଜନ କରିବ। ଗତ ସଂସ୍କରଣ ଏସୀୟ କପ୍‌ର ନକ୍‌ଆଉଟ୍ ପର୍ଯ୍ୟାୟରେ ପହଞ୍ଚି ଇତିହାସ ରଚିଥିଲା। ପୁଣି ଥରେ ଏସୀୟ କପ୍‌କୁ ଯୋଗ୍ୟତା ଅର୍ଜନ କରିବାର ଲକ୍ଷ୍ୟ ରଖିଛି ଭାରତ। କ୍ୱାଲିଫାୟର୍ସରେ ୮ ଗ୍ରୁପ୍‌ର ଶୀର୍ଷ ଦଳ ୧୧ତମ ଏସୀୟ କପ୍‌ରେ ଗତ ସଂସ୍କରଣ ୪ ଦଳ ସହ ଯୋଗଦେବେ। ଏସୀୟ କପ୍‌ର ୪ ସେମିଫାଇନାଲିଷ୍ଟ ଆସନ୍ତା ବର୍ଷ ମରକ୍କୋରେ ହେବାକୁ ଥିବା ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବ।

ବିଜୟ ସହ ଡେସ୍‌ଚାମ୍ପ୍‌ସଙ୍କୁ ବିଦାୟ ଦେବା ଲକ୍ଷ୍ୟରେ ଫ୍ରାନ୍ସ

ମିଆମି, ୧୭/୦୭ : ଚଳିତ ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ପରାଜୟ ବରଣ କରିଥିବା ଫ୍ରାନ୍ସ ଓ ଇଂଲଣ୍ଡ ଶନିବାର ରାତି ୨.୩୦ରେ କାଂସ୍ୟ ପଦକ ବା ତୃତୀୟ ସ୍ଥାନ ପାଇଁ ମିଆମି ଷ୍ଟାଡିୟମ୍‌ରେ ମୁହାଁମୁହିଁ ହେବେ। ଏହି ମ୍ୟାଚ୍ ଡିଡିଅର୍ ଡେସ୍‌ଚାମ୍ପ୍‌ସଙ୍କ ପାଇଁ ଫ୍ରାନ୍ସ ଦାୟିତ୍ୱ ନେବାର ଶେଷ ମ୍ୟାଚ୍ ହେବ। ସେହିଭଳି ଏହି ମ୍ୟାଚ୍ କିଲିଆନ୍ ଏମ୍‌ବାପେ ପାଇଁ କିଛି ବ୍ୟକ୍ତିଗତ ରେକର୍ଡ କରିବାର ସୁଯୋଗ ଆଣିବ। ଲଗାତାର ତୃତୀୟ ବିଶ୍ୱକପ୍ ଫାଇନାଲ୍ ଖେଳିବାକୁ ଆଶା ରଖିଥିବା ଫ୍ରାନ୍ସକୁ ୨-୦ରେ ହରାଇ ସ୍ପେନ୍ ଏଥିରେ ପାଣି ଭରି ଦେଇଥିଲା। ଅନ୍ୟପକ୍ଷରେ ଆରମ୍ଭରୁ ଆଗରେ ରହିଥିବା ଇଂଲଣ୍ଡ ଶେଷ ସମୟରେ ପଛରେ ପଡ଼ି ୧-୨ରେ ଆର୍ଜେଣ୍ଟିନାଠୁ ସେମିଫାଇନାଲ୍‌ରେ ହାରି ଫାଇନାଲ୍‌ରୁ ଟ୍ରଫି ଦୌଡ଼ରୁ ବଞ୍ଚିତ ହୋଇଥିଲା। ସେମିଫାଇନାଲ୍ ପରାଜୟ ପରେ ୧୪ ବର୍ଷ ଧରି ଫ୍ରାନ୍ସ ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିଥିବା ଡେସ୍‌ଚାମ୍ପ୍‌ସ ଇସ୍ତଫା ଦେଇଥିଲେ। ୨୦୧୮ରେ ତାଙ୍କ ପ୍ରଶିକ୍ଷଣରେ ଦଳ ବିଶ୍ୱକପ୍ ଜିତିଥିଲା ବେଳେ ୨୦୨୨ରେ ଉପବିଜେତା ହୋଇଥିଲା। ବିଶ୍ୱକପ୍ ବିଜୟ ସହ ଡେସ୍‌ଚାମ୍ପ୍‌ସ ବିଦାୟ ନେବାକୁ ଆଶା ରଖିଥିଲେ। ହେଲେ ଏହା ହୋଇ ପାରି ନଥିବାରୁ ଫ୍ରାନ୍ସକୁ ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରେ ଶକ୍ତି ଭାବେ ପ୍ରତିଷ୍ଠା କରିଥିବା ଡେସ୍‌ଚାମ୍ପ୍‌ସଙ୍କୁ କାଂସ୍ୟ ଜିତି ବିଦାୟ ଦେବାକୁ ଦଳ ଲକ୍ଷ୍ୟ ରଖିଛି। ୪୮ ଦଳୀୟ ଏହି ପ୍ରତିଯୋଗିତାରେ ଚମତ୍କାର ଖେଳି ସେମିଫାଇନାଲ୍‌ରେ ପହଞ୍ଚିଥିବା ଏହି ଦୁଇ ଦଳ ବିଶ୍ୱକପ୍ ଆଶାରେ ରହିଥିଲେ। ହେଲେ ଏହା ହୋଇପାରି ନଥିଲା। ଏବେ କ୍ଲାନ୍ତ ହୋଇ ପଡ଼ିଥିବା ଖେଳାଳିଙ୍କ ପାଇଁ ଦକ୍ଷିଣ ଆମେରିକାରେ କାଂସ୍ୟ ଜିତି ଆଶ୍ୱସନା ପାଇବାର ବେଳ ଆସିଛି। ଅନ୍ୟପକ୍ଷରେ ଫ୍ରାନ୍ସର ତାରକା ଷ୍ଟ୍ରାଇକର୍ ଏମ୍‌ବାପେଙ୍କ ପାଇଁ ଏହି ମ୍ୟାଚ୍ ଗୋଲ୍‌ଡେନ୍ ବୁଟ୍ ଜିତିବାର ସୁଯୋଗ ଦେବ। ୨୭ ବର୍ଷୀୟ ଏହି ଫ୍ରାନ୍ସ ଅଧିନାୟକ ଚଳିତ ବିଶ୍ୱକପ୍‌ରେ ୮ ଗୋଲ୍ କରିଥିଲା ବେଳେ ୩ଟି ସହାୟତା କରି ଦୌଡ଼ରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଫାଇନାଲ୍ ଖେଳିବାକୁ ଥିବା ମେସି ୮ ଗୋଲ୍ ସହ ୪ଟିରେ ସହାୟତା କରି ପ୍ରଥମ ସ୍ଥାନରେ ରହିଛନ୍ତି। ଏମ୍‌ବାପେ ମଧ୍ୟ ବିଶ୍ୱକପ୍‌ରେ ୨୦ ଗୋଲ୍ କରି ମେସି (୨୧)ଙ୍କ ପଛକୁ ଦ୍ୱିତୀୟରେ ରହିଛନ୍ତି। ଏବେ ତାଙ୍କୁ ବିଶ୍ୱକପ୍ ସର୍ବାଧିକ ଗୋଲ୍ ରେକର୍ଡ ଲାଗି ଏହି ମ୍ୟାଚ୍ ବି ସୁଯୋଗ ଆଣିବ।

ଆଜି କାଂସ୍ୟ ଲଢ଼େଇ

ମହିଳା ହକି ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷିତ

ନୂଆଦିଲ୍ଲୀ, ୧୭/୦୭ : ଆଗାମୀ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍‌ଲାଗି ଶୁକ୍ରବାର ହକି ଇଣ୍ଡିଆ ୨୦ ଜଣିଆ ଦଳ ଘୋଷଣା କରିଛି। ଏହି ଦଳର ନେତୃତ୍ୱ ଭାର ମିଡ୍‌ଫିଲ୍ଡର ସଲିମା ଟେଟେଙ୍କୁ ମିଳିଛି। ଦଳରେ ଏକ ମାତ୍ର ଓଡ଼ିଆ ଖେଳାଳି ଭାବେ ସୁନେଲିତା ଟୋପ୍‌ପୋ ସ୍ଥାନ ପାଇଛନ୍ତି। ବେଙ୍ଗାଲୁରୁରେ ଚାଲିଥିବା ଜାତୀୟ ଶିବିରରୁ ଏହି ଚୂଡ଼ାନ୍ତ ଦଳ ବଛାଯାଇଛି। ଗତମାସରେ ନ୍ୟୁଜିଲାଣ୍ଡରେ ଆୟୋଜିତ ନେସନ୍ସ କପ୍‌ରେ ଭାରତ ଅପରାଜେୟ ରହି ଟ୍ରଫି ଜିତିଥିଲା। ଏହି ଧାରା ବିଶ୍ୱକପ୍‌ରେ ରଖିବା ଲାଗି ମୁଖ୍ୟପ୍ରଶିକ୍ଷକ ଜୋଏର୍ଡ ମାରିନ୍ ଆଶା ରଖିଛନ୍ତି।

ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ବିଶ୍ୱକପ୍‌କୁ ନେଦରଲାଣ୍ଡ୍‌ସଓ ବେଲ୍‌ଜିୟମ୍ ମିଳିତ ଭାବେ ଆୟୋଜନ କରୁଛନ୍ତି। ଏଥିରେ ଭାରତ ପୁଲ୍-ଡି'ରେ ଚୀନ୍, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସହ ରହିଛି। ଭାରତ ତା'ର ସମସ୍ତ ପୁଲ୍ ମ୍ୟାଚ୍ ନେଦରଲାଣ୍ଡ୍‌ସର ଆମ୍ଷ୍ଟଲଭିନସ୍ଥିତ ୱାଗେନର ହକି ଷ୍ଟାଡିୟମ୍‌ରେ ଖେଳିବ। ଅଗଷ୍ଟ ୧୬ରେ ଚୀନ୍ ବିପକ୍ଷରେ ଅଭିଯାନ ଆରମ୍ଭ କରିବା ପରେ ଭାରତ ଅଗଷ୍ଟ ୧୮ରେ ଦକ୍ଷିଣ ଆଫ୍ରିକା ଓ ୨୦ରେ ଇଂଲଣ୍ଡ ବିପକ୍ଷରେ ଖେଳି ପୁଲ୍ ପର୍ଯ୍ୟାୟ ଶେଷ କରିବ।

ଭାରତୀୟ ମହିଳା ହକି ଦଳ: ଗୋଲି-ସବିତା, ବିଚୁ ଦେବୀ ଖାରିବାମ୍, ଡିଫେଣ୍ଡର-ଈଶିକା ଚୌଧୁରୀ, ସୁଶିଲା ଚାନୁ ପୁଖ୍ରାମ୍‌ବାମ୍, ଲାଲଥାନ୍ତଲୁଆଙ୍ଗୁ, ଜ୍ୟୋତି, ଶିଳ୍ପୀ ଦାବାସ, ମିଡ୍‌ଫିଲ୍ଡର-ନିକ୍କି ପ୍ରଧାନ, ସାକ୍ଷୀ ରାଣା, ସୁନେଲିତା ଟୋପ୍‌ପୋ, ସଲିମା ଟେଟେ (ଅଧିନାୟିକା), ନେହା, ଦୀପିକା ସୋରେଙ୍ଗ, ଫରୱାର୍ଡ-ଲାଲରେମସିଆମି, ରତୁଜା ଦାଦାସାଓ ପିସାଲ, ନବନୀତ କୌର, ଈଶିକା, ବଲଜିତ କୌର, ବିଉଟି ଡୁଙ୍ଗ୍‌ଡୁଙ୍ଗ୍।



ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by BHARAT KUMAR BEHERA, Published at -99/6, Kalinga Vihar, Bhubaneswar-751019. Printed at PRINT-TECH OFFSET PVT. LTD., F-66/1 & 2, Chandaka Industrial Area, Bhubaneswar-751024.
T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera